


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୪ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 04 DECEMBER 2023
Vol.No. 34 ■ No. 317■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ତିନି ରାଜ୍ୟରେ ଫୁଟିଲା ପଦ୍ମ

# ତେଲଙ୍ଗାନାରେ ଜିତିଲା କଂଗ୍ରେସ




➡ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଅଶୋକ ଗେହଲଟ: ରାଜସ୍ଥାନ ରାଜ୍ୟପାଳଙ୍କୁ ଭେଟି ଦେଲେ ଇସ୍ତଫା

➡ ରାଜ୍ୟପାଳଙ୍କ ପାଖକୁ ଇସ୍ତଫା ପତ୍ର ପଠାଇଲେ ମୁଖ୍ୟମନ୍ତ୍ରୀ କେସିଆର

➡ ୨୦୦ଟି ଆସନରେ ପ୍ରାର୍ଥୀ ଦେଇଥିଲା ଆପ୍: ଖାତା ଖୋଲି ପାରିଲାନି

ନୂଆଦିଲ୍ଲୀ, ୦୩/୧୨ : ୨୦୧୮ରେ କଂଗ୍ରେସ ଯେଉଁ ସଫଳତା ପାଇଥିଲା, ତା'କୁ ୨୦୨୩ରେ ଦୋହରାଇଛି ବିଜେପି। ୨୦୧୮ ବିଧାନସଭା ନିର୍ବାଚନରେ ଦେଶର ୩ ହିନ୍ଦୀ ହାର୍ଟଲ୍ୟାଣ୍ଡ- ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ ବିଜୟ ବାନା ଉଡ଼ାଇଥିଲା କଂଗ୍ରେସ। ଅବଶ୍ୟ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ବିଦ୍ରୋହ ଯୋଗୁ ମଧ୍ୟପ୍ରଦେଶରେ କଂଗ୍ରେସ ବର୍ଷକ ପରେ ଗାଦିଚ୍ୟୁତ ହୋଇଥିଲା। କିନ୍ତୁ ବିଧାନସଭା ନିର୍ବାଚନରେ ଦଳ ରାଜସ୍ଥାନ ଓ ଛତିଶଗଡ଼ ଭଳି ମଧ୍ୟପ୍ରଦେଶରେ ମଧ୍ୟ ଆବଶ୍ୟକ ସଂଖ୍ୟା ହାସଲ କରିଥିଲା। ଏହାର ୫ ବର୍ଷ ଅର୍ଥାତ ୨୦୨୩ରେ ବିଜେପିମୟ ହୋଇଛି ହିନ୍ଦୀ ହାର୍ଟଲ୍ୟାଣ୍ଡ। ମଧ୍ୟପ୍ରଦେଶରେ ବିଜେପି କ୍ଷମତା ବଜାୟୀ ରଖିବା ସହ କଂଗ୍ରେସ ହାତରୁ ରାଜସ୍ଥାନ ଓ ଛତିଶଗଡ଼ ଛଡ଼ାଇ ଆଣିବାକୁ ସକ୍ଷମ ହୋଇଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସେମି ଫାଇନାଲ ଲଢ଼େଇରେ ବିଜେପି ୩-୧ରେ ଜିତି ଫାଇନାଲ ପାଇଁ ନିଜକୁ ପ୍ରସ୍ତୁତ କରିଛି। କଂଗ୍ରେସ କେବଳ ତେଲେଙ୍ଗାନାରେ ସାନ୍ତ୍ୱନାମୂଳକ ବିଜୟ ପାଇଛି। ବିଜେପିର ୩-୧ ବିଜୟ ପରେ ଖୁସିରେ ଗଦଗଦ ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇ ବିଜେପି ନିରବଚ୍ଛିନ୍ନ ଭାବେ ସମସ୍ତଙ୍କ କଲ୍ୟାଣ ପାଇଁ କାମ କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମୋଦି କହିଛନ୍ତି, "ଜନତା ଜନାର୍ଦ୍ଦନଙ୍କୁ ନମସ୍କାର। ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ ନିର୍ବାଚନର ରେଜଲ୍ଟ ଦର୍ଶାଉଛି ଯେ ଭାରତର ଜନତାଙ୍କ ଭରସା କେବଳ ସୁଶାନ ଓ ବିକାଶର ରାଜନୀତିକ ଉପରେ ରହିଛି। ସେମାନଙ୍କ ଭରସା ବିଜେପି ଉପରେ ରହିଛି। ବିଜେପି ଉପରେ ଆପଣମାନଙ୍କ ସ୍ନେହ, ବିଶ୍ୱାସ ଓ ଆଶୀର୍ବାଦ ପାଇଁ ମୁଁ ସବୁ ରାଜ୍ୟର ପରିବାର ବିଶେଷ କରି ମା', ଭଉଣୀ ଓ ଝିଅମାନଙ୍କୁ, ଆମର ଯୁବ ଭୋଟର୍ସଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି। ମୁଁ ସେମାନଙ୍କୁ ଭରସା ଦେଉଛି ଯେ ଆପଣମାନଙ୍କ କଲ୍ୟାଣ ପାଇଁ ଆମେ ସବୁବେଳେ ନିରବଚ୍ଛନ ଭାବେ କାମ କରି ଚାଲିବୁ। ଏହି ଅବସରରେ ପାର୍ଟିର ସମସ୍ତ ପରିଶ୍ରମୀ କର୍ମକର୍ତ୍ତାଙ୍କୁ ବିଶେଷ ଭାଗେ ଧନ୍ୟବାଦ ଜଣାଉଛି। ଆପଣମାନେ ସମସ୍ତେ ଅଦ୍ଭୂତ ଉଦାହରଣ ସୃଷ୍ଟି କରିଛନ୍ତି। ବିଜେପିର ବିକାଶ ଓ ଗରିବ କଲ୍ୟାଣ ନୀତିକୁ ଆପଣମାନେ ହିଁ ଲୋକଙ୍କ ପାଖରେ ପହଞ୍ଚାଇଛନ୍ତି। ଏହାର ପ୍ରଶଂସା ଯେତେ କଲେ ବି କମ ପଡ଼ିବ। ଆମେ ବିକଶିକ ଭାରତର ଲକ୍ଷ୍ୟ ନେଇ ଆଗକୁ ବଢୁଛୁ। ଆମେ ରହିବା ନାହିଁ କିମ୍ବା ଥକିବା ନାହିଁ। ଭାରତକୁ ବିଜୟୀ କରିବାର ଅଛି। ଆଜି ସେହି ଦିଗରେ ଆମେ ମିଳିତ ଭାବେ ଶକ୍ତ ପଦକ୍ଷେପ ନେଇଛୁ।" ତେଲେଙ୍ଗାନାରେ ▶▶ପୃଷ୍ଠା ୭

## ଜାରି ରହିବ ଆଦର୍ଶଗତ ବିଚାରଧାରାର ଲଢ଼େଇ: ରାହୁଲ ଗାନ୍ଧୀ



ନୂଆଦିଲ୍ଲୀ, ୦୩/୧୨ (ନି.ପ୍ର): ନିକଟରେ ସରିଥିବା ୫ ରାଜ୍ୟରେ ବିଧାନସଭ ନିର୍ବାଚନ ମଧ୍ୟରୁ ରବିବାର ୪ଟିରେ ଫଳାଫଳ ଘୋଷଣା ହୋଇଛି। ଏଥିରେ କଂଗ୍ରେସ କେବଳ ତେଲେଙ୍ଗାନାରେ ସରକାର ଗଢ଼ିବାର ସମ୍ଭାବନା ରହିଥିବା ବେଳେ ୩ ରାଜ୍ୟ-ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ କଂଗ୍ରେସ ପରାଜୟ ସ୍ୱୀକାର କରିଛି। ୩ ରାଜ୍ୟର ନିର୍ବାଚନ ଫଳାଫଳକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ଜନାଦେଶକୁ ସେ ବିନମ୍ରଭାବେ ସ୍ୱୀକାର କରୁଛନ୍ତି ବୋଲି ରାହୁଲ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ତେବେ ବିଚାରଧାରାର ଲଢ଼େଇ ଜାରି ରହିବ ବୋଲି ରାହୁଲ ତାଙ୍କ ଟ୍ୱିଟ୍‌ରେ ଲେଖିଛନ୍ତି। ସେ ଲେଖିଛନ୍ତି "ମଧ୍ୟପ୍ରଦେଶ, ଛତିଶଗଡ ଏବଂ ରାଜସ୍ଥାନର ଜନାଦେଶକୁ ଆମେ ବିନମ୍ରତାର ସହ ସ୍ୱୀକାର କରୁଛୁ – ଆଦର୍ଶଗତ ବିଚାରାଧାରର ଲଢ଼େଇ ଜାରି ରହିବ। ତେଲେଙ୍ଗାନାର ଲୋକଙ୍କୁ ମୋର ବହୁତ ଧନ୍ୟବାଦ।-ପ୍ରଜାପାଳକ ତେଲେଙ୍ଗାନା ତିଆରି କରିବାର ପ୍ରତିଶୃତି ଆମେ ନିଶ୍ଚିତ ପୂରା କରିବୁ। ସମସ୍ତ କର୍ମକର୍ତ୍ତାଙ୍କୁ ସେମାନଙ୍କର ପରିଶ୍ରମ ଏବଂ ସମର୍ଥନ ପାଇଁ ହୃଦୟରୁ ଧନ୍ୟବାଦ।" ଏହା ପୂର୍ବରୁ ୪ ରାଜ୍ୟରେ ନିର୍ବାଚନ ଫଳାଫଳକୁ ନେଇ ପ୍ରତିକ୍ରିୟା ଦେଇଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ। ସେ ସୋସିଆଲ୍ ମିଡିଆ ସାଇଟ୍‌ରେ ପୋଷ୍ଟ କରି ତେଲେଙ୍ଗାନାରେ ଦଳର ସଂଖ୍ୟା ▶▶ପୃଷ୍ଠା ୭

## ଏହି ବିଜୟ ଐତିହାସିକ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୦୩/୧୨ (ନି.ପ୍ର): ତିନି ରାଜ୍ୟରି ବିଜେପି ଅଭୂତପୂର୍ବ ବିଜୟ ପରେ ପ୍ରଧାନମନ୍ତ୍ରୀ ମୋଦୀ ରବିବାର ବିଜେପି ମୁଖ୍ୟାଳୟରେ ଦେଶକୁ ସମ୍ବୋଧିତ କରିଛନ୍ତି । ଏହି ଅବସରରେ ସେ ଆଜିର ଏହି ବିଜୟକୁ ଐତିହାସିକ କହିବା ସହ ସମସ୍ତ ମତଦାତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହାସହ ସେ ବିରୋଧୀ କଂଗ୍ରେସକୁ ବି ଟାର୍ଗେଟ୍ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ନିଜ ସମ୍ବୋଧନରେ କହିଛନ୍ତି, 'କଂଗ୍ରେସ ସମାଜକୁ ଜାତି ଆଧାରରେ ବାଣ୍ଟିବାକୁ ଚେଷ୍ଟା କରୁଛି । ହେଲେ ଆମେ ଦେଶର ୪ଟି ମୁଖ୍ୟ ଜାତି ଥିବା କଥା କହିଥିଲୁ । ନାରୀ ଶକ୍ତି, ଯୁବ ଶକ୍ତି, କୃଷକ ଏବଂ ଗରିବ ପରିବାର ଭଳି ୪ ପ୍ରମୁଖ ଜାତିକୁ ସଶକ୍ତ କରିବା ଦ୍ୱାରା ଦେଶ ସଶକ୍ତ ହେବ'। ବର୍ତ୍ତମାନ ସମୟରେ ବଡ଼ ସଂଖ୍ୟାର ଓବିସି ଏବଂ ଆଦିବାସୀ ଏହି ଜାତିରେ ଆସୁଛନ୍ତି ବୋଲି ସେ କହିଛନ୍ତି। ମୋଦୀ କହିଛନ୍ତି, 'ଆଜିର ଏହି ବିଜୟ ଐତିହାସିକ। ସବକା ସାଥ୍, ସବକା ବିକାଶ ଭାବନାର ବିଜୟ ହୋଇଛି । ବିକଶିତ ଭାରତ ଆହ୍ୱାନର ବିଜୟ ହୋଇଛି । ଆତ୍ମନିର୍ଭର ଭାରତ ଜିତିଛି । ଭାରତର ବିକାଶ ପାଇଁ ରାଜ୍ୟର ବିକାଶ ଚିନ୍ତାଧାରାର ବିଜୟ ହୋଇଥିବା ବେଳେ ସଚ୍ଚୋଟତା ଜିତିଛି । ମଧ୍ୟପ୍ରଦେଶରେ ବିଜେପି ଅପରିବର୍ତ୍ତିତ ଥିବା ବେଳେ ରାଜସ୍ଥାନ ଏବଂ ଛତିଶଗଡ଼ରେ କଂଗ୍ରେସକୁ ଗାଦିଚ୍ୟୁତ କରିଛି'। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଆଜିର ଏହି ଫଳାଫଳ ଅନ୍ୟ ଏକ ଚିତ୍ର ସ୍ପଷ୍ଟ କରିଦେଇଛି । ଦେଶର ଯୁବପିଢ଼ି ବିକାଶ ଚାହୁଁଛନ୍ତି । ଯେଉଁ ସରକାର ଯୁବକଙ୍କ ବିରୋଧରେ କାମ କରିଛି ତାକୁ ଶାସନରୁ ବିଦା ହେବାକୁ ପଡ଼ିଛି । ରାଜସ୍ଥାନ, ଛତିଶଗଡ଼ ଏବଂ ତେଲଙ୍ଗାନା ଏହାର ଉଦାହରଣ । ଏହି ୩ ରାଜ୍ୟରେ ଶାସନରେ ଥିବା ଦଳକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଛି' । ଦୁର୍ନୀତି ବିରୋଧରେ ଏହା ଜନମତ ହୋଇଥିବା ବେଳେ ୨୦୨୪ ଲୋକସଭା ନିର୍ବାଚନରେ ହ୍ୟାଟ୍ରିକ୍‌ର ଗ୍ୟାରେଣ୍ଟି ବୋଲି ସେ କହିଛନ୍ତି ।

## ସୃଷ୍ଟି ହେଲା ବାତ୍ୟା 'ମାଇଚୌଙ୍ଗ': ୫ରେ ଉପକୂଳ ଛୁଇଁବ



ଭୁବନେଶ୍ୱର, ୦୩/୧୨ (ନି.ପ୍ର): ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେଲା ବାତ୍ୟା 'ମାଇଚୌଙ୍ଗ'। ଏହା ଘଣ୍ଟା ପ୍ରତି ୬ କିମି ବେଗରେ ଉତ୍ତରପଶ୍ଚିମ ଆଡ଼କୁ ଗତି କରୁଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ବାତ୍ୟା 'ମାଇଚୌଙ୍ଗ' ପୁଡୁଚେରୀ ଠାରୁ ୩୦୦ ଓ ଚେନ୍ନାଇ ଠାରୁ ୩୧୦ କିମି ଦୂରରେ ଅବସ୍ଥିତ ରହିଛି। କାଲି ପୂର୍ବାହ୍ନରେ ଦକ୍ଷିଣ ଆନ୍ଧ୍ର ଓ ଉତ୍ତର ତାମିଲନାଡୁ ଉପକୂଳରେ ପହଞ୍ଚିବ। ଡିସେମ୍ବର ୫ ତାରିଖ ପୂର୍ବାହ୍ନରେ ନେଲୋର ଓ ମଛଲିପଟ୍ଟନମ ଉପକୂଳ ଛୁଇଁବ। ଲ୍ୟାଣ୍ଡଫଲ୍ ବେଳେ ପବନର ସର୍ବାଧିକ ବେଗ ୧୦୦ କିମି ରହିବ। ବାତ୍ୟା ଯୋଗୁ ଦକ୍ଷିଣ ଆନ୍ଧ୍ର ପ୍ରଦେଶର ଉପକୂଳବର୍ତ୍ତୀ ଜିଲ୍ଲା ସମେତ ଉତ୍ତର ତାମିଲନାଡୁ ଓ ପୁଡୁଚେରୀର କିଛି ଅଂଶ ସର୍ବାଧିକ ପ୍ରଭାବିତ ହେବେ। ବାତ୍ୟା 'ମାଇଚୌଙ୍ଗ' ପ୍ରଭାବରେ ଓଡ଼ିଶାରେ ସୋମବାରରୁ ବୁଧବାର ଯାଏ ଦକ୍ଷିଣ ଉପକୂଳ ଓ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ। ସେହିପରି ବାତ୍ୟା ପ୍ରଭାବରେ ଉତ୍ତର ଉପକୂଳ ତାମିଲନାଡୁ ଓ ପୁଡୁଚେରୀରେ ଆଜି କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଡିସେମ୍ବର ୪ରେ ମଧ୍ୟ କିଛି ସ୍ଥାନରେ ବର୍ଷାର ଆଶଙ୍କା ରହିଛି। ଏହାପରେ ବର୍ଷାର ପରିମାଣ କମିବ। ଆଗାମୀ ଦିନରେ ତାମିଲନାଡୁର ରାଜଧାନୀ ଚେନ୍ନାଇରେ

## ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି: ଉତ୍ତେଜନା



ଭୁବନେଶ୍ୱର, ୦୩/୧୨ (ନି.ପ୍ର): ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି। ଯାହାକୁ ନେଇ ପରୀକ୍ଷା କେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇଛି। ଯାଜପୁରର ପାଣିକୋଇଲି ସରକାରୀ ହାଇସ୍କୁଲରୁ ଆସିଛି ଏପରି ଅଭିଯୋଗ। ବୁଝାସୁଝା ପରେ ଉତ୍ତେଜନା ପ୍ରସମିତ ହୋଇଛି। ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷା ଚାଲିଥିଲା। ପରୀକ୍ଷାରେ ପ୍ରଥମ ସିଫ୍ଟରେ ଯେଉଁ ପ୍ରଶ୍ନପତ୍ର ଥିଲା, ଦ୍ୱିତୀୟ ସିଫ୍ଟରେ ସେହି ପ୍ରଶ୍ନ ପଡ଼ିଥିଲା। ଅର୍ଥାତ ଦୁଟି ସିଫ୍ଟରେ ସମାନ ପ୍ରଶ୍ନ ପଡ଼ିଥିଲା। ଏହାକୁ ନେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରିସ୍ଥିତି ଅଣାୟତ୍ତ ହେଉଥିବା ଦେଖି ପରୀକ୍ଷା ଆୟୋଜକ ଛାତ୍ରଛାତ୍ରୀଙ୍କୁ ହଲ୍ ଭିତରେ ଅଟକ ରଖିଥିଲେ। ନୂଆ ପ୍ରଶ୍ନପତ୍ର ଆସିଲେ ପରୀକ୍ଷା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ▶▶ପୃଷ୍ଠା ୭

## ମହାପ୍ରଭୁ ବିଶ୍ୱର ସବୁଠୁ ପ୍ରଭାବଶାଳୀ ପ୍ରଜାତନ୍ତ୍ରିକ ଆସ୍ଥାର କେନ୍ଦ୍ର: ଧର୍ମେନ୍ଦ୍ର




ଗଁଦିଆ/ଢେଙ୍କାନାଳ, ୦୩/୧୨ (ନି.ପ୍ର): ମହାପ୍ରଭୁ ବିଶ୍ୱର ପ୍ରଭାବଶାଳୀ ପ୍ରଜାତନ୍ତ୍ରିକ ଆସ୍ଥାର କେନ୍ଦ୍ର । ମହାପ୍ରଭୁ ସମସ୍ତଙ୍କର ଓ ସମସ୍ତଙ୍କ ପାଇଁ ବୋଲି ରବିବାର ଢେଙ୍କାନାଳ ଜିଲ୍ଲା ଗଁଦିଆ ଶ୍ରୀରାମଚନ୍ଦ୍ରପୁର ଠାରେ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର, ଚବିଶି ବେଶ, ଛପନଭୋଗ ପ୍ରଦର୍ଶନୀ ମହୋତ୍ସବରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ସବୁ ସନାତନୀମାନେ ମହାପ୍ରଭୁଙ୍କ ଅନନ୍ୟ ଭକ୍ତ । ସମସ୍ତଙ୍କ ସମର୍ପଣ ଭାବନା ଓ ଅଭିବ୍ୟକ୍ତି ଭିନ୍ନ ଭିନ୍ନ। ମହାପ୍ରଭୁ ଜଗତର ନାଥ । ମହାପ୍ରଭୁଙ୍କ ଠାରେ ପ୍ରତ୍ୟହ ଲାଗି ହେଉଥିବା ଛପନଭୋଗ, ତାଙ୍କର ଚବିଶି ବେଶ ଏବଂ ବଡ଼ଦେଉଳର ଅନନ୍ୟ ସ୍ଥାପତ୍ୟ, ରଥଯାତ୍ରାରେ ଆବାଳ ବୃଦ୍ଧବନିତାଙ୍କ ଦର୍ଶନ, ପତିତପାବନଙ୍କ ଦର୍ଶନ ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ନିଦର୍ଶନ । ଜଗନ୍ନାଥ ମନ୍ଦିରରେ ଦୁନିଆର ସବୁଠୁ ବଡ ରୋଷେଇ ଘର ବୋଲି କୁହାଯାଉଛି । ସମସ୍ତେ ଏକାଠି ବସି ମହାପ୍ରସାଦ ଖାଇବା ମଧ୍ୟ ଶ୍ରୀଜଗନ୍ନାଥ ସଂସ୍କୃତିର ବଡ ମାହାତ୍ମ୍ୟକୁ ସୂଚାଉଛି । ମହାପ୍ରଭୁଙ୍କ ପାଖରେ ସମସ୍ତଙ୍କର ବିଶ୍ୱାସ ରହିଛି । ଜଗନ୍ନାଥ ସଂସ୍କୃତିରେ ବହୁତ ବଡ ସଂସ୍କାର । ମହାପ୍ରଭୁଙ୍କ ସଂସ୍କାର ତଥା ଅନେକ ଜୀବନ ଦର୍ଶନ ସମାହିତ ଜଗନ୍ନାଥ ଭାଗବତରେ ଅଛି । ପ୍ରଧାନମନ୍ତ୍ରୀ ମୋଦିଜୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣେ ପରମ ଭକ୍ତ । ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ସେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପାଇଁ ପୁରୀ ଆସିଥିଲେ। ପ୍ରଧାନମନ୍ତ୍ରୀ ହେବା ପୁରୀ ଆସି ଦିଅଁ ଦର୍ଶନ କରିଥିଲେ । ତାଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ପ୍ରଥମ ଥର ପାଇଁ ନବକଳେବର ନିମନ୍ତେ କେନ୍ଦ୍ର ସରକାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଶ୍ରୀମନ୍ଦିରର ଶ୍ରୀବୃଦ୍ଧି ପାଇଁ ମଧ୍ୟ ମୋଦି ସରକାର ସର୍ବଦା ତତ୍ପର। ମହାପ୍ରଭୁଙ୍କ ବିଚାର ଅନୁସାରେ ଆଜି ମୋଦି ସରକାରଙ୍କ ଶାସନ ବ୍ୟବସ୍ଥାର ମୂଳମନ୍ତ୍ର ହୋଇଛି ସବକା ସାଥ୍-ସବକା ବିକାଶ-ସବକା ବିଶ୍ୱାସ- ସବକା ପ୍ରୟାସ । ଚାରଣ ମାନଙ୍କ ଠାରୁ ହିଁ ଏହା ପ୍ରଭାବିତ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଚାରଣ ସମାବେଶର ଆୟୋଜନ ମାଧ୍ୟମରେ ଶ୍ରୀଜଗନ୍ନାଥ ସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର ତଥା ଶ୍ରୀଜଗନ୍ନାଥ ତତ୍ତ୍ୱକୁ ଜନଗଣଙ୍କ ନିକଟରେ ପହଞ୍ଚାଇବାର ଗୁରୁ ଦାୟିତ୍ୱ ନେଇଥିବାରୁ ଆୟୋଜକ ମଣ୍ଡଳୀକୁ ଶ୍ରୀ ପ୍ରଧାନ ସାଧୁବାଦ ଜଣାଇଥିଲେ ।

## ଡିଭାଇଡରରେ ପିଟି ହୋଇ ବସ୍‌କୁ ଧକ୍କା ଦେଲା କାର: ୧ ମୃତ, ୨ ଗୁରୁତର

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଆଜି ଭୋରରୁ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଚନ୍ଦ୍ରଶେଖରପୁର ଥାନା ନିକଟ ପେଟ୍ରୋଲ ପମ୍ପ ନିକଟରେ ଏକ କାର ଦ୍ରୁତ ଗତିରେ ଆସି ଡିଭାଇଡରେ ପିଟି ହୋଇ ଅପରପାର୍ଶ୍ୱରେ ଥିବା ଏକ ବସ୍‌କୁ ଧକ୍କା ଦେଇଛି। ଦୁର୍ଘଟଣାରେ କାର ଚାଳକଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆଜି ଭୋର ସମୟରେ ଜୟଦେବ ବିହାର ଅଭିମୁଖେ ଆସୁଥିବା ଏକ କାର୍ ଦ୍ରୁତ ଗତିରେ ଆସି ଚନ୍ଦ୍ରଶେଖରପୁର ଥାନା ନିକଟ ପେଟ୍ରୋଲ ପମ୍ପ ନିକଟରେ ଥିବା ଡିଭାଇଡରରେ ପିଟି ହୋଇଯାଇଥିଲା। ପରେ କାରଟି ଅପର ପାର୍ଶ୍ୱରେ ଥିବା ଏକ ବସ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ କାର ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଆହତଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାରେ କାରଟି ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ଚନ୍ଦ୍ରଶେଖରପୁର ପୁଲିସ ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରି ଘଟଣାର ତଦନ୍ତ କରୁଛି।

# କ୍ଷତିରେ କଳାହାଣ୍ଡି କପାଚାଷୀ: ଉତ୍ପାଦନ ବଢୁଛି, ଭିତ୍ତିଭୂମି ନାହିଁ, ଗୋଟିଏ ବି ସରକାରୀ ଜିନିଂ କି ସ୍ପିନିଂ ମିଲ୍ ଚାଲୁନି



ଭବାନୀପାଟଣା, ୦୨/୧୨ (ନି.ପ୍ର): କଳାହାଣ୍ଡି ରାଜ୍ୟରେ ସର୍ବାଧିକ କପା ଉତ୍ପାଦନକାରୀ ଜିଲ୍ଲା। ତେବେ ପରିତାପର ବିଷୟ ଜିଲ୍ଲାରେ ଗୋଟିଏ ବି ସରକାରୀ ଜିନିଂ ମିଲ୍ କିମ୍ବା ସ୍ପିନିଂ ମିଲ୍ କାର୍ଯ୍ୟକ୍ଷମ ହୋଇନାହିଁ। ଅନ୍ୟପକ୍ଷରେ କପା ଚାଷୀ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। କମ୍ ମୂଲ୍ୟରେ କପା ବିକ୍ରି କରି ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲାର କପା ଲମ୍ବା ତନ୍ତୁଜାତୀୟ ଅତ୍ୟନ୍ତ ଉଚ୍ଚମାନର ହୋଇଥିବା ଯୋଗୁଁ ବିଦେଶକୁ ରପ୍ତାନି ହୋଇଥାଏ। ତେବେ, ସ୍ଥାନୀୟ ରାଜନେତାଠାରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ କପା ରାଜନୀତି ଯୋଗୁଁ ଭିତ୍ତିଭୂମି ବିକାଶ ହୋଇପାରି ନାହିଁ। ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ କପା ରାଜନୀତିର ପଶାପାଲିରେ କଳାହାଣ୍ଡିର କପାଚାଷୀ ପେଷି ହେଉଛନ୍ତି। କଳାହାଣ୍ଡି ଜିଲ୍ଲାରେ କପା ଚାଷ ବଢୁଛି। ୨୦୧୮-୧୯ ମସିହାରେ ୫୮,୪୧୧ ହେକ୍ଟର ଜମିରୁ ୫୮୪୧୧୦ କୁଇଣ୍ଟାଲ କପା ଉତ୍ପାଦନ ହୋଇଥିବା ବେଳେ ୨୦୨୨-୨୩ ମସିହାରେ ୭୦୭୮୦ ହେକ୍ଟର ଜମିରୁ ୯ ଲକ୍ଷ ୬୦ ହଜାର କୁଇଣ୍ଟାଲ କପା ଉତ୍ପାଦନ ହୋଇଥିଲା। କପାକ୍ରୟ ନିମନ୍ତେ ଭବାନୀପାଟଣା ଆରଏମ୍‌ସିର କର୍ଲାପଡ଼ା, କେସିଙ୍ଗା ଆରଏମ୍‌ସିର ଉକଲ୍ହୋ, ଜୁନାଗଡ଼ ଆରଏମ୍‌ସିର ଉଚ୍ଛଲାରେ ମଣ୍ଡି ରହିଛି। ବର୍ତ୍ତମାନ ନୂଆ ଭାବେ ତଳଜାରିଙ୍ଗରେ କପା ମଣ୍ଡି ଖୋଲିବାକୁ ନିଷ୍ପତ୍ତି ହୋଇଛି। ୨୦୨୧-୨୨ ଓ ୨୦୨୨-୨୩ ମସିହାରେ ମଣ୍ଡି ବନ୍ଦ ରହିଥିଲା। ବର୍ତ୍ତମାନ କପାର ସହାୟକ ମୂଲ୍ୟ ୭ ହଜାର ୨୦ ଟଙ୍କା ରହିଛି। ଗତ ୨ବର୍ଷ ମଣ୍ଡି ବନ୍ଦ ଥିବା ବେଳେ ବାହାର ରାଜ୍ୟର କଂପାନିମାନେ ଚାଷୀଙ୍କଠାରୁ ୭,୫୦୦ ଟଙ୍କାରୁ ୯,୫୦୦ ଟଙ୍କା ପର୍ଯ୍ୟନ୍ତ କୁଇଣ୍ଟାଲ ପିଛା ମୂଲ୍ୟ ଦେଇ କିଣୁଥିଲେ। ବର୍ତ୍ତମାନ ମଣ୍ଡି ଆରମ୍ଭ ହେବା ପରେ ସହାୟକ ମୂଲ୍ୟ ୭୦୨୦ ଟଙ୍କାରେ କପା କୁଇଣ୍ଟାଲ ପିଛା ବିକ୍ରି କରିବେ। ଜିଲ୍ଲାରେ ରେକର୍ଡ ପରିମାଣ କପା ଉତ୍ପାଦନ ହେଉଥିଲେ ମଧ୍ୟ ସରକାରୀ ଭାବେ କୌଣସି ଜିନିଂ କିମ୍ବା ସ୍ପିନିଂ ମିଲ ନାହିଁ। କେବଳ ଘରୋଇ ଭାବରେ ୭ଟି ଜିନିଂ ମିଲ୍ ରହିଛି। ଭାରତର ତାମିଲନାଡୁର ଇରୋଡ୍, ତିରପୁର, ଆନ୍ଧ୍ରପ୍ରଦେଶର ଗୁଣ୍ଟୁର, ମହାରାଷ୍ଟ୍ର ଓ ଗୁଜରାତକୁ ଯାଇଥାଏ। ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଓ ତାମିଲନାଡୁର ଇରୋଡ଼ରେ ଥିବା ଜିନିଂ ଓ ସ୍ପିନିଂ ମିଲ୍ ଦ୍ୱାରା କପା ପ୍ରକ୍ରିୟାକରଣ ହୋଇ ଆମେରିକା, ଲଣ୍ଡନ ଓ ଫ୍ରାନ୍ସ ଭଳି ବିଶ୍ୱ ବଜାରକୁ ଯାଇଥାଏ। ମହାରାଷ୍ଟ୍ରର କପା ରାଜନୀତି ସମଗ୍ର ଭାରତ ବର୍ଷର କପା ବଜାରକୁ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ନିୟନ୍ତ୍ରଣ କରିଥାନ୍ତି। ଏଥିଯୋଗୁଁ ଓଡ଼ିଶାରୁ ଉଚ୍ଚମାନର କପା ବିଭିନ୍ନ ମାଧ୍ୟମରେ କିଣି ଗୁଣ୍ଟୁର ଜରିଆରେ ବିଦେଶକୁ ଯାଇଥାଏ। ଓଡ଼ିଶାରେ କପା ଉତ୍ପାଦନ ହୋଇ ଅଧିକ ରାଜସ୍ୱ ପାଉ ନଥିବାବେଳେ ଅନ୍ୟ ରାଜ୍ୟମାନେ କପା ଆମଦାନି କରି ମାଲାମାଲ ହେଉଛନ୍ତି। ସେହିଭଳି ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ କପା ରାଜନୀତିର ପଶାପାଲିରେ କଳାହାଣ୍ଡିର ଚାଷୀ ନିଜର ଭାଗ୍ୟକୁ ଆଦରି ବସିଛି। ଆରଏମ୍‌ସି ପକ୍ଷରୁ ଏକ ପ୍ରତିଶତ ଟିକସ ଆଦାୟ ହେଉଥିବାବେଳେ ମଣ୍ଡିର ଭିତ୍ତିଭୂମି ବିକାଶ ନେଇ ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ। ଅନ୍ୟରାଜ୍ୟର କଂପାନି ଆସି ଅଧିକ ମୂଲ୍ୟରେ କପା କିଣୁଥିବାବେଳେ ମଣ୍ଡିରେ କମ୍ ମୂଲ୍ୟ ଯୋଗୁଁ ଚାଷୀମାନେ ମଣ୍ଡି ପ୍ରତି ମୁହଁ ମୋଡୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଘରୋଇ ଏଜେଣ୍ଟମାନେ ମଣ୍ଡି ଜରିଆରେ କମ୍ ମୂଲ୍ୟରେ କପା କିଣି ଅଧିକ ମୂଲ୍ୟରେ ବାହାରକୁ ଚାଲାଣ କରୁଛନ୍ତି।

# ଇନ୍ଦୁପୁର ହାଇସ୍କୁଲରେ ମଣ୍ଡଳସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୦୨/୧୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ମଣ୍ଡଳ ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୩ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡା ବ୍ଲକର ୮୦ରୁ ଅଧିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇ ସେମାନଙ୍କର ପ୍ରକଳ୍ପ ଗୁଡିକ ପ୍ରଦର୍ଶନ କରିଥିଲେ । ଆଜି ପୂର୍ବାହ୍ନ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ । ସେ ତାଙ୍କ ଉଦ୍‌ବୋଧନରେ ଜଳବାୟୁର ପରିବର୍ତ୍ତନରେ ବିଜ୍ଞାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ରବିନ୍ଦ୍ର ନାଥ ମିଶ୍ର ଯୋଗ ଦେଇ କହିଲେ ଯେ ବିଜ୍ଞାନ କେବଳ ସତ୍ୟର ଅନୁସନ୍ଧାନ କରେ । ସେ କୃଷି, ଶିକ୍ଷା, ଗମନାଗମନ, ଗୃହ ନିର୍ମାଣ ଓ ଯୋଗାଯୋଗ କ୍ଷେତ୍ରରେ ବିଜ୍ଞାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ କୁମୁଦିନୀ ଦେଇ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ବ୍ଲକ ଚେୟାରମ୍ୟାନ ରଶ୍ମିତା ସେଠୀ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ଅଞ୍ଜନା ସ୍ୱାଇଁ, ଜଳ ସମ୍ପଦ ବିଭାଗର ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ଶତ୍ରୁଘ୍ନ ଦାସ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୁରୁ ଚନ୍ଦ୍ର ହାଜରା, ସମିତି ସଭ୍ୟା ସୁନନ୍ଦା ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ଲିଲିତା ଦାସ, ଇନ୍ଦୁପୁର ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ଜେନା, ଇନ୍ଦୁପୁର ସରପଂଚ ପ୍ରଦୀପ୍ତ ରଞ୍ଜନ ସୂତାର, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ହିରଣ୍ୟ କୁମାର ବାରିକ, ମୋ ସ୍କୁଲ ଅଭିଯାନର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ସିଆରସିସି ଦେବୀ ପ୍ରସାଦ ଦାସ, ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରୀ ସଭାପତି ସୁଧାଂଶୁ ଶେଖର ଦାସ, ସମ୍ପାଦକ ପ୍ରଦୀପ ଦାସ, ସୁବାଷ ଚନ୍ଦ୍ର ମଜୁମଦାର, ତ୍ରିଲୋଚନ ଜେନା, ଗିରିଧାରୀ ସାହୁ, ଦେବେନ୍ଦ୍ର ରାଉତ, ମଦନମୋହନ ସ୍ୱାଇଁ ତଥା ଇନ୍ଦୁପୁର ହାଇସ୍କୁଲର ବହୁ ପୁରାତନ ଛାତ୍ର, ଅଭିଭାବକ ତଥା ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଶେଷରେ ୫ଗୋଟି ପ୍ରକଳ୍ପକୁ ବିଚାରକୁ ନେଇ ଜିଲ୍ଲା ସ୍ତରକୁ ଉନ୍ନିତ କରାଗଲା । ସେହି ଛାତ୍ରଛାତ୍ରୀ ହେଲେ ଦେପୁର ସରକାରୀ ହାଇସ୍କୁଲର ତନୁଶ୍ରୀ ଖଟୁଆ, ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟର ଅବିନାଶ ତ୍ରିପାଠୀ, ଶ୍ୟାମସୁନ୍ଦରପୁର ନୋଡାଲ ହାଇସ୍କୁଲର ଦେବାଶିଷ ପ୍ରଧାନ, ଇନ୍ଦୁପୁର ହାଇସ୍କୁଲର ସନ୍ଦିପା ମହାପାତ୍ର ଓ ଦୁହୁରିଆ ରତ୍ନାକର ସରକାରୀ ଉଚ୍ଚ ବିଦ୍ୟାୟର ରୋଜାଲିନ୍ ପାଲ। ଏହି ଅବସରରେ ଆଜି ଇନ୍ଦୁପୁର ହାଇସ୍କୁଲର ନୂତନ ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ବେହୁରା ଯୋଗ ଦେଇଛନ୍ତି । ଏହି କାର୍ଯ୍ୟକ୍ରମର ଶେଷରେ ପ୍ରାଥମିକ ବିଦ୍ୟାଳୟର ୩ଗୋଟି ପ୍ରକଳ୍ପକୁ ସାନ୍ତ୍ୱନାମୂଳକ ପ୍ରାଇଜ୍ ଦିଆଯାଇଥିଲା। ସେଗୁଡିକ ହେଲେ ପ୍ରଥମରେ ଅରୁଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ସୁନିତି ଦାଶ, ଦ୍ୱିତୀୟରେ ହାଜିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗୋବିନ୍ଦ ଚୌଧୁରୀ ଓ ତୃତୀୟରେ ତନାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜୟଶ୍ରୀ ବାରିକ।

# ଏସ୍‌ସିବି ନର୍ସିଂ ବ୍ୟବସ୍ଥାରେ ଗୁରୁତର ସ୍ଥିତି: ୪୦୦ ପଦବୀ ଖାଲି; ନିଯୁକ୍ତି ପାଇଲେ ୪୧




କଟକ, ୦୨/୧୨ (ନି.ପ୍ର): ରାଜ୍ୟର ସର୍ବବୃହତ୍ ସରକାରୀ ହସ୍ପିଟାଲ ଏସ୍‌ସିବି ମେଡିକାଲରେ ଏବେ ନର୍ସିଂ ବ୍ୟବସ୍ଥାରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ନିକଟରେ ରାଜ୍ୟରେ ନର୍ସିଂ କର୍ମଚାରୀ ଅଭାବ ପୂରଣ ପାଇଁ ନିଯୁକ୍ତି ଦିଆଯାଇଥିଲେ ବି ସ୍ଥିତି ସୁଧୁରି ନାହିଁ। ତଥ୍ୟ ଅନୁଯାୟୀ ଏସ୍‌ସିବିରେ ୪ଶହରୁ ଅଧିକ ନର୍ସିଂ ପଦ ଖାଲିପଡିଥିବା ବେଳେ କାର୍ଯ୍ୟରେ ଯୋଗଦେଇଛନ୍ତି ମାତ୍ର ୪୧ଜଣ। ରାଜ୍ୟ ସରକାର ଏସ୍‌ସିବି ପାଇଁ ୬୭ଜଣଙ୍କୁ ନିଯୁକ୍ତିପତ୍ର ଦେଇଥିବା ବେଳେ ସେଥିରୁ ୨ଜଣ ଏମ୍‌ସକୁ ଗଲେ। ବାକି ୬୫ରୁ ୧୯ଜଣ କାର୍ଯ୍ୟରେ ଯୋଗ ଦେଲେନି। ଏବଂ ନିଯୁକ୍ତି ପାଇଥିବା ୫ ଜଣ ପଢିବା ପାଇଁ ଚାଲିଗଲେ। ଫଳରେ ଏବେ ଏସ୍‌ସିବିରେ ମାତ୍ର ୪୧ଜଣ ନର୍ସିଂ କର୍ମଚାରୀ ଯୋଗ ଦେଇଛନ୍ତି। ନବନିଯୁକ୍ତ ନର୍ସିଂ କର୍ମଚାରୀଙ୍କୁ ମେଡିସିନ୍, ନ୍ୟୁରୋସର୍ଜରି, ଟ୍ରମା ତଥା ବିଭିନ୍ନ ଆଇସିୟୁରେ ନିୟୋଜିତ କରାଯାଇଥିବା ଏସ୍‌ସିବି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ରାଜ୍ୟର ସବୁଠାରୁ ବଡ ରେଫରାଲ ହସ୍ପିଟାଲ ଏସ୍‌ସିବିରେ ୨୨ଶହ ମଂଜୁରିପ୍ରାପ୍ତ ବେଡ୍ ରହିଥିବାବେଳେ ବାସ୍ତବରେ ବେଡ୍ ସଂଖ୍ୟା କିନ୍ତୁ ୨୬ ଶହରୁ ଅଧିକ। ଏପଟେ ମେଡିସିନ୍, ନ୍ୟୁରୋସର୍ଜରି, ନ୍ୟୁରୋଲୋଜି, ଅସ୍ଥିଶଲ୍ୟ, ନେଫ୍ରୋଲୋଜି ଭଳି ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗ ସହ ସବୁ ବିଭାଗରେ ବେଡ୍ ନପାଇ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି ରୋଗୀ। ଏପଟେ ରୋଗୀଙ୍କ ଚିକିତ୍ସା ପାଇଁ ୧୨୮୧ଟି ମଞ୍ଜୁରୀପ୍ରାପ୍ତ ନର୍ସିଂ ପଦ ରହିଥିଲେ ବି ବାସ୍ତବ ଆବଶ୍ୟକତା କିନ୍ତୁ ଦୁଇଗୁଣାରୁ ଅଧିକ। କିନ୍ତୁ ମଂଜୁରୀପ୍ରାପ୍ତ ୧୨୮୧ ପଦବିରୁ ୪ଶହ ନର୍ସିଂ ପଦ ଖାଲି ପଡିଛି। ଏପଟେ ପ୍ରତି ମାସରେ ୨/୩ଜଣ ନର୍ସିଂ କର୍ମଚାରୀ ବି ଅବସର ନେଉଛନ୍ତି। ନିୟମିତ ଭାବେ କିଛି କର୍ମଚାରୀ ମାତୃତ୍ୱ ଛୁଟିରେ ରହୁଛନ୍ତି ତ ବିଭିନ୍ନ କାରଣରୁ କର୍ମଚାରୀ ଛୁଟିରେ ବି ରହୁଛନ୍ତି। ଏଭଳି ସ୍ଥିତିରେ ଏସ୍‌ସିବିରେ ନର୍ସିଂ କର୍ମଚାରୀଙ୍କ ଗୁରୁତର ସଙ୍କଟ ଯୋଗୁଁ ଚିକିତ୍ସା ବ୍ୟବସ୍ଥା ସଙ୍ଗିନ ହୋଇପଡୁଛି। ଡାକ୍ତର ଔଷଧ, ଇଞ୍ଜେକସନ୍ ଲେଖିଲେ ତାକୁ ଠିକ୍ ସମୟରେ ରୋଗୀଙ୍କୁ ଦେବାକୁ ବି ଏବେ ନର୍ସିଂ କର୍ମଚାରୀ ଅଭାବ ଥିବା କୁହାଯାଉଛି। ଏଭଳି ସ୍ଥିତି ତୁରନ୍ତ ସୁଧାରିବା ଦିଗରେ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଛି।

# ବିନା ପ୍ରେସ୍‌କ୍ରିପ୍‌ସନ୍‌ରେ କୀଟନାଶକ ମନା: ଏବେ ଲାଗିବ କଟକଣା



ଭୁବନେଶ୍ୱର, ୦୨/୧୨ (ନି.ପ୍ର): ଚାଷରେ ମନଇଚ୍ଛା କୀଟନାଶକ ବ୍ୟବହାରରେ ଲାଗିବ କଟକଣା। କୃଷି ଏବଂ ଉଦ୍ୟାନ କୃଷିରେ ଅନ୍ୟୂନ ସ୍ନାତକ ଯୋଗ୍ୟତାପ୍ରାପ୍ତ କୃଷି ଅଧିକାରୀଙ୍କ ପ୍ରେସ୍‌କ୍ରିପ୍‌ସନ୍ ବିନା କୀଟନାଶକର କ୍ରୟ-ବିକ୍ରୟ ହୋଇ ପାରିବ ନାହିଁ। ଯେଉଁ କୀଟନାଶକ ଦୋକାନ କିମ୍ବା ଡିଲରମାନେ ଏହାର ଉଲ୍ଲଂଘନ କରିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ। ଏଥିପାଇଁ ଆବଶ୍ୟକ ନିର୍ଦ୍ଦେଶ ସମସ୍ତ ଜିଲ୍ଲାର କୃଷି ଉପନିର୍ଦ୍ଦେଶକ ଏବଂ କୃଷି ଅଧିକାରୀଙ୍କୁ ଦିଆଯାଇଛି। ଦେଶର ପ୍ରଥମ ରାଜ୍ୟ ଭାବରେ ଓଡ଼ିଶା ପ୍ରସ୍ତୁତ କରିଛି ସ୍ୱତନ୍ତ୍ର କୀଟନାଶକ ନୀତି। ରାଜ୍ୟ କୃଷି ଯୁଗ୍ମନିର୍ଦ୍ଦେଶକ ତଥା ଶସ୍ୟ ସୁରକ୍ଷା ନିର୍ଦ୍ଦେଶକ ପ୍ରଫୁଲ୍ଲ ସେଠୀ ସରକାରଙ୍କ ଏହି ନୂଆ ନୀତି ସଂପର୍କରେ ସୂଚନା ଦେଇଛନ୍ତି। କେନ୍ଦ୍ର ରସାୟନ ଏବଂ ସାର ମନ୍ତ୍ରଣାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ଓଡ଼ିଶାରେ ହେକ୍ଟର ପିଛା ୦.୧୫ କେଜି ଏବଂ ଭାରତରେ ୦.୨୯ କେଜି କୀଟନାଶକର ବ୍ୟବହାର ହୁଏ। ଏଥିରେ ଦେଶରେ ଓଡ଼ିଶାର ସ୍ଥାନ ଦଶମ। ପଞ୍ଜାବରେ ୦.୭୪ କେଜି, ହରିୟାଣାରେ ୦.୬୨, ମହାରାଷ୍ଟ୍ରରେ ୦.୫୭, କେରଳରେ ୦.୪୧ କେଜି, ଉତ୍ତରପ୍ରଦେଶରେ ୦.୩୯ କେଜିର ବ୍ୟବହାର ହେଉଛି। ରାଜ୍ୟ କୃଷି ବିଭାଗର ସୂଚନା ଅନୁସାରେ, ଓଡ଼ିଶାରେ ବାର୍ଷିକ ୧୧୫୮ ମେଟ୍ରିକ ଟନ୍‌ରୁ ଉର୍ଦ୍ଧ୍ୱର କୀଟନାଶକର ଖର୍ଚ୍ଚ ହୁଏ। ସର୍ବାଧିକ ବ୍ୟବହାରକାରୀ ଜିଲ୍ଲା ମଧ୍ୟରେ ବରଗଡ଼, ଗଞ୍ଜାମ, ସମ୍ବଲପୁର, ବଲାଙ୍ଗୀର, ବାଲେଶ୍ୱର ଏବଂ କଟକ ରହିଛି। ଫସଲରେ ରସାୟନିକ କୀଟନାଶକ ଏବଂ ସାରର ମାତ୍ରାଧିକ ବ୍ୟବହାର ଦେଶ ବ୍ୟାପୀ ଚିନ୍ତାର କାରଣ ହୋଇଛି। ରାଜ୍ୟରେ ଧାନ, କପା, ପରିବା, ଚିନାବାଦାମ ଏବଂ ଡାଲିଜାତୀୟରେ ମଧ୍ୟ ଏହାର ବ୍ୟବହାର ବଢିବାରେ ଲାଗିଛି। ଏଥିଯୋଗୁଁ ଉତ୍ପାଦନର ଗୁଣାତ୍ମକମାନ ପ୍ରଭାବିତ ହେବା ସହିତ ଉପଭୋକ୍ତାଙ୍କ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି। କିନ୍ତୁ ଏଥିଯୋଗୁଁ ଚାଷୀମାନେହିଁ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଶସ୍ୟ ସୁରକ୍ଷାର ଯୁଗ୍ମ ନିର୍ଦ୍ଦେଶକ ରୂପକ ମହାଲିଙ୍ଗ କହିଛନ୍ତି, ରୋଗ ଏବଂ ପୋକ ପାଇଁ ତୃଣନାଶକ, ଫିମ୍ପିନାଶକ, ଜୈବକୀଟନାଶକର ସିଞ୍ଚନ ହୁଏ। ଅନେକ ସମୟରେ ଚାଷୀ ଜାଣିନପାରି ଭୁଲ କୀଟନାଶକ ବ୍ୟବହାର କରି ଖର୍ଚ୍ଚାନ୍ତ ହୁଅନ୍ତି ଓ ଫସଲ ମଧ୍ୟ ନଷ୍ଟ ହୁଏ। ସମ୍ବଲପୁର ଏବଂ ଗଞ୍ଜାମରେ ଏଭଳି କାରଣରୁ ଫସଲ ଜଳିଯାଇଥିବା ଉଦାହରଣ ମଧ୍ୟ ଦେଖିବାକୁ ମିଳିଛି। ଗୋଟିଏ ପ୍ରକାର ସମସ୍ୟାରୁ ମୁକ୍ତି ପାଇଁ ବଡ଼ ସମସ୍ୟାର ହାବୁଡ଼ରେ ପଡ଼ନ୍ତି। କୀଟନାଶକ କମ୍ପାନିମାନେ ଚାଷୀମାନଙ୍କୁ ଆକୃଷ୍ଟ କରିବା ପାଇଁ ମାତ୍ରାଧିକ କୀଟନାଶକ କ୍ରୟ ପାଇଁ ପ୍ରଲୋଭିତ କରିଥାଆନ୍ତି। ଏଥିଯୋଗୁଁ ଅନେକ ଚାଷୀଙ୍କ ଘରେ କୀଟନାଶକ ଏବଂ ତୃଣନାଶକ ଉପଲବ୍ଧ ରହିଥାଏ। ଆତ୍ମହତ୍ୟା କୀଟନାଶକ ଏବଂ ତୃଣନାଶକ ଯୋଗୁଁ ହୋଇଥାଏ। ଏଥିପାଇଁ ଭିମ୍‌ସାରର ଡାକ୍ତରମାନଙ୍କ ଦାବି ପରେ ତୃଣନାଶକ ପାରାକ୍ୱେଟ୍ ଉପରେ ରାଜ୍ୟ ସରକାର ଅସ୍ଥାୟୀ କଟକଣା ଜାରି କରିଛନ୍ତି। ଏହି ସମୁଦାୟ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କୀଟନାଶକ ନୀତି ପ୍ରସ୍ତୁତ କରିଛନ୍ତି। ରୋଗୀ ଯେଉଁଭଳି ଡାକ୍ତରଙ୍କୁ ସ୍ୱାସ୍ଥ୍ୟ ସମସ୍ୟା କହି ପ୍ରେସ୍‌କ୍ରିପ୍‌ସନ୍ ଦେଇ ଔଷଧ କ୍ରୟ କରେ। ଏଥିରେ ଚାଷୀ ଯୋଗ୍ୟତାପ୍ରାପ୍ତ କୃଷି ଅଧିକାରୀଙ୍କ ପାଖକୁ ଫସଲ ଡାକ୍ତର ଭାବରେ ତାଙ୍କ ପାଖକୁ ଯିବେ। ଫସଲ କେଉଁଭଳି ସମସ୍ୟାର ସମ୍ମୁଖୀନ ତାହା ଜଣାଇବେ। ଅଧିକାରୀ ଜଣକ କେଉଁ ରୋଗ ବା ପୋକ ନଷ୍ଟ କରିବ ତାହା ଲେଖିବେ। କୌଣସି କମ୍ପାନି ବା ବ୍ରାଣ୍ଡର ନାମ ଲେଖିପାରିବେ ନାହିଁ। କେବଳ ସେହି ସିଜନ ସମସ୍ୟାକୁ ଦେଖି ଲିଖିତ ପରାମର୍ଶ ଦେବେ। ଆସନ୍ତା ଖରିଫ ବା ରବି ପାଇଁ ପରାମର୍ଶ ଦେଇ ପାରିବେ ନାହିଁ।

## ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ

କେନ୍ଦ୍ରାପଡ଼ା, ୦୨/୧୨ (ନି.ପ୍ର): ଚଳିତ ଶିକ୍ଷାବର୍ଷ ପାଇଁ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆଜି ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ପ୍ରମୋଦ କୁମାର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ପଣ୍ଡିତ ବିଜୟ କୁମାର ମିଶ୍ର ମୁଖ୍ୟଅତିଥି ଓ ଧରଣୀଧର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ରାଜଗୋପାଳ ମହାନ୍ତି କ୍ରୀଡାର ମହତ୍ୱ ସମ୍ପର୍କରେ କହିଥିଲେ। କ୍ରୀଡା ଶିକ୍ଷକ ପ୍ରିତିରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଦିପ କୁମାର ବେହୁରା ସହଯୋଗ କରିଥିଲେ। ପ୍ରଜ୍ୱଳିତ ମଶାଲ ସହ ଅତିଥିମାନେ ପଡିଆ ପରିକ୍ରମା କରିଥିଲେ। ସମସ୍ତ ଗୁରୁଜୀ ଓ ଗୁରୁମା ମାନଙ୍କର ସହଯୋଗରେ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମଟି ସାଫଲ୍ୟ ମଣ୍ଡିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ବିଭୁତିରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

# ୧୫ତମ ଯୁବ ଆଦିବାସୀ ଭାବ ବିନିମୟ କାର୍ଯ୍ୟକ୍ରମ ପାଇଁ କନ୍ଧମାଳ ଦଳର ମହୀଶୂର ଅଭିମୁଖେ ଯାତ୍ରା

କନ୍ଧମାଳ, ୦୨/୧୨ (ନି.ପ୍ର): ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସଭାଗୃହ ଫୁଲବାଣୀ ଠାରେ ନେହରୁ ଯୁବକେନ୍ଦ୍ର ଫୁଲବାଣୀ ତରଫରୁ ୧୫ ତମ ଯୁବ ଆଦିବାସୀ ଭାବ ବିନିମୟ କାର୍ଯ୍ୟକ୍ରମ ପାଇଁ କନ୍ଧମାଳ ଦଳ ମହୀଶୂର ଅଭିମୁଖେ ଯାତ୍ରା କରୁଛନ୍ତି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର୍ ବାଣୁଆ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସିଆରପିଏଫ ଇନିସପେକ୍ଟର ଜିତେନ୍ଦ୍ର ବର୍ମନ୍, ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଫୁଲବାଣୀର ଦେବାଶିଷ ମିଶ୍ର, ସିନେ ତାରକା ଜଳନ୍ଧର ବେହେରା, ପୂର୍ବତନ ଆର୍ମୀ ଅଫିସର ବିଷ୍ଣୁ ଚରଣ ମିଶ୍ର, ସି ଡବ୍ଲ ସି ସଭ୍ୟ ପ୍ରସନ୍ନ ବିଶୋଇ ଏବଂ ନେହେରୁ ଯୁବକେନ୍ଦ୍ର ଫୁଲବାଣୀ ସହକର୍ମୀ ସତ୍ୟବାନ୍ ଦଳବେହେରା ପ୍ରମୁଖ ଯୋଗଦେଇ ଅନୁଷ୍ଠିତ କାର୍ଯ୍ୟକ୍ରମ ବିଷୟରେ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। ମହୀଶୂର ଠାରେ ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମ ପାଇଁ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ୨୦ ଜଣ ଆଦିବାସୀ ଯୁବକ ଯୁବତୀ ଯାତ୍ରା କରିଛନ୍ତି। ତା ସହିତ ଏସକର୍ଟ ଭାବରେ ୧୨୭ ସିଆରପିଏଫ୍ ବାଟାଲିୟନ ବାଲିଗୁଡ଼ାର ରିନାକ୍ଷୀ ମହାନ୍ତି, ସୁଜିତ୍ ସାଏ ଯାତ୍ରା କରିଛନ୍ତି। ଏହି କାର୍ଯ୍ୟକ୍ରମ ଡିସେମ୍ବର ମାସ ୫ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଥିବା ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରିଥିଲେ। ବୈଠକରେ ନେହରୁ ଯୁବକେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ୍ ଦଳବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଏବଂ ଉପସ୍ଥିତ ଥିବା ପ୍ରତିଯୋଗୀ ମାନଙ୍କୁ ସ୍ୱାଗତ କରିଥିବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ।

# କନ୍ଧମାଳରେ ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ

କନ୍ଧମାଳ, ୦୨/୧୨ (ନି.ପ୍ର): ଓଡ଼ିଶାର ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟାକୁ ଅନୁଧାନ କଲେ ଜଣାଯାଏ ଯେ, ବିଗତ କିଛି ବର୍ଷ ଧରି ଦୁର୍ଘଟଣା ଓ ତତ୍ ଜନିତ ମୃତ୍ୟୁ ବୃଦ୍ଧିପାଉଛି । ଚଳିତ ବର୍ଷ ଜାନୁଆରୀ ମାସ ଠାରୁ ସେପ୍ଟେମ୍ବର ମାସ ମଧ୍ୟରେ କନ୍ଧମାଳ ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ୭୭ଜଣ ପ୍ରାଣ ହରାଇଛନ୍ତି । ଏହି ମୃତ୍ୟୁ ସଂଖ୍ୟା ହାରକୁ କମାଇବା ପାଇଁ ରାଜ୍ୟ ସରକାର ଡିସେମ୍ବର ୦୧ ତାରିଖରୁ ଡିସେମ୍ବର ୦୭ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ କରୁଛନ୍ତି । ଏହି କ୍ରମରେ କନ୍ଧମାଳ ଜିଲ୍ଲାରେ ମଧ୍ୟ ଦୁର୍ଘଟଣା ଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ କରାଯାଉଛି । ସେଥିପାଇଁ କେତେଗୁଡ଼ିଏ ବିଷୟ ପ୍ରତି ଧ୍ୟାନ ଦେଇ ଜନସାଧାରଣ ଗାଡ଼ି ମଟର ବ୍ୟବହାର କରିବାକୁ କନ୍ଧମାଳ ଆଞ୍ଚଳିକ ପରିବହନ ପ୍ରାଧିକରଣ ନିବେଦନ କରିଛନ୍ତି । ଦୁଇ ଚକିଆ ମୋଟର ଯାନର ଚାଳକ ଏବଂ ପଛରେ ବସିଥିବା ବ୍ୟକ୍ତି ମଧ୍ୟ ହେଲମେଟ୍ ବ୍ୟବହାର କରିବା ଜରୁରୀ। ଅନ୍ୟ ଗାଡ଼ି ସହ ପ୍ରତିଯୋଗିତା କରି ଅତ୍ୟଧିକ ବେଗରେ ଗାଡ଼ି ଚଲାଇବା ଅନୁଚିତ୍ । ନିଶା ସେବନ କରି ଗାଡ଼ି ଚଲାଇବା ଅନୁଚିତ୍ । ସେହିପରି, ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର କରନ୍ତୁ ନାହିଁ କିମ୍ବା ଅନ୍ୟମନସ୍କ ରୁହନ୍ତୁ ନାହିଁ । ୧୮ ବର୍ଷ ବୟସରୁ କମ୍ ବୟସର ପିଲାମାନଙ୍କୁ ଯାନବାହାନ ଚଳାଇବାକୁ ଦିଅନ୍ତୁ ନାହିଁ । ଜନସାଧାରଣ ଘରୁ ବାହାରିବା ପରେ ରାସ୍ତାର ସମସ୍ତ ନିୟମ ମାନନ୍ତୁ । ରାସ୍ତାରେ ପାଶ୍ୱର୍ ପରିବର୍ତ୍ତନ କରିବାର ଯଥେଷ୍ଟ ପୂର୍ବରୁ ସଙ୍କେତ ଦିଅନ୍ତୁ । ଚାରିଚକିଆ ଯାନରେ ସର୍ବଦା ସିଟ୍ ବେଲ୍ଟ ବ୍ୟବହାର କରନ୍ତୁ । ଜନସାଧାରଣ ଗୃହପାଳିତ ପଶୁଙ୍କୁ ରାସ୍ତା ଉପରେ ଛାଡ଼ି ରାସ୍ତା ଅବରୋଧ ନ କରିବା ପାଇଁ ମଧ୍ୟ ଅନୁରୋଧ କରିଛନ୍ତି ।

# କେନ୍ଦ୍ରାପଡ଼ା ଜିଲ୍ଲା ବିଜୁ ଯୁବ ଛାତ୍ର ଜନତା ଦଳର କର୍ମଶାଳା

କେନ୍ଦ୍ରାପଡ଼ା, ୦୨/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜୁ ଯୁବ ଛାତ୍ର ଜନତା ଦଳ ଆନୁକୂଲ୍ୟରେ ମୁଁ ବି ହେବି ନବୀନ ଓଡିଶାର ସାରଥୀ ଶୀର୍ଷକ କର୍ମଶାଳା ବିଜୁ ଜନତା ଦଳର ଜିଲ୍ଲା ସଭାପତି ରାଜେଶ ଦାସଙ୍କ ସଭାପତିତ୍ୱରେ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଅଛି । ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ତଥା ଚାନ୍ଦବାଲିର ବିଧାୟକ ଡ. ବ୍ୟୋମକେଶ ରାୟ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ତଥା ବାଙ୍କିର ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରି ବିଜୁବାବୁ ଦେଇଥିବା ଏକ ବିକଶିତ ଓଡିଶାର ସ୍ୱପ୍ନ ଏବେ ଧିରେଧିରେ ସଫଳ ହେବାରେ ଲାଗିଛି । କ୍ରୀଡାରୁ ଆରମ୍ଭ କରି ସଂସ୍କୃତି ପର୍ଯ୍ୟନ୍ତ, ଶିକ୍ଷାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ, ଯୋଗଶିକ୍ଷା ଏବଂ ଗମନାଗମନ କ୍ଷେତ୍ରରେ ତଥା ଖାଦ୍ୟ ସୁରକ୍ଷା ବିଷୟରେ ଆଜି ରାଜ୍ୟରେ ଏକ ନୂତନ ମାଇଲ ଖୁଂଟ ଅବସ୍ଥାପିତ ହୋଇଅଛି ବୋଲି ନିଜର ବକ୍ତବ୍ୟ ରଖିଥିଲେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ, ଜିଲ୍ଲା ସଭାପତି ଉତ୍କଳ ପରିଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଓଡିଶାରେ ପ୍ରବାହିତ ହେଉଥିବା ଏହି ବିକାଶ ଧାରାରେ ଯୁବ ଏବଂ ଛାତ୍ରମାନଙ୍କୁ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ପରିଷଦର ଶଧ୍ୟକ୍ଷା ଗୀତାଞ୍ଜଳି ସେଠୀ, କେନ୍ଦ୍ରାପଡା ମ୍ୟୁନିସପାଲଟିର ଅଧ୍ୟକ୍ଷା ସରିତା ସାହୁ, ରାଜ୍ୟ ନେତୃତ୍ୱ ଶୁଭେନ୍ଦୁ ମଙ୍ଗରାଜ, ଧ୍ରୁତି ରଞ୍ଜନ ମାର୍ଥା, ଜ୍ୟୋତ୍ସ୍ନା ପରିଡା ପ୍ରମୁଖ ମଂଚାସୀନ ଥିଲେ । ବିଜୁ ଯୁବ ଜନତା ଦଳର ରୋହିତ ମହାନ୍ତି, ରାଜ୍ୟ ସମ୍ପାଦକ ରଞ୍ଜିତ କୁମାର ସାହୁ, ରଞ୍ଜନ ସାହୁ, ସମ୍ମିତ ଶ୍ରୀଚନ୍ଦନ, ଲେନିନ୍ ସ୍ୱାଇଁ, କମଳ ପ୍ରସାଦ ହରିଚନ୍ଦନ, ନିରଞ୍ଜନ ବାରିକ ପ୍ରମୁଖ ସଭାକୁ ପରିଚାଳନା କରିଥିଲେ । ବିଜୁ ଛାତ୍ର ଜନତା ଦଳର ରାଜଶ୍ରୀ ଦାସ, ଅଭିଶେକ ସ୍ୱାଇଁ, ଚିତରଞ୍ଜନ ଦାସ ପ୍ରମୁଖ ସହଯୋଗ କରି ସବାକୁ ସଫଳ କରାଇଥିଲେ । ସର୍ବଶେଷରେ ବିଜୁ ଛାତ୍ର ଜନତା ଦଳର ସଭାପତି ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ସଭା ସାଙ୍ଗ କରାଯାଇଥିଲେ । ମହେନ୍ଦ୍ର ମିଶ୍ର, ଉମେଶ ଚନ୍ଦ୍ର ନାୟକ, ସଙ୍ଗମ କେଶରୀ ସାମଲ, ମାନସ ରଞ୍ଜନ ଦାସ, ସ୍ୱରୂପ ରାଉତରାୟ, ଦେବସ୍ମିତା ସାମଲ, ମହିମା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପିରେ ମିଶିଲେ ବିଜେଡ଼ି ସମର୍ଥିତ ସମିତି ସଭ୍ୟା

ସମ୍ବଲପୁର, ୦୨/୧୨ (ନି.ପ୍ର): ମାନେଶ୍ୱର ବ୍ଲକ ଧମା ପଞ୍ଚାୟତର ବିଜେଡ଼ି ସମର୍ଥିତ ସମିତି ସଭ୍ୟା ଭଗବତୀ ମେହେର ବିଜେପି ଦଳରେ ସାମିଲ ହୋଇଛନ୍ତି । ସମ୍ବଲପୁର ବିଜେପି ଜିଲ୍ଲା କାର୍ଯ୍ୟାଳୟ ଠାରେ ରେଙ୍ଗାଲି ବିଧାୟକ ନାଉରି ନାୟକଙ୍କ ଉପସ୍ଥିତିରେ ସେ ବିଜେପିରେ ସାମିଲ ହୋଇଛନ୍ତି । ବିଜେପି ଜିଲ୍ଲା ସଭାପତି ଗିରିଶ ପଟେଲ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମ ଚନ୍ଦ୍ର ମେହେର ପ୍ରମୁଖ ତାଙ୍କୁ ପୁଷ୍ପ ମାଲ୍ୟ ଓ ଦଳୀୟ ଉତ୍ତରୀୟ ଦେଇ ଦଳରେ ସ୍ୱାଗତ କରିଥିଲେ । ଏହି ଯୋଗଦାନ ବେଳେ ଅନ୍ୟମାନଙ୍କ ମଧ୍ୟରେ ମାନସ ରଞ୍ଜନ ବକ୍ସି, ଅଶ୍ୱିନୀ ମାଝୀ, ନରେନ୍ଦ୍ର ମିଶ୍ର, ମଣ୍ଟୁ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ପାସିଘାଟ

ବୁଲିବାକୁ ଯିବା ପାଇଁ ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ଖୁବ୍ ସୁନ୍ଦର ସ୍ଥାନ। କାରଣ ଅନ୍ୟ ରାଜ୍ୟ ତୁଳନାରେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପ୍ରଦୂଷଣମୁକ୍ତ। ତୁଳନାତ୍ମକ ଭାବେ ପର୍ଯ୍ୟଟକଙ୍କ ଭିଡ଼ ମଧ୍ୟକମ୍। ଗୋଟିଏ ପଟେ ପାହାଡ଼ କୋଳରେ ଯେମିତି ମେଘମାନଙ୍କ ଭାସି ବୁଲୁଥିବାର ଦୃଶ୍ୟ ଆଖି ଏବଂ ମନ ଉଭୟକୁ ପରିତୃପ୍ତି ଦେଇଥାଏ। ଅନ୍ୟପଟେ ଘଂଚଞ୍ଚ ସବୁଜ ଜଙ୍ଗଲ ସେମିତି ଭିଡ଼ ମଧ୍ୟରୁ ହଜିଯାଇ ନିଜକୁ ନୂଆ କରି ଖୋଜି ବାହାର କରିବାର ଆଶ୍ୱାସନା ଯୋଗାଇଥାଏ। ଉତ୍ତର ପୂର୍ବାଞ୍ଚଳ ପାସିଘାଟ ଅରୁଣାଚଳ ପ୍ରଦେଶର ଅନ୍ୟତମ ସୁସଜ୍ଜିତ ସହର। ଦେଶର ପ୍ରଥମ ୧୦୦ଟି ସ୍ମାର୍ଟ ସିଟି ତାଲିକା ମଧ୍ୟରେ ଏହି ପାସିଘାଟ। କିନ୍ତୁ ଦେଶର ଅନ୍ୟ ମହାନଗରୀଗୁଡ଼ିକ ତୁଳନାରେ ଏହି ସହରଟିକୁ ଏବେବି ଗ୍ରାସ କରିପାରିନି ପ୍ରଦୂଷଣ। ପୂର୍ବ ସିୟାଂ ଜିଲ୍ଲାର ସଦର ମହକୁମା ଭାବେ ପରିଚିତ ପାସିଘାଟ ଅରୁଣାଚଳର ପ୍ରାଚୀନ ସହରଗୁଡ଼ିକ ମଧ୍ୟରେ ଅନ୍ୟତମ। ଏହି ସହରଟିକୁ କେନ୍ଦ୍ର କରି ଗଢ଼ିଉଠିଛି ଛୋଟ-ବଡ଼ ଅନେକ ପର୍ଯ୍ୟଟନସ୍ଥଳୀ।




ଡେୟିଂ ଏରିଂ ଅଭୟାରଣ୍ୟ : ପାସିଘାଟର ଅନ୍ୟତମ ପର୍ଯ୍ୟଟନ କେନ୍ଦ୍ର ହେଉଛି ଏହି ଅଭୟାରଣ୍ୟ। ସାଇବେରିଆ, ମଙ୍ଗୋଲିଆ ଆଦି ଦେଶରୁ ଆସିଥିବା ଅତିଥି ପକ୍ଷୀଙ୍କ ଭିଡ଼ ଏହି ଅଭୟାରଣ୍ୟରେ ସୌନ୍ଦର୍ଯ୍ୟକୁ ବହୁ ଗୁଣରେ ବୃଦ୍ଧି କରିଥାଏ। ଏହା ସହିତ ଘନ ସବୁଜ ଜଙ୍ଗଲ ଏବଂ ବିଶାଳ ଜଳାଶୟ ଏହି ଅଂଚଳଟିକୁ ପର୍ଯ୍ୟଟକମାନଙ୍କ ପାଇଁ ଆହୁରି ଆକର୍ଷଣୀୟ କରିପାରିଛି। ସବୁଠାରୁ ମାତ୍ର ୨୦ କିମି ଦୂରତ୍ୱରେ ଅବସ୍ଥିତ ଏହି ଅଭୟାରଣ୍ୟ ପରିବେଶ କୋଳରେ ଛୁଟି କଟାଇବାର ଆଦର୍ଶ ସ୍ଥାନ।

କେକାର ମନିଂ :


ପାସିଘାଟ ଯାଇ ଏହି ଐତିହାସିକ ସ୍ଥଳୀକୁ ଯାଇ ନଥିବା ପର୍ଯ୍ୟଟକଙ୍କ ସଂଖ୍ୟା ହୁଏତ ହାତଗଣତି ହୋଇଥିବ। ରୋଟାଂ ପାଖରେ ଅବସ୍ଥିତ ଏହି ପାହାଡ଼ି ଅଂଚଳ ୧୯୯୧ ମସିହାରେ ବ୍ରିଟିଶମାନଙ୍କ ବିରୁଦ୍ଧରେ ହୋଇଥିବା ଏକ ଘମାଘୋଟ ଯୁଦ୍ଧର ମୁକସାକ୍ଷୀ। ତେଣୁ ଇତିହାସପ୍ରେମୀ ପର୍ଯ୍ୟଟକମାନଙ୍କ ପାଖରେ ଏହି ସ୍ଥାନ ବେଶ୍ ଗୁରୁତ୍ୱପୂର୍ଣ୍ଣ।

ସିୟାଂ ଓ ବ୍ରହ୍ମପୁର ରିଭର ରାଫ୍ଟିଂ :

ଆପଣ ଯଦି ରୋମାଞ୍ଚପ୍ରିୟ ପର୍ଯ୍ୟଟକ ହୋଇଥାନ୍ତି ଏବଂ ପ୍ରକୃତି କୋଳରେ ଉଦ୍ଦାମ ମୁହୂର୍ତ୍ତ ସୃଷ୍ଟି କରିବାରେ ବିଶ୍ୱାସୀ ତେବେ ସିୟଂ ଏବଂ ବ୍ରହ୍ମପୁର ନଦୀରେ ରିଭର ରାଫ୍ଟିଂ କରିପାରିବେ। ସହରଠାରୁ ପାଞ୍ଚକିଲୋମିଟର ଦୂରତ୍ୱରେ ଅବସ୍ଥିତ ଏହି ଦୁଇଟି ଜଳାଶୟ ରୋମାଞ୍ଚକର ଜଳକ୍ରୀଡ଼ାପାଇଁ ଆଦର୍ଶ।

ପାନିଗିଂ :

ପାନଗିଂକୁ କୁହାଯାଏ ଉତ୍ତର-ପୂର୍ବାଂଚଳର ପ୍ରୟାଗ। ସିୟାଂ ଏବଂ ସିୟମ ନଦୀର ମିଳନସ୍ଥଳ ପାନଗିଂରେ ଦେଖିବାକୁ ମିଳେ ସବୁଜ ଜଳରାଶିର ଅପରୂପ




ସୌନ୍ଦର୍ଯ୍ୟ। ପାହାଡ଼ି ନଦୀର ଏହି ମିଳନକ୍ଷେତ୍ର ଏହାର ଅପୂର୍ବ ସୌନ୍ଦର୍ଯ୍ୟ ପାଇଁ ସବୁବେଳେ ପର୍ଯ୍ୟଟକମାନଙ୍କ ମନ ଜୟ କରିଆସିଛି।

କିପରି ଯିବେ :


ପାସିଘାଟର ନିକଟତମ ବିମାନବନ୍ଦର ହେଉଛି ଆସାମର ଦିବ୍ରୁଗଡ଼ (ମୋହନବାରି) ଏବଂ ଗୌହାଟି। ସେଠାରୁ ପ୍ରାଇଭେଟ୍ ଗାଡ଼ି ଯୋଗେ ପାସିଘାଟ ଯିବାର ବ୍ୟବସ୍ଥା ଅଛି। ଦିବ୍ରୁଗଡ଼ ଏବଂ ଇଟାନଗରରୁ ମଧ୍ୟ ପବନହଂସର ହେଲିକପ୍ଟର ସେବା ଉପଲବ୍ଧ। ପାସିଘାଟ ନିକଟତମ ଷ୍ଟେସନ ହେଉଛି ମୁରକୋଂ ସେଲେକ ଯେଉଁଠୁ ପାସିଘାଟର ଦୂରତ୍ୱ ୩୫କିମି। ଜଣେ ଚାହିଁଲେ ଠାରୁ ବସ କିମ୍ବା ପ୍ରାଇଭେଟ ଟ୍ୟାକ୍ସି ଯୋଗେ ପାସିଘାଟ ଯାଇପାରିବ। ଗୌହାଟି, ଇଟାନଗର, ଲକ୍ଷ୍ମୀପୁର ଆଦି ସ୍ଥାନରୁ ପାସିଘାଟକୁ ନିୟମିତ ବସ୍ ଏବଂ ଅନ୍ୟାନ୍ୟ ଗାଡ଼ି ଯାତାୟତ କରିଥାଏ। ତେବେ ପାସିଘାଟ ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନଙ୍କୁ ପ୍ରଥମେ ଏକ ଅନୁମତି ପତ୍ର ଯୋଗାଡ଼ କରିବାକୁ ପଡ଼ିବ ଯାହା କି ଦିଲ୍ଲୀ, କୋଲକାତା, ଗୋହାଟି ଏବଂ ଦିବ୍ରୁଗଡ଼ରେ ଅବସ୍ଥିତ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଲିଆସନ ଅଫିସରମାନେ ଦେଇଥାନ୍ତି। ନଚେତ ପାସିଘାଟ ସବ ଡିଭିଜନର ଡେପୁଟି କମିଶନରଙ୍କ ଠାରୁ ଏହି ଅନୁମତି ପତ୍ର ଯୋଗାଡ଼ କରିବାକୁ ପଡ଼ିବ। ତେବେ ଅଧିକାଂଶ କ୍ଷେତ୍ରରେ ପର୍ଯ୍ୟଟକଙ୍କୁ ଏହି କଷ୍ଟ ଉଠାଇବାକୁ ପଡ଼ିନଥାଏ। କାରଣ ଟୁରିଷ୍ଟ ଗାଇଡ଼ ଓ ଟ୍ରାଭେଲ ଏଜେନ୍ସି ଗୁଡ଼ିକ ଏହି ସୁବିଧା ଉପଲବ୍ଧ କରାଇଥାନ୍ତି।

# ଅଧିକ ଚିନ୍ତା ଦାନ୍ତକୁ କ୍ଷତି ପହଂଚାଏ



ଅଧିକ ଚିନି, ମଇଦା, ଅଜିନୋମଟୋ ପାଟିକୁ ସୁଆଦିଆ ଲାଗେ। କିନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ। ପ୍ରତିଦିନ ଖାଦ୍ୟରେ ଚିନିର ମାତ୍ରା କମ୍ କରନ୍ତୁ। ମଇଦା ଓ ଅଜିନୋମଟୋ ଠାରୁ ଦୂରେଇ ରୁହନ୍ତୁ। କାରଣ ଏପରି ଖାଦ୍ୟର ଅଭ୍ୟାସ ଆପଣଙ୍କୁ କରିଦେବ ରୋଗାଗ୍ରସ୍ତ। ଗୋଟିଏ ଦିନରେ ଚିନିର ମାତ୍ରା ଦୁଇ ଛୋଟ ଚାମଚ ରହିବା ସ୍ୱାସ୍ଥ୍ୟ ପାଇଁ ଭଲ। ମାତ୍ର ଏହାଠାରୁ ଅଧିକ ହେଲେ ଏହା ଦାନ୍ତକୁ କ୍ଷତି ପହଁଚାଇବା ସହ ଶରୀରକୁ ମୋଟା ମଧ୍ୟ କରାଏ। ଚିନିଯୁକ୍ତ ପାନୀୟ ପଦାର୍ଥ ଏବଂ ଜଙ୍କ ଫୁଡ଼ ସ୍ୱାସ୍ଥ୍ୟ ଜନିତ ସମସ୍ୟାକୁ ଅଧିକ ବଢ଼ାଇଦିଏ। ଚିକିତ୍ସକଙ୍କ କହିବାନୁଯାୟୀ ଅଧିକ ଚିନି ସେବନ ଦ୍ୱାରା ଏହା ନିଶାରେ ପରିଣତ ହୁଏ ଏବଂ ଦାନ୍ତ ଜନିତ ସମସ୍ୟା ଉପୁଜେ। ଦାନ୍ତ ଏବଂ ଅନୁସନ୍ଧାନ ବିଭାଗର ଡାକ୍ତରଙ୍କ କହିବା ମୁତାବକ, ଦେଶରେ ୮୦ ରୁ ୯୦ ପ୍ରତିଶତ୍ ଲୋକମାନଙ୍କ ନିକଟରେ ମାଢ଼ି ଜନିତ ଓ ଡାଇବେଟିସ୍ ସମସ୍ୟା ହେବାରେ ଲାଗିଛି। ବଜାରରେ ମିଳୁଥିବା ବିଭିନ୍ନ ରକମର ଶୀତଳ ପାନୀୟ ହିଁ ଏହି ଦାନ୍ତ ଜନିତ ରୋଗ ସୃଷ୍ଟି କରେ। ବାରମ୍ବାର ପିଇବା ଦ୍ୱାରା ଲୋକେ ଏହାର ଅଭ୍ୟସ୍ତ ହୋଇପଡ଼ନ୍ତି।

# କିଡ଼ନୀ ଷ୍ଟୋନ ରୋକିପାରେ ସାଇଟ୍ରିକ୍ ଏସିଡ୍



ପ୍ରାକୃତିକ ସାଇଟ୍ରିକ ଏସିଡ୍ କିଡ଼ନୀ ଷ୍ଟୋନ୍ ରୋକିବାରେ ସହାୟକ ହୋଇପାରେ। ଏପରିକି ଷ୍ଟୋନକୁ ମିଳେଇବାରେ ମଧ୍ୟ ସକ୍ଷମ। ହାଇଡ୍ରୋକ୍ସିସାଇଟ୍ରେଟ (ଏଚସିଏ) ନାମକ ଯୌଗିକ କ୍ୟାଲସିୟମ ଅକ୍ସାଲେଟ୍ କ୍ରିଷ୍ଟାଲକୁ ମିଳେଇପାରେ, ଯାହା ମଣିଷର କିଡ୍‌ନୀ ଷ୍ଟୋନରେ ସବୁଠୁ ମୁଖ୍ୟ ଉପାଦାନ ବୋଲି ଅଧ୍ୟୟନ ସ୍ପଷ୍ଟ କରିଛି। କିଡ୍‌ନୀ ଷ୍ଟୋନ ଭଳି କଷ୍ଟଦାୟକ ସ୍ଥିତି ପାଇଁ ଅଧ୍ୟୟନ ଫଳପ୍ରଦ ଔଷଧ ପ୍ରସ୍ତୁତ କରୁଥିଲା। କିଡ୍‌ନୀ ଷ୍ଟୋନ ରୋକିବାରେ ଏଚ୍‌ସିଏ ଖୁବ୍ ଲାଭପ୍ରଦ ବୋଲି ଅନଲାଇନ୍ ଜର୍ଣ୍ଣାଲ୍ 'ନେଚର୍'ରେ ଗବେଷକମାନେ ଉଲ୍ଲେଖ କରିଛନ୍ତି। କମ୍ପ୍ୟୁଟେସନାଲ ଓ ମାନବ ଅଧ୍ୟୟନ ଦ୍ୱାରା ଏହି ତଥ୍ୟ ସଂଗ୍ରହ କରାଯାଇଥିବା ଅଧ୍ୟୟନର ମୁଖ୍ୟ ଲେଖକ ଆମେରିକାର ହଷ୍ଟନ୍ ୟୁନିଭର୍ସିଟିର ସହ ପ୍ରାଧ୍ୟାପକ ଜେଫରୀ ରିମର୍ କହିଛନ୍ତି। କିଡ୍‌ନୀ ଷ୍ଟୋନର ଆକାର ଛୋଟ। କଠିନ ଧାତୁ କିଡନୀ ମଧ୍ୟରେ ଜମା ହୋଇ ଏହା ସୃଷ୍ଟି ହୋଇଥାଏ। ଉଚ୍ଚ ରକ୍ତଚାପ, ମଧୁମେହ, ମେଦବହୁଳତା ଏହି ଆଶଙ୍କା ବୃଦ୍ଧି କରିଥାଏ।

# ୯୦% ଲୋକ ପ୍ରଦୂଷିତ ବାୟୁ ଗ୍ରହଣ କରୁଛନ୍ତି



ବିଶ୍ୱର ପ୍ରତି ୧୦ ଜଣଙ୍କ ମଧ୍ୟରୁ ୯ଜଣ ପ୍ରଦୂଷିତ ବାୟୁ ଗ୍ରହଣ କରୁଛନ୍ତି। ବାୟୁ ପ୍ରଦୂଷଣ ବାର୍ଷିକ ୬ ନିୟୁତ ଲୋକଙ୍କ ଜୀବନ ନେଉଛି ବୋଲି ମଙ୍ଗଳବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚଓ)ର ଏକ ରିପୋର୍ଟରେ ପ୍ରକାଶ ପାଇଛି।

ଡବ୍ଲ୍ୟୁଏଚ୍‌ଓର ଜନସ୍ୱାସ୍ଥ୍ୟ ଓ ପରିବେଶ ବିଭାଗ ମୁଖ୍ୟ ମାରିଆ ନେଇରା କହିଛନ୍ତି, ଜାତିସଂଘର ସ୍ୱାସ୍ଥ୍ୟ ସମ୍ପର୍କିତ ଏହି ବିଶ୍ୱ ସ୍ତରୀୟ ସଙ୍ଗଠନର ତଥ୍ୟ ଏ ବାୟୁ ପ୍ରଦୂଷଣ ରୋକିବା ନେଇ ସଚେତନ କରିବା ପାଇଁ ପର୍ଯ୍ୟାପ୍ତ। ଏହି ସମସ୍ୟା ସହରଗୁଡ଼ିକରେ ସବୁଠୁ ଅଧିକ। କିନ୍ତୁ ଗ୍ରାମାଞ୍ଚଳରେ ମଧ୍ୟ ବାୟୁ ପ୍ରଦୂଷଣର ଭୟାବହତା କିଛି କମ ନୁହେଁ। ଅନୁନ୍ନତ ଦେଶଗୁଡ଼ିକର ବାୟୁ ବିକଶିତ ଦେଶଠାରୁ ଅପେକ୍ଷାକୃତ କମ ପ୍ରଦୂଷିତ। କିନ୍ତୁ ପ୍ରକୃତରେ ବାୟୁ ପ୍ରଦୂଷଣ ବିଶ୍ୱର ସବୁଠୁ ଦେଶର ସବୁ ସମାଜ ଉପରେ ଖରାପ ପ୍ରଭାବ ପକାଉଛି। ଏହାକୁ ଜନସ୍ୱାସ୍ଥ୍ୟ ପାଇଁ ଜରୁରିକାଳୀନ ପରିସ୍ଥିତି ବୋଲି କୁହାଯାଇପାରେ। ତେବେ ସରକାର ଯାନବାହାନ ଗୁଡ଼ିକୁ ଚଳାଚଳକୁ ଉଚିତ ଢଙ୍ଗରେ ନିୟନ୍ତ୍ରଣ, ଉନ୍ନତ ବର୍ଜ୍ୟବସ୍ତୁ ପରିଚାଳନା ଓ ସ୍ୱଚ୍ଛ ରୋଷେଇ ଇନ୍ଧନକୁ ପ୍ରୋତ୍ସାହିତ କଲେ ଏ ଦିଗରେ ସୁଫଳ ମିଳିବ। ବିଶ୍ୱର ୩,୦୦୦ରୁ ଊର୍ଦ୍ଧ୍ୱ ସହରରୁର ସଂଗୃହୀତ ତଥ୍ୟକୁ ନେଇ ଏହି ରିପୋର୍ଟ



ପ୍ରସ୍ତୁତ କରାଯାଇଛି। ୯୨% ଲୋକ ଏଭଳି ପରିବେଶରେ ରହୁଛନ୍ତି, ଯେଉଁଠି ବାୟୁର ସ୍ତର ଡ୍ବ୍ଲ୍ୟୁଏଚଓ ଦ୍ୱାରା ନିର୍ଦ୍ଧାରିତ ଗୁଣବତ୍ତା ଠାରୁ ନିମ୍ନରେ ରହିଛି। ଘରୋଇ ଓ ବାହ୍ୟ ବାୟୁ ପ୍ରଦୂଷଣ ଯୋଗୁଁ ବିଶ୍ୱରେ ବାର୍ଷିକ ୬ ନିୟୁତ ଲୋକ ପ୍ରାଣ ହରାଉଛନ୍ତକି। ଚାଇନା, ମାଲେସିଆ ଓ ଭିଏତନାମ ସମେତ ଦକ୍ଷିଣ ଏସିଆ ଓ ପଶ୍ଚିମ ପ୍ରଶାନ୍ତମହାସାଗରୀୟ ଅଂଚଳରେ ସ୍ଥିତି ସବୁଠୁ ଉଦବେଗଜନକ ବୋଲି ଏଥିରେ କୁହାଯାଇଛି।

# ଓଜନ ବଢୁଥିଲେ

**ହର୍ମୋନାଲ ଚେଞ୍ଜେସ୍, ଭୁଲ ଡାଏଟ୍ ଷ୍ଟ୍ରେସ୍ ଏବଂ ବ୍ୟସ୍ତ ଜୀବନଶୈଳୀ କାରଣରୁ ପ୍ରାୟତଃ ଓଜନ ବଢ଼ିଯାଇଥାଏ। ଏହାକୁ କମ୍ କରିବାକୁ ଆମେ ବହୁ କୁସ୍ତି କଶରତ କରିଥାଉ। ତଥାପି ଓଜନ କମି ନଥାଏ। ତେବେ ଏହା ପଛରେ ରହିଥିବା ବଡ଼ ଭୁଲ୍ ହେଉଛି ଆମ ଡେଲି ରୁଟିନରେ ପରିବର୍ତ୍ତନ।**

- ଓଜନ କମ୍ କରିବାକୁ ଡାଏଟିଂ ନାମରେ କିଛି ଖାଦ୍ୟ ନଖାଇବା କ୍ଷତିକାରକ ଏହାଦ୍ୱାରା ଓଜନ କମିବା ପରିବର୍ତ୍ତେ ବଢ଼ିଯାଇଥାଏ ଏବଂ ବିଭିନ୍ନ ରୋଗ ମାଡ଼ିବସିଥାଏ।

-ଫ୍ରୁଟ୍ ଜୁସ୍, କେନ୍ଡ୍ ଜୁସରେ ମାତ୍ରାଧିକ ସୁଗାର ଥାଏ। ଡାଏଟ କଲା ମଧ୍ୟ ଓଜନ ବଢ଼ାଇଦେଇଥାଏ। ତା'ଛଡ଼ା ଅତ୍ୟଧିକ ଲିକ୍ୱିଡ଼ ଡାଏଟ ମଧ୍ୟ ଦେହପାଇଁ ଖରାପ।

ସକାଳୁ ଜଳଖିଆ ନକରିବାକୁ



ମେଟାବଲିଜମ ରେଟ୍ କମ ହୋଇଯାଇଥାଏ, ଯାହାଦ୍ୱାରା ଫ୍ୟାଟ ବର୍ଣ୍ଣ ହେବା ପ୍ରୋସେସ ଧିମା ହୋଇଯାଏ।

- ଦିନସାରା ଯଦି ଆପଣ ୩ଲିଟରରୁର କମ୍ ପାଣି ପିଉଛନ୍ତି ତ ଶରୀରରୁ ଖରାପ ତତ୍ୱ ବାହାରକୁ ଯାଇପାରେ ନାହିଁ ଯେଉଥିପାଇଁ ମେଟାବଲିଜିମ୍ ଧିମା ହୋଇଯାଏ ଏବଂ ଓଜନ ବଢ଼ିଯାଇଥାଏ।

- ରେଗୁଲାର ମର୍ଣ୍ଣିଂ ୱାକ କିମ୍ବା ଫିଜିକାଲ ଏକ୍ସରସାଇଜ ନକରିବା କାରଣରୁ କ୍ୟାଲୋରୀ ବର୍ଣ୍ଣ ହୋଇପାରେ ନାହିଁ। ଏହାଦ୍ୱାରା ଫ୍ୟାଟ୍ ବଢ଼ିଯାଇଥାଏ।

- ଡାଏଟରେ ପତ୍ରଥିବା ପରିବା, ଯେମିତି ପାଳଙ୍ଗ, ପତ୍ରକୋବି, ଫୁଲକୋବି, ସାମିଲ ନକଲେ ଓଜନ ବଢ଼ିଯାଇଥାଏ।

- କ୍ଷୀର, ଦହି, ପନିର, ଅଣ୍ଡା ନଖାଇବା ଦ୍ୱାରା ବଡ଼ିର ମେଟାବଲିଜିମ ପ୍ରୋସେସ ଧିମା ହୋଇଯାଇଥାଏ। ଏହାଦ୍ୱାରା ଓଜନ ବଢ଼ିଯାଇଥାଏ।

- ରାତିରେ ନିଦ ନ ହେଲେ ଓଜନ ବଢ଼ାଉଥିବା ହର୍ମୋନ୍ସର ଲେବଲ ବଢ଼ିଯାଇଥାଏ। ଏହାଦ୍ୱାରା ତୀବ୍ର ବେଗରେ ଓଜନ ବଢ଼ିଯାଇଥାଏ। ତେଣୁ ୭/୮ଘଂଟା ଯେମିତି ହେଲେ ଶୁଅନ୍ତୁ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୦୪ ଡିସେମ୍ବର ୨୦୨୩, ସୋମବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପାନୁନ୍ ପ୍ରସଙ୍ଗ...

ଜଣେ ଶିଖ୍ ବିଚ୍ଛିନ୍ନତାବାଦୀ ତଥା ବରିଷ୍ଠ ଖଲିସ୍ତାନୀ ନେତା ଗୁରପତନ୍ତ ସିଂହ ପାନୁନ୍‌ଙ୍କୁ ଆମେରିକା ମାଟିରେ ହତ୍ୟା କରିବାର ଷଡ଼ଯନ୍ତ୍ର ପଛରେ ଜଣେ ଭାରତୀୟଙ୍କ ହାତ ରହିଥିବା ନେଇ ମ୍ୟାନ୍‌ହାଟନ୍ କୋର୍ଟରେ ହୋଇଥିବା ଅଭିଯୋଗ ଉପରେ ନୂଆଦିଲ୍ଲୀ ପକ୍ଷରୁ ଗୁରୁବାର ଦିନ ସତର୍କତାପୂର୍ଣ୍ଣ ପ୍ରତିକ୍ରିୟା ପ୍ରକାଶ କରାଯାଇଛି । ଭାରତର ବର୍ହିବ୍ୟାପାର ମନ୍ତ୍ରଣାଳୟ ଏହାକୁ ଏକ 'ଚିନ୍ତାର ବିଷୟ' କହିବା ସଙ୍ଗେ ସଙ୍ଗେ ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱାରା ଏହି ପ୍ରସଙ୍ଗରେ ପ୍ରଦାନ କରାଯାଇଥିବା 'ନିବେଶ' ବା ଇନ୍‌ପୁଟ୍‌କୁ ପୁଙ୍ଖାନୁପୁଙ୍ଖ ଭାବରେ ଅନୁଧ୍ୟାନ କରିବା ନିମନ୍ତେ ଏକ ଉଚ୍ଚ-ସ୍ତରୀୟ କମିଟି ଗଠନ କରାଯାଇଥିବାର ସୂଚନା ଦେଇଛି । ଏହି ଘଟଣା ପ୍ରତି ଆନୁଷ୍ଠାନିକ ଭାରତୀୟ ପ୍ରତିକ୍ରିୟା ସଂଗଠିତ ଅପରାଧୀ, ଗୁଳିକାଣ୍ଡ ଘଟାଉ ଥିବା ଲୋକମାନେ ଏବଂ ଆତଙ୍କବାଦୀଙ୍କ କାମ ହୋଇଥିବା ସମ୍ପର୍କରେ ଉଲ୍ଲେଖ କରିଥିବା ବେଳେ ଭାରତ ଦ୍ୱାରା ଶିଖ୍ ଫର୍ ଜଷ୍ଟିସ୍ (ଏସ୍‌ଏଫ୍)ର ଉପରୋକ୍ତ ନେତାଙ୍କୁ ହତ୍ୟା କରିବା ନିମନ୍ତେ କୌଣସି ଷଡ଼ଯନ୍ତ୍ର ହୋଇ ନଥିବା ପ୍ରକାଶ କରିଥିଲା। ତେବେ ଆମେରିକା ପକ୍ଷରୁ ହୋଇଥିବା ଅଭିଯୋଗ ଏବଂ ସମାନ ଢଙ୍ଗରେ କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୁଙ୍କ ପକ୍ଷରୁ ହୋଇଥିବା ଅଭିଯୋଗକୁ ନୂଆଦିଲ୍ଲୀ 'ଉଦ୍ଭଟ' ବୋଲି କହିଥିଲା । ପରନ୍ତୁ, ସମ୍ପ୍ରତି ଏ କ୍ଷେତ୍ରରେ ହୋଇଥିବା ଅଗ୍ରଗତିକୁ ଭାରତ କେତେ ଗୁରୁତ୍ୱର ସହିତ ଗ୍ରହଣ କରୁଛି, ତାହା ବର୍ହିବ୍ୟାପାର ମନ୍ତ୍ରଣାଳୟର ପ୍ରତିକ୍ରିୟାରୁ ଜଣାପଡୁଛି, ଯଦିଓ ଭାରତ ଏଭଳି କାର୍ଯ୍ୟକୁ ଆମର 'ସରକାରୀ ନୀତି ବିରୋଧୀ' ବୋଲି କହିଛି। ଉଲ୍ଲେଖଯୋଗ୍ୟ ଯେ ବୁଧବାର ଦିନ ଆମେରିକୀୟ ଫେଡେରାଲ ପ୍ରସିକ୍ୟୁଟରମାନେ ଭାରତୀୟ ଜାତୀୟତାଧାରୀ ନିଖୁଲ ଗୁପ୍ତାଙ୍କୁ ଜଣେ ଭାରତୀୟ ଅଧିକାରୀଙ୍କ ସହିତ ମିଶି ପାନୁନ୍‌ଙ୍କ ହତ୍ୟାର ପଣ୍ଡ କରି ଦିଆଯାଇଥିବା ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ, ଯାହାଙ୍କୁ ବର୍ତ୍ତମାନ ଚେକ୍ ରିପବ୍ଲିକ୍‌ର କର୍ତ୍ତୃପକ୍ଷ ଗିରଫ କରିଛନ୍ତି । ତାଙ୍କୁ ଖୁବ୍ ଶୀଘ୍ର ଆମେରିକା ଅଣାଯିବାର ମଧ୍ୟ ବ୍ୟବସ୍ଥା କରାଯାଉଥିବା ସେମାନେ କହିଥିଲେ। ଏମିତି ନୁହେଁ ଯେ ଭାରତ ଏସବୁ ସମ୍ପର୍କରେ ସରକାରୀ ଭାବରେ ଅବଗତ ନଥିଲା, ଯେହେତୁ ଗତ ଜୁନ୍ ମାସରେ ଯେତେବେଳେ ସେହି ଭାରତୀୟଙ୍କୁ ପ୍ରତ୍ୟର୍ପଣର କଥା ଉଠିଥିଲା, ତାହା ହୁଏତ ଆମେରିକାର ସର୍ବୋଚ୍ଚ କର୍ତ୍ତୃପକ୍ଷଙ୍କ ନଜରକୁ ଅଣା ଯାଇଥବ, ଯାହାକି କାନାଡାର ଏକ କାର୍ ପାର୍କିଂ ସ୍ଥଳରେ ଶିଖ୍ ବିଚ୍ଛିନ୍ନତାବାଦୀ ହରଦୀପ୍ ସିଂହ ନିଜାରର ହତ୍ୟା ବାବଦରେ ଗୁଇନ୍ଦା ରିପୋର୍ଟ ପ୍ରଦାନ କରିଥିଲା । ବର୍ତ୍ତମାନ ପାନୁନ୍ ସମ୍ପର୍କିତ ଅଭିଯୋଗ ଆସିବା ପରେ ଭାରତ ଏହା ପକ୍ଷରୁ କାର୍ଯ୍ୟ କରୁଥିବା ଏଜେଣ୍ଟମାନଙ୍କ ଦ୍ୱାରା ଯୋଜନାବଦ୍ଧ ସୀମାପାର ହତ୍ୟାଗୁଡ଼ିକ ବାବଦରେ ଆମେରିକାର ଚିନ୍ତାର କାରଣ ଜାଣିବା ପାଇଁ ଏକ କମିଟି ଗଠନ କରିଛି । କିନ୍ତୁ ଏହି ପ୍ଲଟ୍ ଆହୁରି ଗଭୀର ହୋଇଛି ଯେତେବେଳେ ଅଭିଯୋଗ ହୋଇଥିବା କାର୍ଯ୍ୟ ଜଣେ ପରଦା ପଛରେ ରହିଥିବା ଆମେରିକୀୟ ଡ୍ରଗ୍ ଏନ୍‌ଫୋର୍ସମେଣ୍ଟ ଏଜେନ୍ସିର ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା ଏବଂ ଏହା ପରେ ଅଭିଯୋଗ ଉଠିଥିଲା। ତେଣୁ ଏସବୁ ଭିତରେ ଭାରତକୁ ବର୍ତ୍ତମାନ ଆମେରିକା ଓ କାନାଡାକୁ ପାନୁନ୍‌ର କାର୍ଯ୍ୟକଳାପଗୁଡ଼ିକ ସମ୍ପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିବା ସହିତ ଦର୍ଶାଇବାକୁ ପଡ଼ିବ ଯେ ସେଗୁଡ଼ିକ ଭାରତୀୟ ରାଷ୍ଟ୍ରର ସୁରକ୍ଷା ପରିପ୍ରେକ୍ଷୀରେ କିପରି ଦେଶଦ୍ରୋହମୂଳକ ଥିଲା। ସଙ୍ଗେ ସଙ୍ଗେ ଏହା ମଧ୍ୟ ବୁଝାଇବାକୁ ହେବ ଯେ ଅଭିଯୋଗ ହୋଇଥିବା କାର୍ଯ୍ୟଗୁଡ଼ିକ ସରକାରୀ ଭାବରେ ଭାରତ ଦ୍ୱାରା ଅନୁମୋଦିତ ନଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ ଭାରତ ହୁଏତ ଏହାର ଗୁଇନ୍ଦା ଏଜେଣ୍ଟ ଏବଂ ସେମାନଙ୍କ ଦ୍ୱାରା ନିୟୋଜିତ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଗୋପନରେ କିଛି କାର୍ଯ୍ୟ କରୁଥାଇପାରେ। କିନ୍ତୁ ସମ୍ପ୍ରତି ମନେହୁଏ ଯେ ନ୍ୟୁୟର୍କ କୋର୍ଟରେ ଯେଉଁସବୁ ଅଭିଯୋଗ ଅଣାଯାଇଛି, ସେଥିପାଇଁ ଦେଶକୁ ଅଧିକ ଉତ୍ତର ରଖିବାକୁ ପଡ଼ିବ, ଯଦି ସେମାନେ ଦଣ୍ଡ ବିଧାନ କରିବା ଭଳି କିଛି ପ୍ରମାଣ ଉପସ୍ଥାପନ କରି ପାରନ୍ତି । କାନାଡା କ୍ଷେତ୍ରରେ ସମାନ ଧରଣର ଅଭିଯୋଗକୁ ଅତୀତରେ ଭାରତ ଖଣ୍ଡନ କରି ଆସିବାରେ ସକ୍ଷମ ହୋଇଥିଲା, ଯେହେତୁ ସେହି ଦେଶ ଏହାର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପାର୍ଲାମେଣ୍ଟରେ ଘଟଣାକୁ ଉପସ୍ଥାପନ କରିବାଠାରୁ ଅଧିକ କିଛି କରିପାରି ନଥିଲା । କିନ୍ତୁ ରୟାଲ କାନାଡିଆନ୍ ମାଉଣ୍ଟେଡ୍ ପୁଲିସ ନିଜାରର ହତ୍ୟାରେ କେଉଁ ବ୍ୟକ୍ତିମାନେ ନିର୍ଦ୍ଦିଷ୍ଟ ଭାବରେ ସମ୍ପୃକ୍ତ, ସେ ସମ୍ପର୍କରେ କୌଣସି ଅଭିଯୋଗ ଦାଖଲ କରିପାରି ନାହିଁ, ଯିଏକି ପାନୁନ୍ ଭଳି ଆଉ ଜଣେ ଖଲିସ୍ତାନ ସମର୍ଥକ ଥିଲା ଏବଂ ଭାରତ ଦ୍ୱାରା ଆତଙ୍କବାଦୀ ଘୋଷିତ ହୋଇଥିଲା । ସେ ଯାହାହେଉ, ସମ୍ପ୍ରତି ଭାରତ ପାଇଁ ସଂକଟରେ ପଡ଼ିଛି ଏହାର ପଛଦ୍ୱାର କୂଟନୀତି, ଯାହା ହୁଏତ ସନ୍ଦେହ କରାଯାଉଥିବା ଗୁପ୍ତ କାର୍ଯ୍ୟ, ଯଦି କିଛି ଥାଏ, ତା'ହେଲେ ସେ ବାବଦରେ ଢେର୍ ଅଧିକ ତଥ୍ୟ ପ୍ରଦାନ କରି ସେଥିରୁ ମୁକୁଳିବାକୁ ହେବ । ଭାରତକୁ ବର୍ତ୍ତମାନ ଆମେରିକାକୁ ବୁଝାଇବାକୁ ହେବ ଯେ ଏହା ଏକ ବିଶ୍ୱାସଯୋଗ୍ୟ ମିତ୍ର ରାଷ୍ଟ୍ର ଯାହା ଚୀନ୍‌ର ପ୍ରାଧାନ୍ୟ ବିସ୍ତାରକାରୀ ନୀତିଠାରୁ ଏହାର ନିଜର ସୁରକ୍ଷା ନିମନ୍ତେ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କଠାରୁ ସହାୟତାର ପ୍ରତିଶ୍ରୁତି ପାଉଥିବା ଯୋଗୁଁ ଧ୍ୟାନ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏଥି ସହିତ ଏହାକୁ ମଧ୍ୟ ବୁଝାଇବାକୁ ପଡ଼ିବ ଯେ ପରିବର୍ତ୍ତିତ ଭୂରାଜନୀତିକ ଦୃଶ୍ୟପଟ ପରିପ୍ରେକ୍ଷୀରେ ଏହା ଧୀରେ ଧୀରେ ରୁଷୀୟ ପ୍ରତିରକ୍ଷା ସାମଗ୍ରୀଗୁଡ଼ିକଠାରୁ ଦୂରେଇ ଯିବାକୁ ଆରମ୍ଭ କରିଛି ଏବଂ ନିଜସ୍ୱ ନିର୍ମାଣ ସହିତ ଆମେରିକାର ସାମଗ୍ରୀଗୁଡ଼ିକ ଉପରେ ନିର୍ଭରଶୀଳତା ବଢ଼ାଉଛି । ଭାରତ ଓ ଆମେରିକା ମଧ୍ୟରେ ବିଭାଜନ ସୃଷ୍ଟିକାରୀ ତତ୍ତ୍ୱମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଉତ୍ତେଜନାକୁ ଦୂରେଇବା ନିମନ୍ତେ ଏହାକୁ ଉପରୋକ୍ତ ପ୍ରସଙ୍ଗରେ ଅତି ସରଳ ଭାବରେ ସବୁ କଥା ବୁଝାଇବାକୁ ପଡ଼ିବ, ଯାହା ଭାରତ ପାଇଁ ଆମେରିକା ଓ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ସହିତ ଏହାର କୌଶଳପୂର୍ଣ୍ଣ ସମ୍ପର୍କକୁ ସୁରକ୍ଷିତ ରହିବା ଦିଗରେ ଆଗେଇ ନେବ।

## ଡିପ୍ ଫେକ୍ 'ପ୍ରସାରଣ ରୋକିବା ଜରୁରୀ



### ପ୍ରଦୋଷ କୁମାର ଦାସ

କୃତ୍ରିମ ବୁଦ୍ଧିମତା ଅର୍ଥାତ୍ 'ଏ ଆଇ' ସହଯୋଗରେ ଆଧୁନିକ ବିଜ୍ଞାନର ଅଗ୍ରଗତିରେ ସୃଜନଶୀଳତା ଏବେ ସମସ୍ତଙ୍କ ପାଇଁ ଆଶାତୀତ ସଫଳତା ଆଣିଦେଇଛି। ଯଦି ଏହାର ଅପପ୍ରୟୋଗ ହୁଏ ତେବେ ଏହା ସବୁରିଙ୍କ ପାଇଁ ଏକ ଆହ୍ୱାନ ବୋଲି ବିଚାରିବାକୁ ପଡ଼ିବ। ସମ୍ପ୍ରତି ସାରାଦେଶରେ 'ଡିପ୍ ଫେକ' ନାମରେ କେତେକ ନିର୍ଦ୍ଦିଷ୍ଟ ସଫ୍ଟୱେର ଓ ଏହାର ଦୁରୁପଯୋଗ ସମସ୍ତଙ୍କ ପାଇଁ ଏକ ପ୍ରକାର ଆହ୍ୱାନ ଆଣିଦେଇଛି। ସାଇବର ଠକ୍ ତଥା ଶଠ ଓ ମାନସିକ ବିକୃତ ବ୍ୟକ୍ତି ଏହାର ଫାଇଦା ନେଇ ଅନ୍ୟର ମାନସିକ ଅସ୍ଥିରତାର କାରଣ ପାଲଟିବାରେ ଲାଗିଛନ୍ତି। ଏଥିରେ ଅନ୍ୟ କୁ କଦର୍ଥ ଓ ଅସ୍ମାନିତ କରି ସେମାନଙ୍କ ବାସ୍ତବ ସ୍ୱରୂପକୁ ଅସଙ୍ଗତ ଉପାୟରେ ଉପସ୍ଥାପିତ କରାଇବା ତଥା ଏହି କାରଣରୁ ସାଧାରଣ ରେ ସମ୍ମଶୟ ସୃଷ୍ଟି କରିବା ହେଉଛି ଏକ ଧର୍ତ୍ତବ୍ୟ ଅପରାଧ କହିଲେ ଅତ୍ୟୁକ୍ତି ହେବ ନାହିଁ।

'ଡିପ୍ ଫେସ୍ ଲାବ', 'ଫେସ୍ ସ୍ୱାଇଁ ଲାଇଭ', 'ରିଫେସ', 'ୱମବୁ', 'ମାଇଁ ହେରିଟେଜ', 'ଡିପ୍ ବେକ ୱେବ', ଟିକଟକ ଇନଷ୍ଟାଗ୍ରାମ ଇତ୍ୟାଦି ଏପରି ଅନେକ ସଫ୍ଟୱେର ସୁବିଧାର ଫାଇଦା ଉଠାଇ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଡିଜିଟାଲ ପ୍ଲାଟଫର୍ମରେ ଆପଣା ସୃଜନଶୀଳ ଚିନ୍ତା ଧାରାକୁ କଦର୍ଥ ଉପାୟରେ ପ୍ରସ୍ତୁତ କରି ଏହାକୁ ସାଧାରଣ ରେ ଉପସ୍ଥାପିତ କରି ଅନ୍ୟର ଯନ୍ତ୍ରଣାର କାରଣ ହେବାରେ କେଉଁ ଯଶ ରହିଛି, ତାହା ସେହିଁ ଜାଣେ !

'ଡିପ୍ ଫେକ' ମାଧ୍ୟମରେ ବିଭିନ୍ନ ୱେବ ସାଇଟ୍ ଓ ସଫ୍ଟୱେର ସହଯୋଗରେ ଅନ୍ୟର ବ୍ୟକ୍ତିତ୍ୱ ଉପରେ କୁଠାରାଘାତ କରିବା, ଫଟୋସଫ ପ୍ରୟୋଗ କରି ଡିଜିଟାଲ ସମ୍ପାଦନା ମାଧ୍ୟମରେ ଜଣଙ୍କର ଦେହରୁ ଅକୃତ୍ରିମ ଉପାୟରେ ପୋଷାକ ପରିଧାନ ଉତାରି ତାଙ୍କୁ ସାଧାରଣରେ ଉପହାସର ପାତ୍ର ରୂପେ ଉପସ୍ଥାପିତ କରାଇବା ଘଟଣା ଏବେ ସାରା ଦେଶରେ ବେଶ ଚିନ୍ତାର ବିଷୟ ପାଲଟିଛି।

ସୂଚନାଯୋଗ୍ୟ ଭିଡିଓରେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଶରୀରକୁ ଡିଜିଟାଲ ପ୍ରକ୍ରିୟାରେ ବଦଳାଇବାକୁ 'ଡିପ୍ ଫେକ୍ କୁହାଯାଏ। 'ଏ ଆଇ' (ଅର୍ଥାତ୍ 'କୃତ୍ରିମ ବୁଦ୍ଧିମତା') ମାଧ୍ୟମରେ ତିଆରି ହେଉଥିବା ଏହି ଭିଡିଓ ଯେ ସେହି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କର ନୁହେଁ ବୋଲି ଯେକୌଣସି ଲୋକଙ୍କୁ ସହଜରେ ଧୋକା ଦେଇପାରେ।

ନୂଆ ଜ୍ଞାନ କୌଶଳ ଏବଂ ସାମାଜିକ ଗଣମାଧ୍ୟମ ଯୋଗୁଁ ଦ୍ରୁତଗତିରେ ସ୍ଥିତି ପରିବର୍ତ୍ତନ ହେବାକୁ ମୁହୂର୍ତ୍ତ ସମୟ ଲାଗୁନାହିଁ । ଏକ୍ଷେତ୍ରରେ ଅପରାଧୀ ଆପଣା ସ୍ୱାର୍ଥ ହାସଲ ପାଇଁ 'ଏ ଆଇ' ପ୍ରୟୋଗ କରି ବୈଜ୍ଞାନିକ ସୃଜନଶୀଳତାର ଅପପ୍ରୟୋଗ କରିବାକୁ ତିଳେ ମାତ୍ର ମାନବିକତା ତଥା ନୈତିକତାକୁ ମଧ୍ୟ ବିଚାରକୁ ନେଉନାହାନ୍ତି।

ଗତ କିଛି ଦିନ ହେଲା ଏହି ଡିପ୍ ଫେକ୍ ମାଧ୍ୟମରେ ଚଳଚ୍ଚିତ୍ରର ଲୋକପ୍ରିୟ ଅଭିନେତ୍ରୀ ଯଥା ରଶ୍ମିକା ମନ୍ଦାନା, କାଜଲ, କ୍ୟାଟ୍ରିନା କେଫ ଆଦିଙ୍କର ଅଶ୍ଳୀଳ ତଥା ଆପତ୍ତି ଜନକ ଭିଡିଓ ବିଭିନ୍ନ ଗଣମାଧ୍ୟମରେ ଘୁରି ବୁଲୁଥିବା ଘଟଣା ସାଧାରଣରେ ତଥା ବୁଦ୍ଧିଜୀବୀ ମହଲରେ ବେଶ୍ ଆଲୋଚନାର ବିଷୟ ପାଲଟିଛି।

ନିକଟରେ ଆମ ଦେଶର ମହାମହିମ ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ୨୦୨୨ ବ୍ୟାଚର ଭାରତୀୟ ପୁଲିସ ସେବାର ପ୍ରୋବେସନାରୀ ଆଇପିଏସ୍ ଅଧିକାରୀଙ୍କୁ ସମ୍ବୋଧନ କରି ଉଦବୋଧନ ଦେବା ଅବସରରେ 'ଡିପ୍ ଫେକ' ଭିଡିଓ କୁ ନେଇ ଚିନ୍ତା ପ୍ରକଟ କରି ଏଥିପ୍ରତି ସଚେତନ ରହିବା ସହିତ ସର୍ବଦା ଏକ୍ଷେତ୍ରରେ ଆଗୁଆ ଜ୍ଞାନ କୌଶଳ ଆଧାରିତ କ୍ଷେତ୍ରକୁ ଅନୁସରଣ କରି ସମସ୍ୟା ର ସମାଧାନ କରିବାକୁ ଆହ୍ୱାନ ଦେଇଥିବା ପ୍ରକାଶ। ଏଥି ସହିତ ସେ ମଧ୍ୟ 'ଡିପ୍ ଫେକ୍' ଭିଡିଓ ଉପରେ କଟକଣା ଜାରି କରି ଏଦିଗରେ ତ୍ୱରାନ୍ୱିତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ

ଆମ ଦେଶର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି ଡିପ୍ ଫେକ୍ ଭିଡିଓକୁ ଅତ୍ୟନ୍ତ ନିନ୍ଦନୀୟ ଓ ବିପଦଜନକ ବୋଲି ଅଭିହିତ କରିଅଛନ୍ତି। ଏହାର ଦୂରୁପଯୋଗ ଉପରେ ଚିନ୍ତା ପ୍ରକଟ କରିଛନ୍ତି। ଡିପ୍ ଫେକ୍ ଭିଡିଓ ବିଭିନ୍ନ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ରେ ଭାଇରାଲ ହେଉଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉଦବେଗ ପ୍ରକାଶ ପାଇଛି। ଏହା ବିରୋଧରେ ସରକାରଙ୍କ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସରକାର ଏଥିପାଇଁ ବିଭିନ୍ନ ସୋସିଆଲ ମିଡ଼ିଆ ସଂସ୍ଥାକୁ ଜବାବ ତଲବ କରିଥିବା ପ୍ରକାଶ। ସେମାନଙ୍କ ସହିତ ସରକାରଙ୍କ ପକ୍ଷରୁ ଏକ ବୈଠକରେ ଖୁବ ଶୀଘ୍ର ବିସ୍ତୃତ ଆଲୋଚନା କରାଯିବା ସହିତ ଏହା ବିରୋଧରେ ଅଙ୍କୁଶ ଲଗାଇବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଯାଉଥିବା ସୂଚନା ମିଳିଛି। ଏତଦବ୍ୟତୀତ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଇଟି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ପ୍ରସଙ୍ଗରେ ଉଦବେଗ ପ୍ରକାଶ କରି ଗଣମାଧ୍ୟମ ପ୍ଲାଟଫର୍ମରୁ ଏହି ଡିପ୍ ଫେକ୍ ଭିଡିଓ ବିଷୟ ବସ୍ତୁ ଗୁଡ଼ିକୁ ତୁରନ୍ତ ଚିହ୍ନଟ କରି ଏହାକୁ ହଟାଇବା ସହିତ ଏହାକୁ ତିଆରି କରିଥିବା ଅଭିଯୁକ୍ତଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ତେବେ ଏହି ପ୍ରସଙ୍ଗରେ ସାମାଜିକ ଗଣମାଧ୍ୟମଗୁଡିକ ତ୍ୱରିତ ବିଚାର କରି ଆବଶ୍ୟକ ପଦକ୍ଷେପ ନେବାକୁ ତତ୍ପରତା ନଦେଖାଇଲେ ଖୁବଶୀଘ୍ର ସେମାନଙ୍କୁ ମିଳିଥିବା ଆଇନଗତ ସୁରକ୍ଷାକୁ ପ୍ରତ୍ୟାହାର କରିଦିଆଯିବ ବୋଲି ମଧ୍ୟ ସରକାରଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।


ବିଶେଷକରି କମ୍ପୁଟର ବିଜ୍ଞାନର ବୈଷୟିକ ଜ୍ଞାନ କୌଶଳର ବିକାଶ ଡିଜିଟାଲ ପ୍ଲାଟଫର୍ମରେ ଦିନକୁ ଦିନ ସାଧାରଣରେ ଆଦୃତ କଲା ଭଳି ସୁକ୍ଷ୍ମାତିସୁକ୍ଷ୍ମ ପ୍ରଯୁକ୍ତି ବିଦ୍ୟାର ତତୋଧିକ ଅଗ୍ରଗତି ଘଟି ଚାଲିଛି। ହାତରେ ଆଣ୍ଡ୍ରଏଡ ଫୋନ, ଲାପଟପ୍ ଧରି ଇଣ୍ଟରନେଟରେ ସମ୍ପୃକ୍ତ ହୋଇ ଡିଜିଟାଲ ପ୍ଲାଟଫର୍ମ ରେ ପ୍ରତ୍ୟେକ ବ୍ୟକ୍ତି ଏବେ ବିଭିନ୍ନ ସଫ୍ଟୱେର ଇଞ୍ଜିନିୟରିଂ ପ୍ରୟୋଗ କରି ନୂଆ ନୂଆ କୌଶଳ ପ୍ରୟୋଗ କରି ମଣିଷ ଏବେ ଆତ୍ମ ବିଭୋରିତ ଅଟେ। ଏକ ଖବରରୁ ପ୍ରାପ୍ତ ସୂଚନା ମୁତାବକ, ଡିପ୍ ଫେକ ପ୍ରସଙ୍ଗରେ ସୋସିଆଲ ମିଡ଼ିଆ ସଂସ୍ଥା 'ଏକ୍ସ' ତଥା 'ମେଟା' ଭାରତର ଆଇଟି ଆଇନ ଅନୁଯାୟୀ ଆବଶ୍ୟକ ସର୍ତ୍ତ ପୂରଣ କରୁନଥିବାରୁ ଏହାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗମ୍ଭୀରତାର ସହ ନେଉଥିବା ପ୍ରକାଶ। ଆଇଟି ଅଧିନିୟମ ଅନୁସାରେ ଆଇନ ଉଲ୍ଲଙ୍ଘନକାରୀ ସୋସିଆଲ ମିଡ଼ିଆ ସଂସ୍ଥା ବିରୋଧରେ ଆଗରେ ଆବଶ୍ୟକ ସୁରକ୍ଷା ଓ ସମ୍ବରକ୍ଷଣ ମିଳିବା ନେଇ ସରକାରଙ୍କ ପକ୍ଷରୁ ଆଗକୁ ପୁନର୍ବିଚାର କରାଯିବା ନେଇ ସୂଚନା ମିଳିଛି। ବିଶେଷ ଦ୍ରଷ୍ଟବ୍ୟ ଏହିକି ଯେ 'ଇଣ୍ଟେଲ ଡିପ୍ ଫେକ୍ ଡିଟେକ୍ସନ ପ୍ଲାଟଫର୍ମରେ ଦୋଷୀଙ୍କୁ ଅବିଳମ୍ବେ ଚିହ୍ନଟ ହୋଇପାରିବ। ଏଥିରେ 'ଏ ଆଇ' ( କୃତ୍ରିମ ବୁଦ୍ଧିମତା) ଥାର୍ଡ ଜେନେରେସନର ବିଶେଷ ଭୂମିକା ରହିଛି। ପ୍ରତ୍ୟେକ ଅପରାଧ ପାଇଁ ଦଣ୍ଡ ବିଧାନ ରହିଛି। 'ଆଇଟି ( ସୂଚନା ଓ ପ୍ରଯୁକ୍ତି ଆଇନ )' ଆଇନର ଧାରା ୬୬ (ଡି) ଅନୁଯାୟୀ ଅନଲାଇନରେ ଜଣଙ୍କୁ କଦର୍ଥ, ଅସମ୍ମାନ କରୁଥିବା ଚରିତ୍ର ହନନକାରୀ ଚିତ୍ରଣ କରିବା ଏକ ଧର୍ତ୍ତ୍ୟ ଅପରାଧ ଅଟେ। ଏଥି ପାଇଁ କଠୋର ଆର୍ଥିକ ଓ ଜେଲ ଦଣ୍ଡ ବିଧାନ ହେବା ଆଇନ୍ ରହିଛି। ଏଥି ସହିତ ଭାରତୀୟ ଦଣ୍ଡବିଧି ଆଇନ ଅନୁଯାୟୀ ଉଭୟ ଧାରା ୪୯୯ ଓ ୫୦୦ ଅନୁଯାୟୀ ଡିପ୍ ଫେକ ଭିଡିଓ ପ୍ରସ୍ତୁତ କରିବା ଓ ଜଣେ ବ୍ୟକ୍ତିଙ୍କ ଚରିତ୍ର ସଂହାର ପାଇଁ ତାଙ୍କୁ କଦର୍ଥ ଉପାୟରେ ଉପସ୍ଥାପିତ କରିବା, ଭୁଲ ତଥ୍ୟକୁ ଉଦ୍ଦେଶ୍ୟ ମୂଳକ ଭାବେ ପ୍ରସାରଣ କରିବା ଏକ ଧର୍ତ୍ତ୍ୟ ଅପରାଧ। ପ୍ରଭାବିତ ଅନୁଷ୍ଠାନ ଓ ବ୍ୟକ୍ତି ଏବାବଦରେ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ ସମ୍ମାନ ହାନି ମାମଲା (ଡିଫାମାସନ ସୁଟ) ଉପଯୁକ୍ତ କୋର୍ଟରେ ଦାୟର କରି ନ୍ୟାୟ ପ୍ରାର୍ଥନା କରିବାର ବ୍ୟବସ୍ଥା ରହିଛି।

ଶେଷରେ ଏତିକି କୁହାଯାଇପାରେ, ଆଜି ଆମ ଦେଶର ବିଜ୍ଞାନୀ ଚନ୍ଦ୍ର ପୃଷ୍ଠରେ ଚନ୍ଦ୍ରାୟନ-୩କୁ ସଫଳ ଅବତରଣ କରାଇବାରେ ସଫଳ ଆକଳନ ନିଶ୍ଚିତ ଭାବରେ 'ଏ ଆଇ'ର କଳ୍ପନା ସମାହାର, ସଫଳ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ତଥା ଡିଜିଟାଲ ବିଜ୍ଞାନ ର ଗଭୀର ଜ୍ଞାନର ପରିଚାଳନା ଓ ପ୍ରୟାସର ଫଳ ମାତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ। ପାଦ ଦେଇ କୃତ୍ରିମ ବୁଦ୍ଧିମତା (ଏ ଆଇ)ର ପ୍ରୟୋଗ ସମାଜ ସମୂହର ଉନ୍ନତି ପାଇଁ ବିନିଯୋଗ କରି ଆପଣା ସୃଜନଶୀଳ ପ୍ରତିଭାର ପରାକାଷ୍ଠା ପ୍ରତିପାଦନ କରିବା ବିଧେୟ। କିନ୍ତୁ ଏହାର ଦୂରୁପଯୋଗ କରି କାହାର କ୍ଷତିର କାରଣ ହେବା କଦାଚିତ ନୁହେଁ । ଆମକୁ ଏହା ଉପରେ ଆବଶ୍ୟକ ଆତ୍ମ ଅନୁଶୀଳନ କରି ଦେଶର ସମ୍ମାନ ରକ୍ଷା କରିବାକୁ ସଚେତନ ହେବାକୁ ପଡ଼ିବ।


+ସା/ପୋ:- ନାଚୁଣୀ,
ଜିଲ୍ଲା:-ଖୋର୍ଦ୍ଧା-୭୫୨୦୩୪
ମୋ: ୬୩୭୦୪୯୫୯୪୪


'ଡିପ୍ ଫେସ୍ ଲାବ', 'ଫେସ୍ ସ୍ୱାଇଁ ଲାଇଭ', 'ରିଫେସ', 'ୱମବୁ', 'ମାଇଁ ହେରିଟେଜ', 'ଡିପ୍ ବେକ ୱେବ', ଟିକଟକ ଇନଷ୍ଟାଗ୍ରାମ ଇତ୍ୟାଦି ଏପରି ଅନେକ ସଫ୍ଟୱେର ସୁବିଧାର ଫାଇଦା ଉଠାଇ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଡିଜିଟାଲ ପ୍ଲାଟଫର୍ମରେ ଆପଣା ସୃଜନଶୀଳ ଚିନ୍ତା ଧାରାକୁ କଦର୍ଥ ଉପାୟରେ ପ୍ରସ୍ତୁତ କରି ଏହାକୁ ସାଧାରଣ ରେ ଉପସ୍ଥାପିତ କରି ଅନ୍ୟର ଯନ୍ତ୍ରଣାର କାରଣ ହେବାରେ କେଉଁ ଯଶ ରହିଛି, ତାହା ସେହିଁ ଜାଣେ ! 'ଡିପ୍ ଫେକ୍' ମାଧ୍ୟମରେ ବିଭିନ୍ନ ୱେବସାଇଟ୍ ଓ ସଫ୍ଟୱେର ସହଯୋଗରେ ଅନ୍ୟର ବ୍ୟକ୍ତିତ୍ୱ ଉପରେ କୁଠାରାଘାତ କରିବା, ଫଟୋସଫ ପ୍ରୟୋଗ କରି ଡିଜିଟାଲ ସମ୍ପାଦନା ମାଧ୍ୟମରେ ଜଣଙ୍କର ଦେହରୁ ଅକୃତ୍ରିମ ଉପାୟରେ ପୋଷାକ ପରିଧାନ ଉତାରି ତାଙ୍କୁ ସାଧାରଣରେ ଉପହାସର ପାତ୍ର ରୂପେ ଉପସ୍ଥାପିତ କରାଇବା ଘଟଣା ଏବେ ସାରା ଦେଶରେ ବେଶ ଚିନ୍ତାର ବିଷୟ ପାଲଟିଛି।

## କାମ କଲା କିଏ ? ବାହାଦୂରୀ ନେଉଛି କିଏ ?



### ସୁବ୍ରତ କର

ସତରେ ବିଚିତ୍ର ଆମ୍ଭେମାନେ, ଆମ ସରକାର, ନେତା, ଅଫିସର କିନ୍ତୁ ବିଚିତ୍ର ନୁହଁ ଜଗା କାଳିଆ, ବିଚିତ୍ର ନୁହଁ ଆର୍ଣ୍ଣୋଲ୍ଡ ଡିକ୍ସ ଏବଂ ଶେଷରେ ୮ଜଣ ଶ୍ରମିକ ଯେଉଁମାନେ ଶେଷ ୩-୪ଦିନ ହାତରେ ଖୋଳି ଆମର ୪୧ଜଣ ଶ୍ରମିକର ଜୀବନକୁ ଫେରେଇ ଦେଲେ। ସତରେ ଜଗାର ଆଶୀର୍ବାଦ ଏବଂ ଉପରୋକ୍ତ ଅନ୍ୟ ଦୁଇ ଜଣଙ୍କ ସାହାଯ୍ୟ, ସହାନୁଭୂତି ଆଗରେ ୪୧ ଜଣ ଶ୍ରମିକ ଭାଇଙ୍କ ଜୀବନ ଫେରି ପାଇଲୁ। ସବୁଠୁ ବଡ଼ କଥା ହେଲା ଏମାନେ ସମସ୍ତେ ଗରୀବ ଏବଂ ପଇସା ରୋଜଗାର କରି ଘର ଚଳାଇବା ପାଇଁ ବିଦେଶକୁ ଯାଇ ଜୀବନକୁ ପାଣି ଛଡ଼େଇ କାମ କରୁଥିଲେ ଦେଶ ପାଇଁ। ପ୍ରାଦେଶିକ ସରକାର ଯଦି ଏହି ମାନଙ୍କୁ ନିଜ ରାଜ୍ୟରେ କାମ ଦେଇ ପାରନ୍ତେ ତେବେ ସେମାନଙ୍କୁ ଏତେ ଦୂରକୁ ଯିବାକୁ ପଡ଼ନ୍ତା କାହିଁକି ? ସେତେବେଳେ ପ୍ରାଦେଶିକ ସରକାରଙ୍କ ମୁଖ୍ୟମାନେ କେଉଁଠି ଥିଲେ, ଥିଲେ କେଉଁଠି ଶ୍ରମମନ୍ତ୍ରୀ ବା ଶ୍ରମ ବିଭାଗର ଅଫିସର ବୃନ୍ଦ। ହଜାର ହଜାର ଶ୍ରମିକ ଆମ ରାଜ୍ୟରୁ ବମ୍ବେ, ଚେନ୍ନାଇ, ହାଇଦ୍ରାବାଦ, କଲିକତା ପ୍ରତିଦିନ ଘର, ପିଲାଛୁଆ ଛାଡ଼ି କାମ ଖୋଜିବାର ବ୍ୟସ୍ତ। ଅନେକ ଘର ଅଭାବ, ଅନଟନ ପାଇଁ ବାହାରକୁ ପଳାଇ ଯାଉଛନ୍ତି। ଦିନେ ଅଧେ ସରକେଟ୍ ହାଉସରେ ସରକାରୀ ଖର୍ଚ୍ଚରେ ଖାଇବାକୁ ଦେବାରେ ବିଶେଷ କିଛି ଶ୍ରମିକ ଚାଲାଣ ଉପରେ ପ୍ରଭାବ ପକେଇ ପାରିବ ନାହିଁ। ଆପଣମାନେ ଦେଖିଛନ୍ତି ମହାରାଷ୍ଟ୍ର, କର୍ଣ୍ଣାଟକ, ଚେନ୍ନାଇ ବା ପଞ୍ଜାବରୁ ଦିନ ମଜୁରୀଙ୍କ ଆସି ଆମ ରାଜ୍ୟରେ କାମ କରୁଛନ୍ତି କି ? ହଁ କିଛି ଥିବେ ଯେଉଁ ବିଷୟରେ ଆମ ଶ୍ରମୀକମାନଙ୍କ ଠାରେ ଏକ୍ସପାର୍ଟସିଜନ୍ ନଥିବେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଆମ ଦାଦନ ଶ୍ରମିକମାନଙ୍କୁ ଆମେ ସାଧାରଣ ଯୋଗାଇ ପାରୁନାହୁଁ। ଆଜି ଯଦି ଏହି ୪୧ ଜଣ ଜୀବନ ଫେରି ପାଇଥାଆନ୍ତି ତାହା କେବଳ ସମ୍ଭବ ହୋଇପାରିଛି ଆମ ଜଗା ପାଇଁ, ଅର୍ଣ୍ଣୋକଡକ୍ସ ଏବଂ ୮ଜଣ ଏକ୍ସପାର୍ଟ ଖଣି ଖୋଦାନ ମାନଙ୍କ ପାଇଁ। ଏହି ୧୭ଦିନର ଘଟଣାଟି ଆମ ରାଜ୍ୟକୁ ଏବଂ ଆମ ଦେଶକୁ ବହୁତ କିଛି ଶିଖାଇ ପାରିଛି। ବଡ଼କଥା ହେଲା ଆମ ଦେଶ ପ୍ରସ୍ତୁତ ହେଉଛି ଚନ୍ଦ୍ରଯାନ ମାଧ୍ୟମରେ ଲୋକଙ୍କୁ ଚନ୍ଦ୍ରକୁ ପଠାଇବା ପାଇଁ କିନ୍ତୁ ଆମ ପାଖରେ ଖଣିରୁ ବା ଟନେଲରୁ ଶ୍ରମିକଙ୍କୁ ବଞ୍ଚାଇବା ପାଇଁ ବୈଜ୍ଞାନିକ ପଦ୍ଧତି ଜଣାନାହିଁ। ଶେଷରେ ବାହାର ଦେଶରୁ (ଅଷ୍ଟ୍ରେଲିଆରୁ) ଆସିଥିବା ହିନ୍ଦୁ ଧର୍ମ ଉପରେ ବିଶ୍ୱାସ ରଖୁଥିବା ଅର୍ଣ୍ଣୋଲ୍ଡଡିକ୍ସ ଭଳି ବୈଜ୍ଞାନିକଙ୍କୁ ଡକରା ପାଇଁ କାର୍ଯ୍ୟକୁ ବହୁ ପରିମାଣରେ ଆଗେଇ ନେବାକୁ ପଡ଼ିଲା ଏବଂ ସେହି ଛୋଟ ଛୋଟ ୮ ଜଣ ଶ୍ରମିକ ବୈଜ୍ଞାନିକ ଯେଉଁମାନଙ୍କ ଆମ ଦେଶର ସନ୍ତାନ ଏହି ୪୧ ଜଣଙ୍କୁ ଜୀବନ ଫେରେଇ ଦେଇ ପାରିଲେ। ଜଗନ୍ନାଥଙ୍କୁ ଧନ୍ୟବାଦ ଦେବା ଦରକାର ନାହିଁ କିନ୍ତୁ ଆଉ ଦୁଇଜଣ ଦେଶ ପାଇଁ ହିରୋ ହୋଇ ରହିଲେ।




## ଆଗାମୀର ଅଭିଯାନ

### ବେଣୁଧର ସୂତାର

ବିଶ୍ୱାସ ଅମୃତ ପାନେ
ସମୟର ଆବାହନେ
ହୃଦୟର ମହୋଦଧି ତଟେ
ସପନେ ଲହରି ଭରି
ବେଦନାର ବୁକୁଚିରି
ଆବେଗର ପରିଭାଷା ଫୁଟେ ।

ପ୍ରେମ ପ୍ରୀତି ଅନୁବନ୍ଧେ
ମହକ ମାଦକ ଛନ୍ଦେ
ପରିବ୍ୟାପ୍ତ ସମ୍ମୋହିତ ସୁରେ
ଜୀବନ ଆନନ୍ଦେ ହସେ
ଭାବମୟ ଅନୁପ୍ରାସେ
ସୁରତୋଳେ ହୃଦୟ ବେଳାରେ ।

ଅମୃତମୟ ସେ ଭାବ
କେତେ ନୂଆ ଅନୁଭବ
ପୁଲକିତ ଲାଗେ ଏ ଲଗନ
ଏମନର କେତେ କଥା
ଅସରନ୍ତି ସ୍ମୃତି ଗାଥା
ରୋମାଞ୍ଚିତ କରେ ତନୁମନ ।

ସୁନୀଳ ସାଗର ତୀରେ
ଶ୍ୟାମଳ ପ୍ରାନ୍ତର ପରେ
ମରୁମୟ ଉପତ୍ୟକା କୋଳେ
ନୈରାଶ୍ୟ ବୋଧତା କେତେ
ଆସିଛି ଜୀବନେ ସତେ
ଯନ୍ତ୍ରଣାର ଯତିପାତ ତଳେ ।

ଭୋଗିଛି ଜୀବନେ ଦଶା
ଯାତନାର ଚଉତିଶା
ପ୍ରତୀକ୍ଷିତ ପ୍ରାଣର ପିପାସା
ସମୟର ସୁନା କଢି
ନିରାଶାରେ ଆଶା ବାଡି
ବିତୃଷ୍ଣାରେ ଭରିଛି ଭରସା ।

ମଧୁମୟ ଏ ସଂସାର
ବଞ୍ଚିବାର ସୂକ୍ଷ୍ମ ଧାର
ସମୟର ପ୍ରତିଟି ଛନ୍ଦରେ
ଅନୁରାଗ ଅନୁବନ୍ଧ
ସ୍ୱପ୍ନିଳ ଜୀବନ ଛନ୍ଦ
ବୟସର ଋତୁ ରଙ୍ଗ ଧାରେ ।

ସୁଖ ଦୁଃଖ ସମ୍ମୋହନ
ଜୀବନ ସପନ ବନ
ମହକିତ ରଙ୍ଗରେ ରଙ୍ଗାଇ
ଶୂନ୍ୟତାର ଧାରେ ଧାରେ
ପୂର୍ଣ୍ଣତାର ବିଶ୍ୱାସରେ
ଅଭିଯାନ ଆଗାମୀର ପାଇଁ ।

ଅମିୟ ଭରା ସେ ସ୍ମୃତି
ମମତା ମଧୁର ପ୍ରୀତି
ପ୍ରାଣମୟ ମାଧୁର୍ଯ୍ୟ ନିଃସ୍ୱନ
ପ୍ରତି ହୃଦୟ ସ୍ପନ୍ଦନେ
ଶାନ୍ତି ପ୍ରୀତି ଉପାଦାନେ
ଆଦର୍ଶରେ ହୁଏ ପରିପୂର୍ଣ୍ଣ ।

+ମୋ: ୯୧୭୮୫୬୮୨୪୬

## ମହୁମାଛି

### ନୀଳମଣି ଚାନ୍ଦ



ଫୁଟିଲେ ସୁମନ ସପନ ଯେ ଦେଖେ
ମହୁମାଛିଟିର ସପନ ନାହିଁ
ତା ପାଇଁ ସିନାରେ କର୍ତ୍ତବ୍ୟଟି ଆଗ
ପ୍ରଭାତକୁ ସିଏ ଥାଏରେ ଚାହିଁ।

ସ୍ୱାର୍ଥୀ ମଣିଷ ନିଜ ପାଇଁ ସଞ୍ଚେ
ଦାନଖଇରାତ ଜାଣିବ କାହୁଁ
ମହୁମାଛି ସବୁ ସଞ୍ଚେ ଅନ୍ୟପାଇଁ
ନ ପିଇ ଜୀବନେ ଟୋପାଏ ମହୁ।

କହିବା ବଲ୍ମୀକ, ପିପିଲିକା ସମ
ଶ୍ରମ ଯେ କରଇ ସେ ନିରନ୍ତର
ଫେଣାରେ ରଖିଛି ମହୁଟି ତ ଭରି
ଶର୍କରା ଭିତରେ ସିଏରେ ସାର।

ମହୁମାଛି ନୁହେଁ ପରିବ୍ରାଜକରେ
ତଥାପି ଭ୍ରମୁଛି ସେ କେତେ ନିତି
ଅନୁସନ୍ଧାନରେ ଯିଏ ରଖେ ମତି
ଜୀବନ ବିତାଏ ସେ ଏଇମିତି।

ଶିକ୍ଷାଟି ନେବା, ଦଂଶନ ନୁହେଁ
ମଣିବା ଜୀବନ ଯେ ଏକ ଖେଳ
ଶିଖିବା ଫେଣାର ମହୁମାଛିଠାରୁ
ଏକତା ଆଉରେ ସାଙ୍ଗମେଳ।


+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


## ବୋଉ

### ସୁମନ ଲେଙ୍କା

ବୋଉର ପଣତ ଶ୍ରୀମନ୍ଦିର ନେତ
ବିପଦେ ହୁଅଇ ସାହା
ଦୁଃଖରେ ଯେବେ ମୁଁ ଭାଙ୍ଗି ପଡ଼ିଥାଏ
ସେ ପୁଣି କହଇ ଆହା

ନିଜେ ନ ଖାଇଣ ମୋତେ ଯେ ଖୁଆଏ
ନାଁ ଟି ତାର ବୋଉ
ସରଗଠୁ ବଡ଼ ହୃଦୟ ତାହାର
ତା ପରି ଅଛି କେ ଆଉ

ମୋ ପାଦରେ ଯେବେ କଣ୍ଟା ଫୁଟି
ଯାଏ
ତା ଆଖିରୁ ଝରେ ଲୁହ
ଲୁହ ନୁହେଁ ସେତ ରୁଧିର ଝରଇ
କେ ବୁଝିବ ତାର କୋହ

ମିଛ ରାଗ ରୁଷା, ମିଛ ଅଭିମାନ
ପୁଣି କେତେ ମିଛ କଳି
ତା'ର ମିଠା ଗାଳି ଅମିୟ ପରଶ
ଚନ୍ଦନ ଠାରୁ ବି ବଳି

ବାଟ ହୁଡି ଯେବେ ଅବାଟରେ ଯାଏ
ବାଟକୁ ଆଣଇ ଯିଏ
ମୋତେ ମାଡ଼ ଦେଇ ନିଜେ ଯେ
କାନ୍ଦଇ
ସେନେହର ଦେବୀ ସିଏ

ଅବୁଝା ହେଲେ ମୁଁ କୋଳେ ଧରି
ମୋତେ
ଦେଖାଏ ଶରଗ ଶଶୀ
କହେ ପୁଣି ସିଏ ମୋ କାହ୍ନୁ ହାତରେ
ପଡିଯା'ରେ ତୁହି ଖସି

ଆଉ କି ବର୍ଣ୍ଣନା ଦେବି ମୁଁ ତୋହର
ଶବ୍ଦ କିଛି ପାଏ ନାହିଁ
ଶବ୍ଦ କୋଷ ବହି ନିଅଣ୍ଟ ପଡ଼ିବ
ତୋ କଥା ବର୍ଣ୍ଣିବା ପାଇଁ


+ଅଲଣା-୨, ବଛାଲୋ, ନାଉଗାଁ,
ଜଗତସିଂହପୁର
ମୋ:୭୮୪୮୦୬୨୫୧୦

# ସେଇ ରାତି

**ପୀତାମ୍ବର ଦାସ**



ସେଦିନ ଉଇଁ ଆସୁଥିଲା ଆକାଶର ପୂର୍ବଦିଗରେ ମନକୁ ଛୁଇଁପାରୁଥିବା କେତେ ରଙ୍ଗଭରା ଗୋଲାକାର ପେଣ୍ଡୁପରି ବିପୁଳ ଜ୍ୟୋସ୍ନାଭରା ପୂର୍ଣ୍ଣିମାର ଚନ୍ଦ୍ର । ସାଗରର ବେଳାଭୂମିରେ ବୁଲୁବୁଲୁ ଆଖିକୁ ଦୃଶ୍ୟମାନ ହେଉଥିଲା ସତେଯେପରି ସାଗର ଗର୍ଭରୁ ଜନ୍ମନେଇ ଚନ୍ଦ୍ରମାଟି ବହୁ ଆକାଂକ୍ଷିତ ଆଶା ନେଇ ଉପରକୁ ଉଠି ଆସୁଛି ସମସ୍ତଙ୍କ ମନରେ ପୁଲକ ଭରିଦେବାକୁ । ଭାବ ପ୍ରବଣତା ଭିତରେ ବୁଡ଼ିରହି ପାଖାପାଖି ହୋଇ ଚ୍ଚାଲୁଥିବା 'ପ୍ରୀତିମୟ'ଓ 'ରତ୍ନପ୍ରଭା' ଉପଭୋଗ କରୁଥିଲେ ସଜ ସାୟଂକାଳର ସମୁଦ୍ର ବେଳାଭୂମିର ବାଲୁକାରାଶିରେ ତଥା ଚକ୍‌ଚକ୍ ସାଗର ଜଳରେ ଖେଳି ଯାଉଥିବା କଅଁଳ ଜହ୍ନର ରଙ୍ଗିନ୍ ଛାୟାପଥରେ କୋମଳ ବିଚ୍ଛୁରିତ ଆଲୋକର ଅପୂର୍ବ ଶୋଭାକୁ । ବେଳାଭୂମିରେ ଏଠିସେଠି ବିଛାଡ଼ି ହୋଇ ପଡ଼ିଥିବା ଶାମୁକା, ଶଙ୍ଖ, କଙ୍କଡ଼ା ଇତ୍ୟାଦିର ଚନ୍ଦ୍ରମାର ନରମ ପରଶ ଯେମତ ତିଆରି କରିଦେଉଥିଲା ମୋତିରେ ଭରପୂର ଏକ ଚକାଚକ୍ ରାସ୍ତାର ଅପୂର୍ବ ସମ୍ଭାର । ସେଇ ରାସ୍ତାରେ ଆଗପଛ ହୋଇ ଦୁହେଁ ଚ୍ଚାଲିଚ୍ଚାଲି ଦେଖିଥିଲେ ନବୀନ ଯୌବନର ପ୍ରୀତିଭରା ମଧୁମୟ ସୁନେଲି ସପନ । ହଠାତ୍ ରତ୍ନପ୍ରଭା ଏକ ମୋତିପରି ଚକ୍‌ଚକ୍ କରୁଥିବା ଏକ ଶାମୁକାକୁ ସାଉଁଟିବା ପାଇଁ ଦୁଇପାଦ ଆଗକୁ ଯାଇ ନଇଁପଡ଼ି ଗୋଟାଇ ଆଣୁଥିବା ବେଳେ, ସେଇ ଶାମୁକାକୁ ଆଣିବା ପାଇଁ ମଧ ପ୍ରୀତିମୟ ଆଗରେ ଯାଉଥିବାବେଳେ ତା'ର ଜାନୁଦ୍ୱୟ ନଇଁପଡ଼ିଥିବା ରତ୍ନପ୍ରଭାର ଶରୀରକୁ ଆଘାତ କଲା । ଓଃ ଏ ଆଘାତ କେତେ ଶକ୍ତ ରୋମାଞ୍ଚଭରା ଆଘାତ ସତେ, ସତେ ଯେମିତି କାମଦେବଙ୍କର ଫୁଲଶରର ଆଘାତ ଦୁହିଁଙ୍କୁ କବଳିତ କରି ଘାଇଲା କରିପକାଇଲା । ପରସ୍ପରକୁ ଅନାଇ ବାକ୍‌ରୁଦ୍ଧ ନୟନରେ ଯେପରି କହିଯାଉଥିଲେ ଅନେକ ରୋମାଞ୍ଚିତ ବାକ୍ୟର ପ୍ରତ୍ୟେକ ଶବ୍ଦକୁ ବ୍ୟାଖ୍ୟା କରି । ନୟନରେ ଟିକିଏ ବି ପଲକ ପଡୁ ନଥିଲା ଉଭୟଙ୍କର । ରତ୍ନପ୍ରଭା ହାତରେ ଥିବା ଶାମୁକାଟିକୁ ପ୍ରୀତିମୟ ତା' ଡାହାଣ ହାତରେ ଚ୍ଚପିଧରି ବାମହାତରେ ରତ୍ନପ୍ରଭାକୁ ନିଜ ଛାତିକୁ ଟାଣିଆଣି ଜାବୁଡ଼ି ଧରିଲା । ଦଣ୍ଡାୟମାନ ଅବସ୍ଥାରେ ତା' ଓଠରୁ ନିର୍ଗତ ହୋଇ କୋଟିକୋଟି ଚୁମା ଆଙ୍କିଦେଲା ରତ୍ନପ୍ରଭାର ଗଣ୍ଡଦେଶରେ । ଶାମୁକାଟି କେତେବେଳେ ତଳେ ଯେ ପଡ଼ିଗଲାଣି କାହାକୁ ଜଣାନାହିଁ । ଉଭୟେ ଉଭୟଙ୍କୁ ଆଲିଙ୍ଗନ ରଜ୍ଜୁରେ ବାନ୍ଧିଦେଇ ପ୍ରୀତିଭରା ଶିହରଣରେ ଭାସିଯାଇଥିଲେ ଉଜାଣୀ ନଈର ପ୍ରୀତିର ସୁଅରେ । ରତ୍ନପ୍ରଭା ନବୀନ ଯୌବନ ଉଚ୍ଛୃଙ୍ଖଳତା ଆଡ଼କୁ ଅଗ୍ରସର ହେବାକୁ ଉପକ୍ରମ କରି ପ୍ରୀତିମୟର ପୁରୁଷତ୍ୱକୁ ସ୍ପର୍ଶ କରୁଥାଏ । ତାଙ୍କ ଶରୀର ମଧ୍ୟରେ ପ୍ରବାହିତ ହେଉଥାଏ ତଡ଼ିତ ବିଦ୍ୟୁତ୍‌ର ଦ୍ରୁତ ସ୍ରୋତର ପ୍ରବାହ । ମଧୁମୟ ଅମୃତର ପ୍ରୀତି ଉଚ୍ଛ୍ୱାସରେ ପରସ୍ପର ହଜିଯାଇ ବାଲୁକାରାଶିରେ ଶଯ୍ୟାଶାୟୀ ହୋଇ ଜୀବନର ପ୍ରଥମ ମିଳନକୁ ସ୍ୱାଗତ କରିବାକୁ ଚେଷ୍ଟାକଲେ । ହଠାତ୍ ପୂର୍ଣ୍ଣିମା ଚନ୍ଦ୍ରର ପ୍ରବଳ ଆକର୍ଷଣରେ ସାଗରର କୁଆରିଆ ଲହଡ଼ି ଜୋର୍ ଗର୍ଜନ କରି ମାଡ଼ିଆସି ଉଭୟଙ୍କୁ ଭିଜେଇ ଦେଇ ତା'ର ପ୍ରବଳ ଭଟ୍ଟାରେ ତାଙ୍କୁ ଏକଶତ ଫୁଟ ସମୁଦ୍ର ଆଡ଼କୁ ଟାଣିନେଲା । ସେତେବେଳେ ପରସ୍ପରଠାରୁ ଟିକିଏ ଦୂରେଇ ହୋଇଯାଇଥିଲେ ଏବଂ ତାଙ୍କର ମାଦକତା ଉତ୍ତାଙ୍ଗ ଶିହରଣ ଟିକିଏ ଶୀଥିଳ ହୋଇଯାଇଥିଲା । ସେମାନେ ସାଗର କୂଳରେ ଅନେକ ଲୋକଙ୍କର ସମାବେଶକୁ ଆବିଷ୍କାର କରି ନିଜକୁ ଲଜ୍ଜିତ ମନେ କରିଥିଲେ, ହେଲେ ସାଗରର ଲବଣାକ୍ତ ଜଳରେ ଉଭୟଙ୍କ ଭିଜା ଶରୀର ପୁଣି ସେମାନଙ୍କୁ ସେଇ ପୂର୍ବ ଶିହରଣ, ମାଦକତା ଆଡ଼କୁ ଆକର୍ଷଣ କଲା । ରତ୍ନପ୍ରଭା ଓ ପ୍ରୀତିମୟ ହାତ ଧରାଧରି ହୋଇ କୂଳକୁ ଫେରିଆସି ଏକ ପତିତ ପ୍ରସ୍ତର ଉପରେ ବସି ପଡ଼ିଲେ । ଉଭୟ ଉଭୟଙ୍କୁ ଦେଖୁଥା'ନ୍ତି ଭିଜାଭିଜା ତନୁରେ । ଧବଳ ବସ୍ତ୍ର ପରିହିତା ରତ୍ନପ୍ରଭାର ନାରୀତ୍ୱର ସର୍ବାଙ୍ଗ ଦୃଶ୍ୟମାନ ହେଉଥାଏ ପ୍ରୀତିମୟର ଛଞ୍ଚାଣ ଆଖିକୁ ଏବଂ ତଦ୍ରୂପ ପତଳା ପାଇଜାମାରୁ ଭିଜା ଉହାଡ଼ରୁ ପୁରୁଷତ୍ୱର ଛାୟା ମଧ ଦୃଶ୍ୟମାନ ହେଉଥାଏ ରତ୍ନପ୍ରଭାର ଲୋଭନୀୟ ଚକ୍ଷୁକୁ । ରତ୍ନପ୍ରଭାର ନାରୀତ୍ୱ ଆଉ ବୋଲ ନମାନି ତା'ର ଦୁଇହସ୍ତ ଛନ୍ଦିତ ଅବସ୍ଥାରେ ପ୍ରୀତିମୟର ଗଳାରେ ଫୁଲହାର ସଦୃଶ ଲମ୍ବିଯାଇ ସେ ଲୋଟି ପଡ଼ିଲା ପ୍ରୀତିମୟର କୋଳରେ । ପ୍ରୀତିମୟ ଦେଖୁଛି ରତ୍ନପ୍ରଭାର ସଜଫୁଟା ଯୌବନର ପ୍ରତ୍ୟେକ ଅଙ୍ଗକୁ । ଉନ୍ମତ୍ତ ବକ୍ଷୋଜ ଯେମିତି ତାକୁ ପାଗଳ କରିଦେଉଛି । ଚୁମ୍ବକର ଆକର୍ଷଣରେ ଯେପରି ଲୌହର ସ୍ଥିତି ଅସମ୍ଭବ ସେଇଭଳି ତା'ଠାରୁ ଆହୁରି ପ୍ରବଳ ଆକର୍ଷଣରେ ପ୍ରୀତିମୟ ମଧ ଲୋଟି ପଡ଼ିଲା ସମ୍ପୂର୍ଣ୍ଣ ରତ୍ନପ୍ରଭାର ଅଙ୍ଗଦେଶରେ । ଉଭୟଙ୍କର ଅଙ୍ଗୁଳି ଉଭୟଙ୍କ ଅଙ୍ଗରେ ସ୍ପର୍ଶକରି ଉଭୟ ଉପଭୋଗ କରୁଥିଲେ ମାଦକତାର ଶିହରଣକୁ । କୁଆରିଆ ସାଗରର ଉତ୍ତାଳ ତରଙ୍ଗର ଲହଡ଼ିମାନ କୂଳ ପର୍ଯ୍ୟନ୍ତ ମାଡ଼ିଆସି ପ୍ରସ୍ତରରେ ବାଡ଼େଇ ହୋଇ ପୁନଶ୍ଚ ଏଇ ଦୁଇଜଣଙ୍କୁ ଭିଜାଇ ବାରମ୍ବାର ଫେରିଯାଉଥାଏ । ସାଗରବେଳାରେ ଶହଶହ ଲୋକ ରୋମାଞ୍ଚଭରା ନୟନରେ ଲକ୍ଷ୍ୟ କରୁଥା'ନ୍ତି ପ୍ରେମୀ ଯୁଗଳଙ୍କର ଅମାନିଆ ଯୌବନର ସ୍ଫୂର୍ତ୍ତି ସ୍ଫୁଲିଙ୍ଗର ଉନ୍ମାଦନା ମହୁଆ ମୁହୂର୍ତ୍ତର ଜିଜ୍ଞାସା ମନକୁ । ପ୍ରୀତିମୟ ରତ୍ନପ୍ରଭା ଉପରେ ଲୋଟିପଡ଼ି ନବୀନ ଯୌବନର କ୍ଷୁଧାକୁ ଚରିତାର୍ଥ କରିବା ଉପକ୍ରମ ବେଳେ ବାଧା ଦେଲା ଏକ ନାରିକେଳ ଫଳ । ସମୁଦ୍ର ବେଳାଭୂମିରେ ସେଇ ପ୍ରସ୍ତର ସନ୍ନିକଟରେ ଥିବା ଏକ ନାରିକେଳ ବୃକ୍ଷରୁ ପତିତ ହେଲା ଏକ ପରିପକ୍ୱ ନାରିକେଳ ପ୍ରୀତିମୟର ପୃଷ୍ଠ ଦେଶରେ । ଏକ ଶକ୍ତ ଆଘାତରେ ଯୌବନର ଯନ୍ତ୍ରଣାରେ ଉପଶମ କରୁଥିବା ଚେଷ୍ଟାରେ ନାରିକେଳର ଆଘାତ ତାକୁ ଘୋର୍ ଯନ୍ତ୍ରଣା ଦେଲା । ସେ ଭାରସାମ୍ୟ ହରାଇ ରତ୍ନପ୍ରଭା ଉପରୁ ଖସିଆସି ବାଲୁକା ଶଯ୍ୟାରେ ପଡ଼ି ଚିତ୍କାର କଲା । ପ୍ରୀତିମୟର ଯନ୍ତ୍ରଣାର କାରଣକୁ ରତ୍ନପ୍ରଭା ଆବିଷ୍କାର କରିପାରିଥିଲା ନଡ଼ିଆଟିକୁ ଦେଖି । ଦୁହିଁଙ୍କ ମଧ୍ୟରେ ଅପୂର୍ବ ମିଳନର ଅବସାନ ଘଟିଲା । ପ୍ରକୃତି ବୋଧହୁଏ ଚେତେଇ ଦେଇ କହୁଥିଲା, ଏ ସାଗର ବେଳାରେ ଶହଶହ ଲୋକଙ୍କ ସମାବେଶ ମଧ୍ୟରେ ଖୋଲା ମିଳନ ଏକ ଅପସଂସ୍କୃତି, ପାରୁଛ ଯଦି ଯାଅ ବେଳାଭୂମିରୁ ପଳାଇଯାଇ ହୋଟେଲ୍‌କୁ, ସେଇଠି ରୋମାନ୍ସ କର, ଆମୋଦ କର, ପ୍ରୀତି କର, ପ୍ରେମ ବନ୍ଧନରେ ବାନ୍ଧିହୋଇ ଯୌବନର ପ୍ରବଳ କ୍ଷୁଧା ଓ ତୃଷାକୁ ଚରିତାର୍ଥ କରି ସ୍ୱର୍ଗୀୟ ଆନନ୍ଦ ଲାଭ କର । ମୁଁ ତୁମକୁ ସେଠି ସ୍ୱାଗତ କରିବି ସିନା କିନ୍ତି ସର୍ବସମ୍ମୁଖରେ ନଗ୍ନତା ରୂପରେ ଉପଭୋଗ କରିବାର ମିଳନକୁ ନୁହେଁ । ସତେ ଯେମିତି ପ୍ରକୃତିର ଏଇ ସଚେତନ ବାର୍ତ୍ତାଗୁଡ଼ିକ ବାଜି ଯାଉଥିଲା ଉଭୟଙ୍କ କର୍ଣ୍ଣଗହ୍ୱରରେ । ଦୁହେଁ ସେଇଠି ଲାଜେଇ ଯାଇ ନିଜକୁ ଦୋଷୀ ସାବ୍ୟସ୍ତ କରି ପ୍ରକୃତିଠାରେ ଭୁଲ୍ ପାଇଁ କ୍ଷମା ମାଗିଲେ । ପ୍ରୀତିମୟ ତା'ର ଫାଷ୍ଟ ଏଡ଼୍‌ରୁ ଯନ୍ତ୍ରଣା ଉପଶମର ମଲମଟି ବାହାର କରି ବଢ଼ାଇ ଦେଲା ରତ୍ନପ୍ରଭାକୁ । ରତ୍ନପ୍ରଭା ମାଲିସ କରିଦେଲା ପ୍ରୀତିମୟର ଆଘାତ ଅଂଶକୁ । ପ୍ରେମିକାର ସ୍ପର୍ଶ, ଔଷଧର ଗୁଣଠାରୁ ଏତେ ଜୋର୍‌ରେ କାମ କଲା ଯେ, କ୍ଷଣିକ ମଧ୍ୟରେ ଯନ୍ତ୍ରଣାର ଉପଶମ ହୋଇଗଲା ପ୍ରେମିକର । ରିସୋର୍ଟ ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ପ୍ରକୃତି ଯେପରି ଆଉ ଏକ ଅପସଂସ୍କୃତିକୁ ପ୍ରଶ୍ରୟ ନଦେବାପାଇଁ ତାଙ୍କ କାନରେ କହୁଥିଲା, ଆଧୁନିକତାର ଗୁଣ ଲିଭ୍ ଇନ୍ ରିଲେସନ୍‌ସିପ୍‌କୁ ବାରଣ କରି । ଏକ ଭୁଲ୍ ମଧ୍ୟରେ ଆଉ ଏକ ଭୁଲ୍‌କୁ ସୁଯୋଗ ନଦେଇ ଦୁହେଁ ଚ୍ଚାଲି ଯାଇଥିଲେ ନିକଟସ୍ଥ ବଜାର ମଧ୍ୟକୁ ବିବାହର ଲୁଗା, ଶଙ୍ଖା, ସିନ୍ଦୂର ଆଣି ଏକ ମନ୍ଦିର ମଧ୍ୟରେ ବିବାହ କାର୍ଯ୍ୟ ସମ୍ପାଦନ କରି ନବଦମ୍ପତି ରୂପରେ ଫେରି ଆସିଥିଲେ ରିସୋର୍ଟକୁ । ସାତମହଲା ବିଶିଷ୍ଟ ସର୍ବୋଚ୍ଚ ତାଲାର ଏକ କୋଠରିର ବାତାୟନକୁ ଖୋଲା ରଖି ପ୍ରକୃତିର ଶାନ୍ତସ୍ନିଗ୍ଧ ସୁଲୁସୁଲୁ ବାଆର ମନମତାଣିଆ ସ୍ପର୍ଶରେ ତଥା ଚନ୍ଦ୍ରର ଶୀତଳ ଜୋଚ୍ଛନା, ଚୁନାଚୁନା ତାରାମାନଙ୍କୁ ନିରୀକ୍ଷଣ କରି ଉଭୟ ଉନ୍ମତ୍ତ ଯୌବନର ପିପାସୁ କ୍ଷୁଧାର୍ତ୍ତର ପ୍ରାଣକୁ, ଅଧୁରା ସ୍ୱପ୍ନର ବାସ୍ତବତା ମଧ୍ୟକୁ ପ୍ରବେଶ କରି ରତିକ୍ରୀଡ଼ାରେ ନିମଗ୍ନ ହୋଇ ଉପଭୋଗ କରି ଚ୍ଚାଲିଥିଲେ ସେଇ ରାତ୍ରକୁ, ସାରାରାତି ଉଜାଗର ରହି ।

+ଭାରତୀୟ ଜୀବନ ବୀମା ନିଗମ,
ବାଲେଶ୍ୱର

# ସତ୍ୟମେବ ଜୟତେ



**ରାଧାଶ୍ୟାମ ରାଉଳ**

ସୁଧିପାଠକେ, ମୁଁ ଜଣେ ବ୍ୟଙ୍ଗ ଲେଖକ ! ଏ କଥା ମୋର ଅହଙ୍କାରପୂର୍ଣ୍ଣ କି ବାହାପିଆସମ୍ପନ୍ନ ଉଚ୍ଚାରଣ ନୁହେଁ କି ଲୋକଦେଖାଣିଆ ସଂଳାପ ମଧ ନୁହେଁ । ଅଧିକନ୍ତୁ ଏହା ମୋର ନମ୍ର ପରିଚୟ ପ୍ରଦାନ, ନିଜକୁ ନିଜେ ବ୍ୟକ୍ତ କରିବାର ମଗ୍ନ ଉଚ୍ଚାରଣ ! ଏ କଥା କହିବାରେ ମୋର ତିଳେହେଲେ ଦ୍ୱିଧା କି ସଙ୍କୋଚବୋଧ ନାହିଁ । ଅଧିକନ୍ତୁ ଏହା କହି ମୁଁ ମୋ ସୃଜନଶୀଳତାର ବୈଶିଷ୍ଟ୍ୟ ବାବଦରେ ସୂଚନା ଦେବାକୁ ଚାହୁଁଛି ମାତ୍ର।


ଏକ କବିତା ଲେଖାରୁ ମୋ ଭିତରେ ମୋ ସୃଜନଶୀଳତାର ପହିଲି ପୁଲକ ସୃଷ୍ଟି ହୋଇଥିଲା। କବିତା ଓ କ୍ଷୁଦ୍ରଗଳ୍ପ ଲେଖାଲେଖିରେ ବିତିଗଲା ପାଖାପାଖି ଆଠ ଦଶବର୍ଷ । ତାପରେ ବିଭିନ୍ନ ସମ୍ବାଦପତ୍ର ଓ ପତ୍ରପତ୍ରିକାରେ ସ୍ତମ୍ଭରଚନା, ବ୍ୟଙ୍ଗ ଓ ରମ୍ୟକଥା ନିୟମିତ ଭାବରେ ଲେଖିଆସୁଛି ମୁଁ ଦୀର୍ଘ ବାଇଶ ତେଇଶ ବର୍ଷ । ସୃଜନଶୀଳ ପ୍ରକ୍ରିୟା ଭିତରେ ଏତେ ବର୍ଷ ବିତେଇ ସାରିବାପରେ ଏବେ ମୋ ଭିତରେ ଅନ୍ତରଙ୍ଗ ଉପଲବ୍ଧି ଆସୁଛି ଯେ, ସାହିତ୍ୟର ଅନ୍ୟ କୌଣସି ବିଭାଗ ଅପେକ୍ଷା ବ୍ୟଙ୍ଗକଥା ଓ ରମ୍ୟରଚନା ବିଭାଗରେ ଲେଖାଲେଖି କରିବାକୁ ନେଇ ମୁଁ ଅପେକ୍ଷାକୃତ ଅଧିକ ସନ୍ତୁଷ୍ଟ , ଅଧିକ ସୃଜନକ୍ଷମ ।

ବ୍ୟଙ୍ଗକଥା ଲେଖିବା ଭାରି କଷ୍ଟକର ବ୍ୟାପାର। ଏଥିପାଇଁ ବହୁ ପରୀକ୍ଷା ନିରୀକ୍ଷା, ଅଧ୍ୟୟନ କରିବାକୁ ପଡେ । ତଥାପି ବ୍ୟଙ୍ଗସାହିତ୍ୟର ସମୃଦ୍ଧ ଐତିହ୍ୟ, ମୁଲ୍ୟବୋଧଭିତ୍ତିକ ତଥା ପ୍ରଭାବ ବିସ୍ତାରକାରୀ ପରମ୍ପରାରେ ପ୍ରଗାଢ ବିଶ୍ୱାସ ରଖି ତାକୁ ହିଁ ମୋ ସାଧନାର ସ୍ୱତନ୍ତ୍ର କ୍ଷେତ୍ର ଭାବରେ ଗ୍ରହଣ କରିନେଇଛି। ବିଭିନ୍ନ ସମ୍ବାଦପତ୍ରରେ ସ୍ତମ୍ଭରଚନା ଲେଖୁଥିଲେ ବି ସେଇସବୁ ଲେଖାରେ ମୁଁ ବ୍ୟଙ୍ଗ ଓ ରମ୍ୟକୁ ଫେଣ୍ଟାଫେଣ୍ଟି କରି ବିଲକୁଲ ନିଜସ୍ୱ ଶୈଳୀରେ ପାଠକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଆସୁଛି । କୌଣସି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ମୁଁ ବସ୍ତୁତଃ ବ୍ୟଙ୍ଗସାହିତ୍ୟ ରଚନାକୁ ଓହ୍ଲେଇଥାଏ । ମୁଁ ବେଶ ଆଶ୍ୱସ୍ତ ଓ ସନ୍ତୁଷ୍ଟ ଯେ,ମୋର ପ୍ରତିଟି ବ୍ୟଙ୍ଗଲେଖାକୁ ଉଭୟ ଶାଣିତ ଓ ରସାଣିତ କରିପାରୁଥିବାରୁ ।

ବ୍ୟଙ୍ଗସାହିତ୍ୟ ଏକ ଶୋଧନ କାର୍ଯ୍ୟ । ବ୍ୟକ୍ତି ଚରିତ୍ରରେ ଦେଖାଦେଉଥିବା ଯାବତୀୟ ବିଲକ୍ଷଣ ରୂପକ ଅଳିଆ ଆବର୍ଜନାକୁ ଶୁଦ୍ଧକରଣ/ପରିଷ୍କରଣ କାର୍ଯ୍ୟ ସମ୍ପାଦନ କରିଥାଏ ବ୍ୟଙ୍ଗସାହିତ୍ୟ । ବ୍ୟକ୍ତିଚରିତ୍ରର ଭୁଲ ବା ତ୍ରୁଟିର ସଂଶୋଧନ କରିବା ଏବଂ ସର୍ବୋପରି ସମାଜକୁ ଶୃଙ୍ଖଳିତ କରିବା ଲକ୍ଷ୍ୟରେ ମୁଁ ଯଥାସାଧ ପ୍ରଭାବଶାଳୀ ବ୍ୟଙ୍ଗସାହିତ୍ୟ ଲେଖିବା କାର୍ଯ୍ୟ ଜାରି ରଖିଆସୁଛି । ମୋ ସଂସ୍ପର୍ଶରେ ଆସୁଥିବା ଚରିତ୍ରମାନଙ୍କୁ ନେଇ ମୁଁ ବ୍ୟଙ୍ଗ ଲେଖିଛି,ଲେଖୁଛି ମଧ, ଯଦିଓ ସେସବୁ ଚରିତ୍ର ମୋର ବେଶ ଜଣାଶୁଣା, ସୁପରିଚିତ ଓ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ।

ମୋର ବ୍ୟଙ୍ଗଶୈଳୀ କଦାପି ଉଦ୍ଧତଶୈଳୀ ନୁହେଁ । ବରଂ ଅହଂବିନାଶକାରୀ ଶୈଳୀ ଏବଂ ଏପ୍ରକାରର ଅନନ୍ୟ ଶୈଳୀ ରେ ମୁଁ ଅନୁବନ୍ଧିତ ହୋଇଆସୁଛି ମୋ ହେତୁ ପାଇବା ଦିନଠୁଁ ଆଜିଯାଏଁ । ତେବେ କହିବାରେ ତିଳେହେଲେ ଦ୍ୱିଧା ନାହିଁ ଯେ, ମୋର ପ୍ରତିଟି ଲେଖାରେ ସମାଜ ସଚେତନତାର ବାର୍ତ୍ତା ବେଶ୍ ସୁସ୍ପଷ୍ଟ । ସମାଲୋଚକ ଓ ନିନ୍ଦୁକମାନଙ୍କୁ କଟାକ୍ଷ କରିବା ସହ ପାଠକସମାଜକୁ ବେଶ ଆମୋଦିତ କରିପାରୁଛି ମୋର ଲେଖାମାନ । କହିବା ବାହୁଲ୍ୟ, ମୁଁ ସବୁବେଳେ ମୋ ନିଜପରି ହେବାକୁ ଚେଷ୍ଟା କରିଆସୁଛି । ଅର୍ଥାତ ନିଜସ୍ୱ ଶୈଳୀରେ ଲେଖାଟି ପ୍ରସ୍ତୁତ କରି ପାଠକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଆସୁଛି । ସେଥିପାଇଁ ମୁଁ ମୋର ଏକ ସ୍ୱତନ୍ତ୍ର ପାଠକଗୋଷ୍ଠୀ ସୃଷ୍ଟି କରିବାରେ ସମର୍ଥ ଓ ସଫଳ ହୋଇପାରିଛି ।

ମୁଁ ଜଣେ ସମ୍ବେଦନଶୀଳ ମଣିଷ । ନିଜ ଢୋଲ ନିଜେ ବଜେଇବାର ମୋର ଆଦୌ ଅଭିପ୍ରାୟ ନୁହେଁ । ଆଜିର ସମାଜରେ କିଛି ଆଦର୍ଶ ନାହିଁ । ଅନାଦର୍ଶ ପଛରେ ପ୍ରାୟ ସମସ୍ତେ ବାୟା, ବାଉଳା ହୋଇ ଧାଉଁଛନ୍ତି । ବିନା କାରଣରେ କୌଣସି ଲେଖକ ବ୍ୟଙ୍ଗରଚନାରେ ହାତ ଦିଅନ୍ତି ନାହିଁ । ବ୍ୟଙ୍ଗ ସୃଷ୍ଟି ହୁଏ ହୃଦୟ ମଧ୍ୟରେ ଏକ ଆବେଗଜନିତ ପ୍ରକ୍ରିୟାରୁ । ତା ଭିତରେ ଥାଏ ବିଦ୍ରୋହର ସ୍ଫୁଲିଙ୍ଗ , ସମାଲୋଚନାର ବେତ୍ରପ୍ରହାର । ଅତଃପର ସଂସ୍କାର ପ୍ରବୃତ୍ତି ଆପେଆପେ ବଳବତ୍ତର ହୋଇଉଠେ । ଜଣେ ବ୍ୟଙ୍ଗସ୍ରଷ୍ଟା ହିସାବରେ ସତ୍ୟର ବାର୍ତ୍ତାବହ ସାଜିବା ମୋର ନୈତିକ କର୍ତ୍ତବ୍ୟ । ବାସ୍ତବ ଘଟଣାକୁ ଲୋକଲୋଚନକୁ ଆଣିବା, ସତ୍ୟକୁ ପ୍ରକାଶ କରିବା ଯଦିଓ ବିପଦପୂର୍ଣ୍ଣ କାର୍ଯ୍ୟ ତଥାପି ମୁଁ ମୋ ଲେଖା



ମାଧମରେ ସଦାସର୍ବଦା ନିର୍ଭୀକ, ସ୍ପଷ୍ଟବାଦୀ ହୋଇଆସୁଛି ଆଜିପର୍ଯ୍ୟନ୍ତ ।

ତେବେ ସତ୍ୟ ବା ବାସ୍ତବତାର ରୂପକୁ ବ୍ୟଙ୍ଗାତ୍ମକ ଶୈଳୀରେ ବର୍ଣ୍ଣନା କରୁଥିବାବେଳେ ତତସଂଲଗ୍ନ ଅନୁକ୍ରମ, ଚରିତ୍ର, ଘଟଣା ଆମ ସମାଜରେ ଆତଯାତ ହେଉଥିବା କୌଣସି ନା କୌଣସି ଅନୁକ୍ରମ, ଚରିତ୍ର ଓ ଘଟଣା ସହ ଆକସ୍ମିକ ଭାବେ ଖାପିଯିବା ସ୍ୱାଭାବିକ କଥା । ମାତ୍ର ସେଇଠି ସୃଷ୍ଟି ହୋଇଯାଏ ସମସ୍ୟା । ଏଭଳି ଖାପୁଥିବା ପ୍ରସଙ୍ଗକୁ କେନ୍ଦ୍ରକରି କେହିକେହି ତଥାକଥିତ ପ୍ରତିପତ୍ତିସମ୍ପନ୍ନ ଓ କ୍ଷମତାଧାରୀ ମହାଶୟ ଲେଖାର ଉଦ୍ଦେଶ୍ୟ, ଗୁରୁତ୍ୱ ଓ ମହତ୍ତ୍ୱ ସହଜରେ ଓ ଠିକ୍ ବୁଝିପାରନ୍ତି ନାହିଁ । ଅଧିକନ୍ତୁ ଏପରି ଲେଖା ହୀନମନ୍ୟତା ଓ ମନ୍ଦ ଉଦ୍ଦେଶ୍ୟର ପ୍ରତିଫଳନ ବୋଲି କହି ଲେଖକଙ୍କ ପ୍ରତି କ୍ଷୁବ୍ଧ ଓ ଖଡ୍ଗହସ୍ତ ହୋଇଯାଆନ୍ତି । ସେ ମହାଶୟଙ୍କର ଏମନ୍ତ ଦୃଷ୍ଟିଭଙ୍ଗୀ ଓ ବିଚାରବୋଧ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଅନୁଚିତ ନିଶ୍ଚୟ ।

ସତରେ ବ୍ୟଙ୍ଗସାହିତ୍ୟର ସ୍ୱାତନ୍ତ୍ର୍ୟ ଓ ପ୍ରାସଙ୍ଗିକତା ତଉଲି ନପାରି ଥୋକେ ହୁଏତ ଏହାକୁ ଶସ୍ତା ସାହିତ୍ୟ, ବିଦ୍ୱେଷ/ ହୀନମନ୍ୟତା/ଅସହିଷ୍ଣୁତା ଉଦ୍ରେକକାରୀ ବକବାଜି ବୋଲି କହିଥାନ୍ତି । ଜଣେ ବ୍ୟଙ୍ଗସ୍ରଷ୍ଟା ଭାବରେ ମୋର କହିବାର କଥା, ବ୍ୟଙ୍ଗସାହିତ୍ୟ କେବେ ମଧ ଉଦ୍ଦେଶ୍ୟପ୍ରଣୋଦିତ କି ଭିତ୍ତିହୀନ ସାହିତ୍ୟ ନୁହେଁ। ବ୍ୟକ୍ତିଗତ ଭାବରେ କାହାକୁ ନିନ୍ଦା କି ସମାଲୋଚନା କରିବା ମୋର ଉଦ୍ଦେଶ୍ୟ ନୁହେଁ। ଅନୀତି ବିରୁଦ୍ଧରେ ଯାଇ ନୀତି ସପକ୍ଷରେ କହିବା, ଅନ୍ୟାୟ ବିରୁଦ୍ଧରେ ଯାଇ ନ୍ୟାୟ ପାଇଁ କହିବା, ବିଶୃଙ୍ଖଳା, ଦୁର୍ନୀତି, ଭ୍ରଷ୍ଟାଚାର ବିରୁଦ୍ଧରେ ଯାଇ ଶୃଙ୍ଖଳା, ସଦାଚାର, ସଦଭାବନା, ସଂପ୍ରୀତି ପାଇଁ କହିବା ହେଉଛି ମୋ ଲେଖାର ମୂଳ ଉଦ୍ଦେଶ୍ୟ। ମୁଁ ସଦାବେଳେ ମୋ ଲେଖାରେ ସମାଜ ପ୍ରତି ତଥା ବ୍ୟକ୍ତିଚରିତ୍ର ପ୍ରତି ସକାରାତ୍ମକ ବାର୍ତ୍ତା ରଖି ଆସୁଛି , ଆଗକୁ ରଖିବାକୁ ଯଥାସାଧ ଚେଷ୍ଟା କରିବି ମଧ ।

ମୋ ଲେଖାର ଆବେଦନ ଓ ଭିତିରି ଅର୍ଥକୁ ତଥାକଥିତ ନୀତିଭ୍ରଷ୍ଟ , ଦୁରାଚାରୀ, ଦୁର୍ନୀତିଗ୍ରସ୍ତ, ଫାଙ୍କିବାଜ ମହାଶୟମାନେ ନିଜ ନିଜର କଳାକାରନାମା ସହ ଯୋଡି ବସୁଛନ୍ତି ଏବଂ ତାହା ସେମାନଙ୍କ ପ୍ରତି ଘୋର ଅପମାନ ବୋଲି ହୀନମନ୍ୟତାର ଶିକାର ହୋଇ ମୋ ପ୍ରତି ଖଡ୍ଗହସ୍ତ ହେବା କିମ୍ବା ଯୁଦ୍ଧମ୍ ଦେହି ଡାକରା ଦେଉଛନ୍ତି । ଏସବୁ ଅସହିଷ୍ଣୁ ଉଦ୍ଦେଶ୍ୟ ଓ କାର୍ଯ୍ୟ ମୋ ଲେଖାର ପ୍ରବହମାନତାକୁ ରୋକିନାହିଁ କି ରୋକିପାରିବ ନାହିଁ । କାରଣ ସତ୍ୟ ହିଁ ମୋର ଅମୋଘ ଅସ୍ତ୍ର । ଏକନିଷ୍ଠ ସତ୍ୟାଶ୍ରୟୀ ହୋଇ ବଂଚିରହିବା ମୋ ଜୀବନର ସଂକଳ୍ପ । ମୁଁ ଭଲ ଭାବରେ ଜାଣେ, ନାନା ଘାତ ପ୍ରତିଘାତ, ବାଧାବନ୍ଧନ ସତ୍ତ୍ୱେ ସତ୍ୟ ହି ଶେଷରେ ବିଜୟୀ ହୁଏ । ସତ୍ୟମେବ ଜୟତେ। କିଂ ଅଧିକମ୍ !

+'ଇନ୍ଦ୍ରଧନୁ'
ଡୁପ୍ଲେକ୍ସ:୧୦/ବି
ବୀମାବିହାର, ମର୍କତନଗର
ସେକ୍ଟର:୬,କଟକ-୭୫୩୦୧୪
ମୋ:୯୪୩୭୦୯୦୯୮୫

# ଋଣ

**ନଗେନ୍ଦ୍ର ନାଥ ପଟ୍ଟନାୟକ**



ଏମିତି ଏକ ମାହୋଲରେ ପାଳିତ ପ୍ରତିପୋଷିତ ହୋଇଥିଲା ଅମୀତ୍ । ମାଆ ସୁଲୋଚନା ତାକୁ ବହୁତ ସ୍ନେହଶ୍ରଦ୍ଧା ତଥା ବାତ୍ସଲ୍ୟ ମମତା ଦେଇଥିଲେ ହିଁ ତାର ପିଲାଦିନର ମୂଲ୍ୟବାନ ସମୟତକ କଟିଥିଲା ପ୍ରତିବେଶୀ ଘରର ସ୍ନେହମୟୀ, ମମତାମୟୀ ମା କୁସୁମଙ୍କ ସହିତ । ସୁଲୋଚନା ନିଜ ଘରର ଆର୍ଥିକ ଅସ୍ୱଚ୍ଛଳ ଅବସ୍ଥାକୁ ସୁଧାରିବା ନିମିତ କପଡା ସିଲେଇ ଭଳି ଛୋଟ ଛୋଟ କାମଧନ୍ଦା ଓ ଘର ପାଇଟି କରୁଥିଲା । ବୟସରେ କୁସୁମ ସୁଲୋଚନାଠୁ ବଡ । ଏଣୁକରି ତାକୁ ବଡମା ବୋଲି ସମ୍ବୋଧନ କରୁଥିଲା ଅମୀତ୍ ।

ପାଣିସୁଅର ଗତିଭଳି ସମୟ ଗଡିଚାଲିଲା । ଅମୀତ୍ ପଢାଲେଖା ସାରି ଚାକିରି କରିବାକୁ ଲାଗିଲା ଦରିଆପାରି ଦେଶରେ । ବର୍ଷେ କି ଦି ବର୍ଷରେ ମୋଟରୁ ଥରୁଟିଏ ଆସେ ଘରକୁ । ଏଥରକ କିନ୍ତୁ ଦୀର୍ଘ ଚାରିବର୍ଷ ପରେ ଘରକୁ ଆସୁଥିଲା । ଘରମୁହାଁ ହୋଇ ଫେରିଲା ବେଳେ ବାଟରେ ନିରେଖି ଦେଖିଲା ସଡକ କଡରେ ବଡମାଆ କୁସୁମ କଥାବାର୍ତ୍ତା କରୁଛି ଅମୀତର ସମବୟସ୍କା ତରୁଣୀମାନଙ୍କ ସହିତ । ବଡମାଆଙ୍କୁ ଅଭିବାଦନ ନ ଜଣାଇ ଅମିତ ସିଧା ନିଜ ଘରମୁହାଁ ହୋଇ ଆଗେଇବାକୁ ଲାଗିଲା ।

ଏ ଘଟଣାରେ ଖୁବ୍ ବ୍ୟଥିତ, ମ୍ରିୟମାଣ ହୋଇପଡିଲେ ଅମୀତ୍‌ର ବଡମାଆ କୁସୁମ । ନସରପସର ହୋଇ ସେ ସୁଲୋଚନାଙ୍କ ଘର ଆଡେ ମୁହାଁଇଲେ । ଘର ଦୁଆରର ଏରୁଣ୍ଡିବନ୍ଧ ଡେଇଁ ବିମର୍ଷ କୁସୁମ ତାଙ୍କୁ ପଚାରିଲେ, ଯୋଉ ପିଲାଟିକୁ ସରାଗବୋଳା କୋଳରେ ବସାଇ ଖୋଇପେଇ ଏଡେଟିଏରୁ ଏଡୁଟିଏ କଲି ତା ପାଶେ କଣ ସମୟ ନିଅଂଟ ହେଲା । ଏ ପ୍ରଭାବ କଣ ଶିକ୍ଷାଦୀକ୍ଷାର କି ତାହା ଦ୍ୱାରା ଉପାର୍ଜିତ ଧନର । ଘରେ ନଥିଲା ଅମିତ୍, ତେଣୁ ସୁଲୋଚନା ପୁତ୍ରର ବ୍ୟବହାର ନେଇ ସମ୍ଭାଷଣ ଛଳରେ କୁସୁମର ଅନ୍ତର୍ଦହନ, ଅସହ୍ୟ ବ୍ୟଥା ବେଦନାକୁ ପ୍ରଶମିତ କରିବାକୁ ଚେଷ୍ଟାକଲା । ଅମିତି ଘରେ ପାଦ ଥାପୁ ଥାପୁ ମାଆ ସୁଲୋଚନା ତାକୁ ତାର ଏଭଳି ଅସଦ୍ ଆଚରଣର କାରଣ ବାବଦରେ ପଚାରଲେ । ଅମୀତ୍ ଦୃଢ ସ୍ୱରରେ କହିଲା- ମାଅ ଏକଥା ଏକଦମ୍ ସତ୍ୟ, ହେଲେ ସେଠି ମୋ ସମବୟସ୍କା ଯୁବତୀମାନେ ଥିଲେ, ମୋ ବାବଦରେ କି ଧାରଣା ସେମାନଙ୍କ ମନରେ ସୃଷ୍ଟି ହୋଇଥାନ୍ତା । ଏୟା ବିଚାରି ମୁଁ ସେଠି ଅଟକିଲି ନାହିଁ । ତହୁଁ ମାଆ ସୁଲୋଚନା ନାରଦପୁରାଣରେ ବର୍ଣ୍ଣିତ ଶୁକଦେବ ଆଉ ବ୍ୟାସଙ୍କର ଆଧ୍ୟାତ୍ମିକ କାହାଣୀ ଶୁଣାଇଲେ ଅମୀତ୍‌କୁ । ଖାସ୍‌କରି ତା ହୃଦୟକୁ କଳୁଷ-କଳ୍ମଷମୁକ୍ତ କରିବା ଉଦ୍ଦେଶ୍ୟରେ । ଜନ୍ମ ହେବା ପରେ ପରେ ଶୁକଦେବଙ୍କ ପିଛାକରି ବ୍ୟାସ ଧାଉଁଥିବା ବେଳେ ଜଳାଶୟରେ ସ୍ନାନ କରୁଥିବା ରମଣୀମାନେ ଶୁକଦେବଙ୍କ ଲକ୍ଷକରି କୌଣସି ପ୍ରକାର ପ୍ରତିକ୍ରିୟା ବା ଟିପ୍ପଣୀ ଦେଲେ ନାହିଁ । ହେଲେ ବ୍ୟାସ ସେମାନଙ୍କ ସମ୍ମୁଖରେ ନିଜକୁ ଅସହଜ ମଣିଥିଲେ । ତେବେ ଶୁକଦେବଙ୍କ ଆଖି ଆଗରେ ନାରୀ-ପୁରୁଷର କୌଣସି ଭେଦଭାବ ନ ଥିଲା । ଆମେ ଯେବେ କାହାକୁ ସାକ୍ଷାତ କରୁ ପ୍ରଥମେ କୌଣସି ବ୍ୟକ୍ତିବିଶେଷକୁ ଭେଟିଥାଉ, ତାପରେ ସ୍ତ୍ରୀ ଆଉ ପୁରୁଷର ବାହ୍ୟ ସଂରଚନା କଥା ଉଠିଥାଏ । ବ୍ୟାବହାରିକ ମୂଲ୍ୟବୋଧ ଦୃଷ୍ଟିରେ ବ୍ୟକ୍ତି ଗୌଣ ହେଉଥିବା ବେଳେ ପୁରୁଷ କିମ୍ବା ସ୍ତ୍ରୀ ପ୍ରମୁଖ ହୋଇଯାନ୍ତି । ଆଉ ଆମର ମନୋଦଶାକୁ ପଢି ପରଖି ନିଅନ୍ତି । ଆମ ଅନ୍ତରର ଅବଧାରଣା ହିଁ ସାମନାବାଲାର ମୁଖମଣ୍ଡଳରେ ପ୍ରତିବିମ୍ବିତ ହୁଏ ।

ଏକୋଇର ବଳା ବିଶିକେଶନ ଅମୀତ୍ ଅଭିବାଦନ ନ କରିବାର ଗଲ୍‌ତିକୁ ବି ସୁଧାରିବା ପାଇଁ ପ୍ରୟାସ କରୁଥିଲେ ସୁଲୋଚନା। ଅମୀତ ଉଦ୍ଦେଶ୍ୟରେ ବୁଝାଇଲେ -ଆମେ ଯେବେ ଅବୋଧ, ନିଷ୍ପାପ ଶିଶୁଟିଏ ହୋଇଥାଉ ଏମିତି ଥୋକେ ଲୋକ ଥାଆନ୍ତି ଯୋଉମାନେ ଆମକୁ କିଛି ମଧ ଲାଗନ୍ତି ନାହିଁ । ଅଥଚ ସେମାନେ ଆମକୁ ଟେକିଧରି ନିଜ କାନ୍ଧରେ ବସାନ୍ତି ଓ ନାଉ କରନ୍ତି । ସ୍ନେହସିକ୍ତ କୋଳରେ ବସାଇ ଖୋଇଦିଅନ୍ତି । ପୁଣି କେତେ ଯେ ଜନ୍ମଜନ୍ମାନ୍ତରରେ ସେମାନଙ୍କ ସହିତ ଦେଖାସାକ୍ଷାତ ହୋଇଥିବ ଜଣାନଥାଏ ଆମକୁ । ସେମାନେ ଅଲକ୍ଷରେ ଗୋଟେ ବିରାଟ ଓଜନିଆ ଋଣବୋଝଟେ ଛାଡିଦେଇ ଚାଲିଯାଆନ୍ତି ତୁମ ମୁଣ୍ଡ ଉପରେ । ଏଣୁକରି ତୋ ଭଳି କେହି ଯଦି ନିଜଠୁ ବୟସରେ ବଡ ତଥା ଗୁରୁଜନଙ୍କୁ ମୁହାଁମୁହିଁ ଭେଟନ୍ତି ତେବେ ଜାଣିବାକୁ ହେବ ଯେ ଏଭଳି ଦେଖାସାକ୍ଷାତ ତୋ ଶୈଶବ ଅବସ୍ଥାରେ ସିଏ ନିଜ କାନ୍ଧ ଉପରକୁ ତୋତେ ଉଠେଇ ନେଇଥିବ ବୋଧହୁଏ। ଏମିତିରେ ବୟସ୍କ ପ୍ରୌଢ ତଥା ଗୁରୁଜନଙ୍କୁ ଅଭିବାଦନ କରିବା ଦ୍ୱାରା ଆୟୁଷ, ବିଦ୍ୟାବୁଦ୍ଧି, ଯଶ ଓ ଶକ୍ତିରେ ବୃଦ୍ଧି ଘଟିଥାଏ। ନିରଳସ ପଣ ନେଇ କରାଯାଉଥିବା ବୟୋବୃଦ୍ଧଙ୍କ ସେବାଯତ୍ନ ତପସ୍ୟାସମ । ଏବେ ନିଜର ଭୁଲପାଇଁ ଅନୁତାପର ନିଆଁରେ ଜଳୁଥିଲା ଅମୀତ୍ । ଦୃଢପଣ କଲା ମାବବତାର ଋଣ ଶୁଝିବାକୁ।

+ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡିଶା ସରକାର
ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏନଇପି ୨୦୨୦ ଉପରେ ଦୁଇ ଦିନିଆ ଅନ୍ତର୍ଜାତୀୟ ସେମିନାର ଉଦ୍‌ଘାଟିତ

ଜୟପୁର, ୦୨/୧୨ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଦୁଇ ଦିନିଆ ଅନ୍ତର୍ଜାତୀୟ ସେମିନାର ଉଦଘାଟିତ ହୋଇଯାଇଛି । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ମିଳିତ ଭାବେ ଏହି ସେମିନାର ଡିସେମ୍ବର ୦୨-୦୩ରେ ଆୟୋଜନ କରୁଛନ୍ତି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଉଦଘାଟନୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ନେପାଳର କାଠମଣ୍ଡୁ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଏଜୁକେସନର ଆସୋସିଏଟ୍ ଡିନ୍ ପ୍ରଫେସର ପ୍ରକାଶ ଚନ୍ଦ୍ର ଭଟ୍ଟରାୟ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋରଖପୁରର ଏବିଆରଏସଏମ ର ଉଚ୍ଚଶିକ୍ଷା ଶାଖା ପ୍ରଭାରୀ ମହେନ୍ଦ୍ର କୁମାର, ଏବିଆରଏସଏମ କାର୍ଯ୍ୟନିର୍ବାହୀ ସଦସ୍ୟ ଡ. ନାରାୟଣ ମହାନ୍ତି, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ ରେଜିଷ୍ଟ୍ରାର ପ୍ରଫେସର ନରସିଂହ ଚରଣ ପଣ୍ଡା ଓ ଶିକ୍ଷା ବିଭାଗର ଭାରପ୍ରାପ୍ତ ମୁଖ୍ୟ ତଥା ଅନ୍ତର୍ଜାତୀୟ ସେମିନାରର ସଂଯୋଜକ ଡଃ. ରମେନ୍ଦ୍ର କୁମାର ପାଢୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସେମିନାରକୁ ଉଦଘାଟନ କରି ପ୍ରଫେସର ଚକ୍ରଧର ତ୍ରିପାଠୀ କହିଥିଲେ ଯେ, ଜାତୀୟ ଶିକ୍ଷାନୀତିର ପୌରାଣିକ ମହତ୍ୱ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ହେତୁ କୋରାପୁଟ ହେଉଛି ଶ୍ରେଷ୍ଠ ସ୍ଥାନ । ଏହାବ୍ୟତୀତ ମାଟିର ବିଶିଷ୍ଟ ବ୍ୟକ୍ତି ଉତ୍କଳମଣି ଗୋପବନ୍ଧୁ ଦାସ ଓ ସନ୍ଥ କବି ଭୀମ ଭୋଇଙ୍କ ପାଇଁ ମଧ୍ୟ ଓଡ଼ିଶା ରାଜ୍ୟ ଏହାର ଗୁରୁତ୍ୱ ବହନ କରୁଛି । ଏନଇପି ୨୦୨୦କୁ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ଶିକ୍ଷାର ଭାରତୀୟକରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଭାରତ ଏତେ ବର୍ଷ ଧରି ଇଂରେଜମାନଙ୍କ ଅଧୀନରେ ଉପନିବେଶ ହୋଇରହିଥିଲେ ଏବଂ ଇଂରେଜମାନେ ଆମ ଭୂମିକୁ ନିୟନ୍ତ୍ରଣ କରିପାରିଥିଲେ, କିନ୍ତୁ ଆମ ହୃଦୟ ଏବଂ ମନକୁ ନିୟନ୍ତ୍ରଣ କରିପାରିନଥିଲେ । ସମୟ ଆସିଛି ଯେ ଆମେ ଆମର ସମୃଦ୍ଧ ଜ୍ଞାନର ପୁରୁଣା ଗୌରବକୁ ପୁନରୁଦ୍ଧାର କରିବା ଏବଂ ଭାରତୀୟ ନୀତିକୁ କାର୍ଯ୍ୟକାରୀ କରି ଆମଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା । ଗୁରୁଦେବ ରବୀନ୍ଦ୍ର ନାଥ ଟାଗୋରଙ୍କ କହିବା ଅନୁଯାୟୀ, ଆମକୁ ନିଜ ଉପରେ ବିଶ୍ୱାସ କରିବା ଉଚିତ ଏବଂ ମଣିଷ ଉପରେ ବିଶ୍ୱାସ ରଖିବା ଉଚିତ୍ । କୁଳପତି ଆହୁରି କହିଛନ୍ତି ଯେ, ଦୃଢ଼ ଶିକ୍ଷା ବ୍ୟବସ୍ଥା ଗଠନରେ ମାନବ ବିଶ୍ୱାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଭାରତ ପରସ୍ପର ଉପରେ ବିଶ୍ୱାସ କରିବାର ସଂସ୍କୃତି ଭାବରେ ଯାହା ସାରାବିଶ୍ୱରେ ଜଣାଶୁଣା । ମହେନ୍ଦ୍ର କୁମାର କହିଥିଲେ ଯେ, ଯଦି ଆମେ ପାଶ୍ଚାତ୍ୟୀକରଣ ପଦ୍ଧତିକୁ ତ୍ୟାଗ କରି ଭାରତୀୟ ଶିକ୍ଷାରେ ମୂଲ୍ୟ ବ୍ୟବସ୍ଥାକୁ ଅନୁସରଣ କରୁ ତେବେ ଶିକ୍ଷା ନୀତି ସଫଳ ହେବ । ଭାରତୀୟ ମୂଲ୍ୟ ବ୍ୟବସ୍ଥା ବିଶ୍ୱରେ ଅନନ୍ୟ ଏବଂ ପ୍ରତ୍ୟେକ ଦେଶ ବିଶ୍ୱରେ ଭାରତୀୟ ମୂଲ୍ୟ ବ୍ୟବସ୍ଥାକୁ ଅନୁସରଣ କରନ୍ତି । କିନ୍ତୁ ଏହା ଦୁର୍ଭାଗ୍ୟଜନକ ଯେ ଆମେ ଆମର ନୀତିକୁ ଭୁଲି ଯାଉଛୁ । ଆମର ପୁରୁଣା ଶିକ୍ଷା ବ୍ୟବସ୍ଥାର ପୁନରୁଦ୍ଧାର ଏବଂ ଏହାକୁ ଅଭ୍ୟାସରେ ଅନୁସରଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହାବ୍ୟତୀତ ପ୍ରାଥମିକ ଶିକ୍ଷାରେ ମାତୃଭାଷାର କାର୍ଯ୍ୟକାରିତା ଉପରେ ମଧ ଗୁରୁତ୍ୱାରୋପ କରିଥିଲେ । ଯାହାଦ୍ୱାରା ଏନଇପି ସଫଳ ହୋଇପାରିବ । ପ୍ରଫେସର ଭଟ୍ଟରାଇ ଆଲୋଚନାଚକ୍ରରେ ବକ୍ତବ୍ୟ ରଖିଥିଲେ । ନିଜ ବକ୍ତବ୍ୟରେ ସେ ଶିକ୍ଷା ବ୍ୟବସ୍ଥାରେ ନୈତିକ ବିଚାରକୁ ଗୁରୁତ୍ୱ ଦେଇଥିଲେ । ସେ କହିଥିଲେ ଯେ, ଭାରତୀୟ ସଂସ୍କୃତି ଏବଂ ନେପାଳୀ ସଂସ୍କୃତି ପ୍ରାୟ ସମାନ ଏବଂ ନୈତିକ ବ୍ୟବସ୍ଥା ମଧ ସମାନ । ପ୍ରଫେସର ଏନ୍ ସି ପଣ୍ଡା ଉଦ୍ ଘାଟନୀ ଭାଷଣ ଦେଇ ଜାତୀୟ ଶିକ୍ଷାନୀତି ୨୦୨୦କୁ ଭାରତର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ନୀତି ଦସ୍ତାବିଜ ବୋଲି ପ୍ରଶଂସା କରିଥିଲେ । ଜାତୀୟ ଶିକ୍ଷା ନୀତି ଅଧୀନରେ ପୁନରୁଦ୍ଧାର ହେବାକୁ ଥିବା ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ମଧ ସେ ଗୁରୁତ୍ୱ ଦେଇଥିଲେ । ଡଃ. ନାରାୟଣ ମହାନ୍ତି ତାଙ୍କ ଅଭିଭାଷଣରେ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର କାର୍ଯ୍ୟକଳାପ ଏବଂ ଏହାର ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ସୂଚନା ଦେଇଥିଲେ । ଓଡ଼ିଶାରେ ଏବିଆରଏସଏମ ଅଧୀନରେ ଥିବା ଅନ୍ୟ ଏକ ସଂସ୍ଥା ରାଷ୍ଟ୍ରୀୟ ଶିକ୍ଷା ପରିଷଦ ଓଡ଼ିଶା, ଯାହା ଓଡ଼ିଶାରେ ସ୍କୁଲ ଶିକ୍ଷକମାନଙ୍କ ପାଇଁ କାର୍ଯ୍ୟ କରେ । ସେ କହିଥିଲେ ଯେ, ସଂଗଠନ ଭାରତରେ ଏନଇପି କାର୍ଯ୍ୟକାରୀ କରିବା ପାଇଁ କଠିନ ପରିଶ୍ରମ କରୁଛି । ସେମିନାରର ଆବାହକ ଡଃ. ରାମେନ୍ଦ୍ର କୁମାର ପାଢ଼ୀ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଆନ୍ତର୍ଜାତିକ ଆଲୋଚନାଚକ୍ର ବିଷୟରେ ଅବଗତ କରାଇଥିଲେ । ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଭାରପ୍ରାପ୍ତ ମୁଖ୍ୟ ଡ. ସୌରଭ ଗୁପ୍ତା ଉଦଘାଟନୀ ଅଧିବେଶନକୁ ସଂଯୋଜନା କରିଥିବା ବେଳେ ଶିକ୍ଷା ବିଭାଗର ଅଧ୍ୟାପକ ଡ. ସିଭିଏନ୍ ରାଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସେମିନାରରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧିକାରୀ ଓ ଅଧ୍ୟାପକ, ସମଗ୍ର ଭାରତ ତଥା ବିଦେଶର ବିଭିନ୍ନ ଅନୁଷ୍ଠାନର ବିଶିଷ୍ଟ ବ୍ୟକ୍ତି, ବିଶ୍ୱବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଉଦଘାଟନୀ ଦିବସରେ ଶେଷରେ ଦୁଇଟି ବୈଷୟିକ ଅଧିବେଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୈଷୟିକ ଅଧିବେଶନରେ ବିଶିଷ୍ଟ ବକ୍ତା ଭାବେ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷା ପ୍ରଫେସର ଜିସି ନନ୍ଦ, ବିଶ୍ୱଭାରତୀ ସ୍ଥିତ ବିଦ୍ୟା ଭବନର ପ୍ରଫେସର କାହ୍ନୁ ଚରଣ ସାହୁ, ଶାନ୍ତି ନିକେତନର ବିଦ୍ୟାଭବନର ପ୍ରଫେସର କାହ୍ନୁ ଚରଣ ସାହୁ, ଜର୍ଡାନ ବିଶ୍ୱବିଦ୍ୟାଳୟର ପ୍ରଫେସର ଫୈଜଲ ଅଲ ରଫୌଚ, ମିଜୋରାମ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ବି.ବି.ମିଶ୍ର, ଶିକ୍ଷା ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ବି.ଏନ୍. ଏନସିଇଆରଟି, ଭୁବନେଶ୍ୱର ଏବଂ ପ୍ରଫେସର ରେବତ କୁମାର ଧକଲ, କାଠମଣ୍ଡୁ ବିଶ୍ୱବିଦ୍ୟାଳୟ, ନେପାଳ ଯୋଗ ଦେଇଥିଲେ । ଏନେଇ ଡ. ଫଗୁନାଥ ଭୋଇ, ଜନସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି ।

# ପରିବହନ ବିଭାଗର ଚଢାଉ: ରାଜପଥରେ ବେଆଇନ ପାର୍କିଙ୍ଗ ପାଇଁ ଜରିମାନା ଆଦାୟ

କୋରେଇ, ୦୨/୧୨ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଓ ୨୦ ନମ୍ବର ଜାତୀୟ ରାଜପଥରରେ ପାଣିକୋଇଲି ନିକଟସ୍ଥ ଅନେକ ସ୍ଥାନରେ ବେଆଇନ ପାର୍କିଂଗକୁ ନେଇ ଯାଜପୁର ପରିବହନ ବିଭାଗ ପକ୍ଷରୁ ଶନିବାର ପୂର୍ବାହ୍ନରେ ଚଢାଉ କରାଯାଇଛି । ରାଜପଥ କଡ ବା ସର୍ଭିସ ରୋଡରେ ବେଆଇନ ପାର୍କିଂଗ ଯୋଗୁ ଅନେକ ସମୟରେ ଦୁର୍ଘଟଣାର ପ୍ରମୁଖ କାରଣ ପାଲଟିଛି । ଏମିତିକି ରାଜପଥ କଡ ବା ସର୍ଭିସ ରୋଡରେ ବହୁ ଦିନ ଧରି ଗାଡି ରହିବା ଦେଖିବାକୁ ମିଳିଛି । ଯାହା ଫଳରେ ପାଖ ଆଖ ଗ୍ରାମର ଲୋକମାନେ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର/ଛାତ୍ରୀ ମାନଙ୍କ ଯାତାୟତରେ ବହୁ ଅସୁବିଧା ଦେଖିବାକୁ ମିଳୁଛି । ସମସ୍ତ ନିୟମକୁ ଫାଙ୍କି କିଛି ବ୍ୟବସାୟୀ ରାସ୍ତା କଡରେ ଗାଡି ରଖି ସେମାନଙ୍କ ବ୍ୟବସାୟ ଚଳାଉଛନ୍ତି । ଏମିତିକି ଗୋଟିଏ ଗୋଟିଏ ସ୍ଥାନରେ ଅନେକ ଦିନ ଗାଡି ରହୁଥିବା ଦେଖିବାକୁ ମିଳିଛି । ବିଭିନ୍ନ ସମୟରେ ଅଭିଯୋଗ କଲେ ମଧ୍ୟ ଓଲଟି ସେମାନେ ସାଧାରଣ ଲୋକଙ୍କୁ ଧମକାଇବା ଭଳି ଘଟଣା ଦେଖିବାକୁ ମିଳିଛି । ରାଜପଥ କଡରେ ବେଆଇନ ଭାବେ ମାଳମାଳ ଦୋକାନ ଖୋଲାଯାଇଥିବାରୁ ଏଠାରେ ଗାଡି ରଖିବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ଯାଜପୁର ପରିବହନ ଅଧିକାରୀ ଶ୍ରୀ ନିଳକଣ୍ଠ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଟ୍ରାଫିକ ଇନିସପେକ୍ଟର ରଜତ କୁମାର ଶତପଥି, ଜୁନିୟର ଏମଭିଆଇ ପ୍ରଦୀପ କୁମାର ବେହେରା, ଅତିରିକ୍ତ ଟ୍ରାଫିକ ସବ ଇନ୍ସପେକ୍ଟର ରାଜେଶ କୁମାର ମଙ୍ଗରାଜ, ରାଜପଥ ପୋଟ୍ରୋଲିଙ୍ଗ ଅଧିକାରୀ ଅଶୋକ କୁମାର ବଳ, କନେଷ୍ଟବଳ ବିଜନ ସେଠୀ, ଟି କିଶୋର କୁମାର, ମୃତ୍ୟୁଂଜୟ ପହୀ, ବିଦ୍ୟାଧର ମଲ୍ଲିକ ପ୍ରମୁଖ ଚଢାଉ କରି ପାର୍କିଂରେ ଥିବା ୧୪ ଟି ଗାଡ଼ିରୁ ୮ ହଜାର ୫ ଶହ ଟଙ୍କା ଚାଲାଣ କାଟିଥିଲେ । ଉକ୍ତ ଚଢାଉ କ୍ରମାଗତ ଭାବେ ଚାଲିବ ବୋଲି ପରିବହନ ଅଧିକାରୀ ଶ୍ରୀ ପ୍ରଧାନ ଜଣାଇଛନ୍ତି ।

# ଜିଲ୍ଲାସ୍ତରିୟ ଯୁବ ରେଡ଼କ୍ରସର ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ମାଲକାନଗିରି, ୦୨/୧୨ (ନି.ପ୍ର): ଭାରିତୀୟ ରେଡ଼କ୍ରସ ସୋସାଇଟି ଓଡ଼ିଶା ଶାଖାର ନିର୍ଦ୍ଦେଶ କ୍ରମେ ଏମ.ଭି.-୭୯ ସ୍ଥିତ ଡ଼ଃ. ଶ୍ୟାମା ପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ଡ଼ଃ.ପ୍ରଶାନ୍ତ କୁମାର ପାଢ଼ିଙ୍କ ସଭାପତିତ୍ୱରେ ତିନି ଦିନିଆ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରରେ ପୂର୍ବତନ ବିଧାୟକ ମାନସ ମାଡକାମି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଘାଟନ କରିଥିଲେ । ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଚିକିତ୍ସା ଅଧିକାରୀ ଧନେଶ୍ୱର ମହାପାତ୍ର, ମୁଖ୍ୟ ବକ୍ତା ଭାବେ ଯୁବ ରେଡ଼କ୍ରସର ଜ଼ିଲ୍ଲା ଆବାହକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ, ସ୍ଥାନୀୟ ସରକାରୀ ହସ୍ପିଟାଲର ଚିକିତ୍ସା ଅଧିକାରୀ ଡା. ପ୍ରସନ୍ନଜିତ ରାୟ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପରିତୋଷ ସରକାର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜ଼ିଲ୍ଲା ଯୁବ ରେଡ଼କ୍ରସର ସଂଯୋଜକ ପ୍ରଫୁଲ କୁମାର ବିଶ୍ୱାଳ ଓ ଡ଼ଃ. ଶ୍ୟାମା ପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରାମର୍ଶଦାତା ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସହଯୋଗ କରିଥିଲେ । ମହାବିଦ୍ୟାଳୟ ତରଫରୁ ଅର୍ଥନୀତି ଅଧ୍ୟାପକ ଡ଼ଃ. ପ୍ରଦୀପ୍ତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ତିନି ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ଜ଼ିଲ୍ଲାର ୩୮ଟି କଲେଜରୁ ପ୍ରାୟ ୧୫୦ ଜଣ ଛାତ୍ର ଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ମାନେ ପ୍ରଶିକ୍ଷଣ ନେବାର କାର୍ଯ୍ୟକ୍ରମ ରହିଛି ।

# ପୁରୀରେ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଉଦ୍‌ଘାଟିତ

ପୁରୀ, ୦୨/୧୨ (ନି.ପ୍ର): ରାଜ୍ୟ ସରକାରଙ୍କ ହସ୍ତତନ୍ତ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଆଜି ସଂଧ୍ୟା ରେ ପୁରୀ ସ୍ଥିତ ନୀଳାଚଳ ହାଟ ଠାରେ ଆୟୋଜିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବୁଣାକାର, କାରିଗର ମାନଙ୍କ ଦ୍ୱାରା ପ୍ରସ୍ତୁତ ବସ୍ତ୍ରର ବିକ୍ରୟ ବୃଦ୍ଧି କରି ବୁଣାକାରଙ୍କୁ ନିୟମିତ କାମ ଯୋଗାଇ ଦେବା ଓ ଆର୍ଥିକ ଅଭିବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ଯୋଜନାରେ ଏହା ଅନୁଷ୍ଠିତ ହୋଇଅଛି । ଏହି ମେଳାକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଉଦଘାଟନ କରି ଏହି ମେଳା ବୁଣାକାର ମାନଙ୍କ ପ୍ରତିଭା ବିକାଶ, ଆର୍ଥିକ ସୁଧାର ସହ ଅନ୍ୟ ବୁଣାକାର ମାନଙ୍କୁ ପ୍ରେରଣା ଦେବ ବୋଲି କହିଥିଲେ । ହସ୍ତତନ୍ତ ବିଭାଗର ଉପ ନିର୍ଦ୍ଦେଶକ ଲକ୍ଷ୍ମୀପତି ବେହେରା ଓ ସମ୍ବଲପୁରୀ ବସ୍ତ୍ରାଳୟର ବାଣିଜ୍ୟ ଅଧିକାରୀ ହେମନ୍ତ କୁମାର ମିଶ୍ର ଯୋଗ ଦେଇ ଏହି ମେଳା ଚଳିତ ମାସ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବା ସହ ଏଥିରେ କେତେକ ବସ୍ତ୍ର ଉପରେ ରିହାତି ର ବ୍ୟବସ୍ଥା ଥିବାରୁ ବ୍ୟବସାୟ ବୃଦ୍ଧି ର ଆଶା ରହିଛି ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମ୍ବଲପୁରୀ ବସ୍ତ୍ରାଳୟର ଏମ ଡି ହୃଷିକେଶ ମାହାଳି, ହସ୍ତଶିଳ୍ପର ଏଚ ପି ଓ ସୂର୍ଯ୍ୟକାନ୍ତ ପଣ୍ଡା, ଜାତୀୟ ପୁରସ୍କାର ପ୍ରାପ୍ତ ବୁଣାକାର ଜଗନ୍ନାଥ ମହାପାତ୍ର, ଅର୍ବାନ ହାଟ ପୁରୀର ପରିଚାଳକ ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ

କନ୍ଧମାଳ, ୦୨/୧୨ (ନି.ପ୍ର): ସ୍ଥାନୀୟ କରୋନେସନ୍ ପଡ଼ିଆରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଦିନ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦଯାପିତ ହୋଇଯାଇଛି । ଏହି ଉଦ୍ଦେଶ୍ୟରେ ଆୟୋଜିତ ଦୁଇଦିନିଆ ସାଧାରଣ ବୈଠକର ଉଦଯାପନୀ ଦିବସରେ ମାନ୍ୟବର ବିଧାନସଭା ଉପବାଚସ୍ପତି ଶ୍ରୀ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୟ ଯବାନ ଜୟ କିଶାନ ସ୍ଲୋଗାନକୁ ମନେ ପକାଇଥିଲେ । କିନ୍ତୁ ଦୁଃଖର କଥା କିଶାନ ଭାଇ ଭଉଣୀମାନେ ଆଜି ଅବହେଳିତ । ତଥାପି ସେମାନେ ନିଜର ହକ୍ ପାଇଁ ସରକାରଙ୍କ ନିକଟରେ ଦାବି କରନ୍ତି ନାହିଁ । ସେମାନେ କ୍ଷତି ସହିଲେବି ପ୍ରତି ବର୍ଷ ନିଜର ଜୀବିକା ଭାବି ଚାଷ କରିଥାନ୍ତି । କନ୍ଧମାଳ ଜିଲ୍ଲାରେ ଚାଷ ଜମି ମାତ୍ର ଶତକଡ଼ା ୧୩ ଭାଗ । ସେମାନେ ଜଙ୍ଗଲ ଉପରେ ନିର୍ଭର କରି ଚଳି ଯାଆନ୍ତି ସିନା ଭୋକ ଉପାସରେ ମରନ୍ତି ନାହିଁ କିମ୍ବା କାହା ଆଗରେ ହାତ ପତାନ୍ତି ନାହିଁ । ବୈଜ୍ଞାନିକ ପଦ୍ଧତିରେ ଚାଷ କରି କମ୍ ଜମିରେ କମ୍ ଖର୍ଚ୍ଚରେ ଅଧିକ ଅମଳ କରି ଲାଭବାନ ହେବାକୁ ପରାମର୍ଶ ଦେଇଥିଲେ । ସେଥିପାଇଁ ସେ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବାକୁ ସେ ଉପସ୍ଥିତ ଚାଷୀ ଭାଇଭଉଣୀ ତଥା ଜନସାଧାରଣଙ୍କୁ ଅନୁରୋଧ କରିଥିଲେ । ସହକାରୀ ନିର୍ଦ୍ଦେଶକ, ଭୁବନେଶ୍ୱର ସ୍ଥିତ ପ୍ରାଣୀ ଚିକିତ୍ସକଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଡା. ଜ୍ଞାନରଞ୍ଜନ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମାର୍କେଟିଂ ଓ ବ୍ରାଣ୍ଡିଂ ଉପରେ ଆଲୋଚନା କରିଥିଲେ । ସେ କହିଥିଲେ ଉତ୍ପାଦଗୁଡ଼ିକର ବିକ୍ରି ପରିମାଣ ବିଶେଷ କରି ବଜାରୀକରଣ ଉପରେ ନିର୍ଭର କରିଥାଏ । କେତେଗୁଡ଼ିଏ ଭଲ କ୍ୱାଲିଟିର ଉତ୍ପାଦ ବଜାରୀକରଣ ଅଭାବରୁ ଠିକ୍ ଭାବେ ବିକ୍ରି ହୋପାରୁନାହିଁ । ବଜାରୀକରଣ ହେଲେ ଉତ୍ପାଦଟି ବ୍ରାଣ୍ଡିଂ ହୋଇଯାଏ ଓ ବହୁ ପରିମାଣରେ ବିକ୍ରି ହୋଇଥାଏ । ସେହିପରି ବୈଷୟିକ ପରାମର୍ଶଦାତା ଡା.ଦିଗମ୍ବର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲାରେ ଗୋପାଳନ ସହିତ ଦୁଗ୍ଧ ସମିତି ଗଠନ କରିବାକୁ ପରାମର୍ଶ ଦେଇଥିଲେ । ସେ ଏଥିପାଇଁ ସରକାରଙ୍କ ନିକଟରେ ଏ ସମ୍ପର୍କରେ ପ୍ରସ୍ତାବ ରଖିବେ ବୋଲି କହିଥିଲେ । ପ୍ରମୁଖ ବୈଜ୍ଞାନିକ ସିଫା ଡା. ସତ୍ୟ ନାରାୟଣ ସେଠୀ କହିଥିଲେ ଯେ, କନ୍ଧମାଳ ଜିଲ୍ଲାରେ ଯେମିତି ଅର୍ଗାନିକ୍ ଫଳ ଓ ପନିପରିବା ଚାଷ ହୋଇପାରୁଛି ସେହିପରି ଅର୍ଗାନିକ ମାଛ ଚାଷ ମଧ ହୋଇପାରିବ । ମାଛ ବଢ଼ିବା ପାଇଁ ସାର କିମ୍ବା କେମିକାଲ ଆବଶ୍ୟକ ପଡ଼ିବ ନାହିଁ । ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ପ୍ରଶନ୍ନ କୁମାର ସାମଲ କହିଲେ, ଯେଉଁ ଚାଷୀ ଭାଇମାନେ ଦୃଢ଼ ବିଶ୍ୱାସ ନେଇ ଏହି ମେଳାରେ ଯୋଗଦେଇଛନ୍ତି ସେମାନେ ଏଠାରୁ କିଛି ନେଇକି ଯିବାକୁ ଅନୁରୋଧ । ଏହି ମହୋତ୍ସବ ଜଣେ ଚାଷୀକୁ ବିଶ୍ୱ ସ୍ତରରେ ପରିଚିତ କରାଇପାରିବ ଯେତେବେଳେ ସେ ନିଜେ ଚାହିଁବ କିଛି ଅଲଗା କରି ଦେଖାଇବାକୁ । ଏବେ ଛୋଟ ଚାଷୀରୁ ବଡ଼ ଚାଷୀ ହେବାର ସମୟ ଆସିଯାଇଛି । ସେଥିପାଇଁ ସେମାନେ ଦୃଢ଼ମନା ହେବାର ଆବଶ୍ୟକତା ରହିଛି ବୋଲି ଡା. ସାମଲ କହିଥିଲେ । ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରଫୁଲ୍ଲ କହଁର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ସଞ୍ଜିବ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଡଃ.ଅଳକା ପଟ୍ଟନାୟକ ସଭା ପରିଚାଳନା କରିଥିଲେ ।

# ଟିପିଏନ୍‌ଓଡିଏଲ ପକ୍ଷରୁ ବ୍ରହ୍ମବରଦାରେ ସଚେତନତା ଶିବିର

ଧର୍ମଶାଳା, ୦୨/୧୨ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ସଭାଗୃହରେ ଟାଟା ପାୱାର ପକ୍ଷରୁ ଏକ ପରିବାର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମବରଦା ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଶିବିରରେ ସୁରକ୍ଷା ପରିଚାଳକ ଓମ୍ ପ୍ରକାଶ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଟାଟା ପାୱାରର ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଆଲୋକ କୁମାର ଦାସ, ମୁଖ୍ୟବକ୍ତାଭାବେ ଟାଟା ପାୱାରର ପ୍ରଶିକ୍ଷକ ଦିନେଶ କୁମାର ପ୍ରଜାପତି, ସୁରକ୍ଷା ସଚେତନତା ଯନ୍ତ୍ରୀ ବିକ୍ରମ ଗୌଡ ଓ ଦେବବ୍ରତ ପୃଷ୍ଟି ଯୋଗ ଦେଇ ଦାୟିତ୍ୱବାନ ହେବା ସହ ନିଜେ ସୁରକ୍ଷା ରହି ଅନ୍ୟକୁ ସୁରକ୍ଷା ଦେବା, ସଦାସର୍ବଦା ସୁରକ୍ଷା କବଚ ବ୍ୟବହାର କରିବା, କର୍ମଚାରୀମାନେ ବିଦ୍ୟୁତ୍ କ୍ଷମତାକୁ ଅଣଦେଖା ନ କରିବାକୁ କର୍ମଚାରୀମାନଙ୍କୁ ସଚେତନ କରାଇବା ସହ କର୍ମଚାରୀମାନଙ୍କୁ ବିନା ସୁରକ୍ଷା କବଚ ବିନା ବାହାରକୁ ନ ଯିବାକୁ ପରିବାରବର୍ଗ ଜାଗ୍ରତ କରାଇବାକୁ ପରାମର୍ଶ ଦେଇଥିଲେ । ଏହା ସହିତ ଭିଡିଓ ମାଧ୍ୟମରେ ପ୍ରାମାଣିକ ଚିତ୍ର ପ୍ରଦର୍ଶନ କରାଯାଇଥିଲା । କାର୍ଯ୍ୟକ୍ରମରେ ବ୍ରହ୍ମବରଦା ବିଦ୍ୟୁତ୍ ସେକ୍ସସର ସମସ୍ତ ବିଦ୍ୟୁତ୍ କର୍ମଚାରୀ ଓ ସେମାନଙ୍କ ପରିବାର ଲୋକେ ସଚେତନତା ଶିବିରରେ ଯୋଗ ଦେଇ ନିଜନିଜର ସୁମତାମତ ଦେଇଥିଲେ । ଏସିଓ ଅଭିଜିତ୍ ନାୟକ, ସୁପରଭାଇଜର ଜଗବନ୍ଧୁ ସାହୁ, ବୃଷଭାନୁ ଦାସ, ବିଜୟ କୁମାର ବାରିକ,ଗୌରାଙ୍ଗ ବାରିକ,ଉମାକାନ୍ତ ମହାପାତ୍ର, ଦିପକ ରାଉତ,ଅଜିତ ସାହୁ,ସେକ୍ ବିକ୍ରିଲ,ସନାତନ ମାଝି, ଆନନ୍ଦ ଦାସ, ଶରତ ବାରିକ,ଅମର ମଲ୍ଲିକ,ମୁକ୍ତିକାନ୍ତ ସାହୁ ଓ ଶରତ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଜିତେନ୍ଦ୍ର କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଶୁ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଜିଲ୍ଲା ଟାସ୍କଫୋର୍ସ କମିଟିର ଚଢାଉ

ମାଲକାନଗିରି, ୦୨/୧୨ (ନି.ପ୍ର): ଜିଲ୍ଲା ଟାସ୍କଫୋର୍ସ କମିଟି ଦୁଇ ଦିନ ଧରି ମାଲକାନଗିରି ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ବିଭିନ୍ନ ସଂସ୍ଥାରେ ଅଚାନକ ଚଢ଼ାଉ କରି ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରିଛନ୍ତି । ବିଭିନ୍ନ ନିର୍ମାଣାଧିନ କାର୍ଯ୍ୟରେ ନିୟୋଜିତ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଜିଲ୍ଲାପାଳ ବିଶାଲ ସିଂଙ୍କ ଅଧକ୍ଷତାରେ ଏକ ଟାସ୍କଫୋର୍ସ କମିଟି ଗଠନ କରାଯାଇଛି । ଏହି କମିଟିରେ ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଶିଶୁ ମଙ୍ଗଳ କମିଟି, ଆରକ୍ଷୀ ଅଧିକାରୀ ଓ ଏନଜିଓ ସଂସ୍ଥା ରହିଛନ୍ତି । ଏହି କମିଟି ବିଭିନ୍ନ ପ୍ରକାରର ସଂସ୍ଥା ଯଥା ହୋଟେଲ, ଇଟାଭାଟି, ଫେବ୍ରିକେସନ ସଂସ୍ଥା,ନିର୍ମାଣ କାର୍ଯ୍ୟ, ଏବଂ ଗ୍ୟାରେଜ ଗୁଡ଼ିକୁ ଅଚାନକ ଚଢାଉ କରିଥିଲେ । ଏହି ଚଢାଉ ସମୟରେ ଦୁଇ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ସିଡବ୍ଲୁସିଙ୍କ ପାଖରେ ଉପସ୍ଥାପିତ କରାଯାଇଛି ଏବଂ ପରବର୍ତ୍ତୀ ସମୟରେ ଜିଲ୍ଲାର ଅନ୍ୟ ସ୍ଥାନ ମାନଙ୍କରେ ଅନୁରୂପ ଭାବେ ଅଚାନକ ଚଢ଼ାଉ କରଯାଇଛି । ଏହି ଚଢ଼ାଉରେ ସହକାରୀ ଶ୍ରମ ଅଧିକାରୀ, ପୂର୍ଣ୍ଣିମା ଡୁରୁକା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ନାରାୟଣ ଦାସ, ପରିବର୍ତ୍ତନ ଏନଜିଓର ଫରେଶ ଚନ୍ଦ୍ର ବେହେରା ଏବଂ ପୋଲିସ ବିଭାଗର କର୍ମଚାରୀ, ଗଙ୍ଗା ବଡରାଜୁ ଶବର ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ସାମିଲ ହୋଇଥିଲେ ।

# ଯୁବ ଓଡିଶା ନବୀନ ଓଡିଶା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟନ

ଭବାନୀପାଟଣା , ୦୨/୧୨ (ନି.ପ୍ର): ଆଜି କର୍ଲାପଡା , କଳାହାଣ୍ଡି,ଓଡ଼ିଶା ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ ଯୁବ ଓଡିଶା – ନବୀନ ଓଡିଶା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ନୂଆ ଓ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍ଘାଟନୀ ଉତ୍ସବ ସ୍ଥାନୀୟ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , କର୍ଲାପଡା ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ତଥା ସମ୍ମାନିତ ଅତିଥି ଭାବେ ମଞ୍ଚ ଅଭିନେତା ତଥା ଅଧ୍ୟାପକ ଶୁଭେନ୍ଦୁ କୁମାର ମହାପାତ୍ର ଯୋଗଦାନ କରି ଏହି ଉତ୍ସବକୁ ଉଦଘାଟନ କରିଥିଲେ । ଆଜି ଠାରୁ ୬ଡିସେମ୍ବର ପର୍ଯ୍ୟନ୍ତ ହେବାକୁ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଛାତ୍ରଛାତ୍ରୀ ମାନେ ୧୧ ଟି ପ୍ରତିଯୋଗିତାରେ ଭାଗ ନେବେ । ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କ ଭିତରେ ପ୍ରତିଭାରେ ଅନ୍ୱେଷଣ କରିବାରେ ଏହା ଏକ ସୁଯୋଗ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରିତ କରିବାରେ ସହାୟକ ହେବ ବୋଲି ମତ ବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଶ୍ରୀ ଶୁଭେନ୍ଦୁ କୁମାର ମହାପାତ୍ର ମଧ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ଶୃଙ୍ଖଳିତ ଜୀବନ ଯାପନ କରିବା ପାଇଁ ଉପଦେଶ ପ୍ରଦାନ କରିଥିଲେ । ସଭାରେ ସଭାପତିତ୍ୱ କରିଥିବା ଅନୁଷ୍ଠାନ ର ଅଧକ୍ଷ ଶ୍ରୀ ବିନୋଦ ବିହାରୀ ପଟ୍ଟନାୟକ ଛାତ୍ରଛାତ୍ରୀମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ନିମିତ୍ତ ଏହି କାର୍ଯ୍ୟକ୍ରମ ଏକ ମଞ୍ଚ ପ୍ରଦାନ କରିଛି ବୋଲି ମତବ୍ୟକ୍ତ କରିଛନ୍ତି । ପରିଶେଷରେ ଅନୁଷ୍ଠାନର ଇଂରାଜୀ ପ୍ରାଧ୍ୟାପକ ଡଃ ତପନ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଏହି ଉତ୍ସବର ମଞ୍ଚ ପରିଚାଳନା କରିଥିଲେ ଅନୁଷ୍ଠାନ ର ଗ୍ରନ୍ଥାଗାରିକ କଶ୍ୟପ ପ୍ରଧାନ ।

# କରଦା ହରିହାଟ ମହୋତ୍ସବ ପାଇଁ ପଂଚାୟତର ସହଯୋଗ ଲୋଡିଲା କମିଟି

କୋରେଇ, ୦୨/୧୨ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ କରଦାର ଗଣପର୍ବ ହରିହାଟ ମହୋତ୍ସବ ୨୦୨୪ ପାଇଁ ପଂଚାୟତର ସହଯୋଗ ଲୋଡିଲା ମହୋତ୍ସବ କମିଟି । ମାଘ ସପ୍ତମୀରୁ ଆରମ୍ଭ ହେବାକୁ ଥିବା କରଦା ହରିହାଟ ମେଳାରେ ପ୍ରତିବର୍ଷ ପରି ଚଳିତ ବର୍ଷଁ ମଧ୍ୟ ମହୋତ୍ସବ ଅନୁଷ୍ଠିତ ହେବ । ଏହି ମହୋତ୍ସବକୁ ଚଳିତ ବର୍ଷ ଅଧିକ ସରସ ସୁନ୍ଦର କରିବା ପାଇଁ ମହୋତ୍ସବ କମିଟି ଅଂଟା ଭିଡିଛି । ଚଳିତ ବର୍ଷ ରାଜ୍ୟସ୍ତରୀୟ କଳାପରିଷଦକୁ ସ୍ଥାନ ଦେବା ସହ ସ୍ଥାନୀୟ ଯୁବ ପ୍ରତିଭା ମାନଙ୍କୁ ମଧ୍ୟ ପ୍ରୋତ୍ସାହିତ କରାଯିବ । ସେଥିପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତି ଚୁଡାନ୍ତ ହୋଇଥିବା ବେଳେ ଆଜି କମିଟି ପକ୍ଷରୁ କରଦା ପଂଚାୟତର ସରପଂଚଙ୍କୁ ଭେଟିଛନ୍ତି ମହୋତ୍ସବ କମିଟିର ସଦସ୍ୟ । ଏହାକୁ କିଭି ଅଧିକ ସରସ ସୁନ୍ଦର କରାଯିବା ପାଇଁ ପଂଚାୟତ ଅଧିକ ଗୁରୁତ୍ୱ ଦେବାକୁ ଏକ ଦାବିପତ୍ର ମଧ୍ୟ ଦିଆଯାଇଛି । ସରପଂଚଙ୍କ ପ୍ରତିନିଧି ଗଣେଷ ଚନ୍ଦ୍ର ସାହୁ ଦାବି ପତ୍ର ଗହଣ କରିଛନ୍ତି । ପ୍ରମୋଦ କୁମାର ମହାପାତ୍ର, ବିଶ୍ୱନାଥ ପଣ୍ଡା, ବିଜୟ ବେହେରା, ଶୁସିଲ କୁମାର ବେହେରା, ସଂଜୟ ସାହୁ, ଦୁର୍ଗା ପ୍ରସାଦ ପଣ୍ଡା, କାର୍ତିକ ସ୍ୱାଇଁ, ସଚିଦାନନ୍ଦ ସାହୁ, ବିବେକାନନ୍ଦ ଜେନଧୁରୀ, ଚିନ୍ତାମଣି ସାହୁ, ସରୋଜ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ମଣ୍ଡି ଅବ୍ୟବସ୍ଥାକୁ ବିରୋଧ କରି ଟାଙ୍ଗରକେଲା ସେବା ସମବାୟ ସମିତି କାର୍ଯ୍ୟାଳୟରେ ବିଜେପି ପକ୍ଷରୁ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

ସମ୍ବଲପୁର, ୦୨/୧୨ (ନି.ପ୍ର): ବର୍ତ୍ତମାନ ରାଜ୍ୟରେ ଧାନ ଅମଳ ପରେ ମଣ୍ଡି ମାନଙ୍କରେ ଅବ୍ୟବସ୍ଥା, ଟୋକନ୍ ରେ ଅବ୍ୟବସ୍ଥା, ଧାନରେ କଟନି ଛଟନି, ମିଲର୍ସଙ୍କ ଦାଦାଗିରୀ ଓ ଅଭାବୀ ବିକ୍ରିକୁ ନେଇ ରାଜ୍ୟ ବ୍ୟାପୀ ଚାଷୀମାନେ ଅଭିଯୋଗ କରୁଛନ୍ତି । ଏଭଳି ଅନେକଗୁଡ଼ିଏ ସମସ୍ୟାର ଶୀଘ୍ର ଓ ସ୍ଥାୟୀ ସମାଧାନ ପାଇଁ ବିଜେପି ପକ୍ଷରୁ ରାଜ୍ୟ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଧରଣର ଆନ୍ଦୋଳନରେ ଏହାର ସମାଧାନ ଦାବି କରିଆସୁଛି । ଆଜି ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରେଙ୍ଗାଲି ବ୍ଲକ୍ ଅଧିନସ୍ଥ ଟାଙ୍ଗରକେଲା ସେବା ସମବାୟ ସମିତି କାର୍ଯ୍ୟାଳୟରେ ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏହାର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି । ବିଜେପି ଜିଲ୍ଲା ଉପସଭାପତି ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ଆଜିର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଚନ୍ଦ୍ର ଶେଖର ପଣ୍ଡା, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ସମୀର ରଞ୍ଜନ ବାବୁ ପ୍ରମୁଖ ସରକରଙ୍କ ଧାନକିଣା ଦୁର୍ନୀତି ଓ ଅବ୍ୟବସ୍ଥା ବିରୋଧରେ ତୀବ୍ର ଭର୍ତ୍ସନା କରିଥିଲେ । ସବୁ ବର୍ଷ ସେଇ ସମାନ ସମସ୍ୟା ଲାଗିରହିଛି, ଚାଷୀ ହଇରାଣ ଓ କ୍ଷତିଗ୍ରସ୍ତ ହେଉଛନ୍ତି କିନ୍ତୁ ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁ ନାହିଁ । ସରକାରୀ ଅଧିକାରୀ, ବିଜେଡ଼ି ନେତା ମନ୍ତ୍ରୀ ଓ ମିଲର୍ସଙ୍କ ଅସାଧୁ ମେଂଟ ଓ ମଧୁଚନ୍ଦ୍ରିକା ପାଇଁ ଚାଷୀ ଦୁଃଖ ଭୋଗୁଛନ୍ତି ବୋଲି ପ୍ରତିବାଦକାରୀ ନେତୃବୃନ୍ଦ ଅଭିଯୋଗ କରିଥିଲେ । ଯଦି ସମସ୍ୟା ଗୁଡ଼ିକର ଶୀଘ୍ର ସମାଧାନ ନହୁଏ ତେବେ ଆଗମୀ ଦିନରେ ବିଜେପି ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ଦୁର୍ବାର ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି । ବିକ୍ଷୋଭ ସ୍ଥାନକୁ ଜିଲ୍ଲା ସେବା ସମବାୟ ସମିତି ବିଭାଗ ର ଏ.ଆର୍.ସି.ଏସ୍ ଅଜିତ୍ ବଗର୍ତି ଓ ଏସ.ଏ.ଆର୍.ସି.ଏସ୍ ସୁଶିଲ ମିଶ୍ର ପହଂଚି ବିଜେପି ନେତୃବୃନ୍ଦ ଓ ଆନ୍ଦୋଳନରତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ । ଉପରୋକ୍ତ ଅଧିକାରୀ ଦାବିପତ୍ର ରଖିବା ପରେ ସବୁ ପ୍ରସଙ୍ଗରେ ଅବଗତ କରାଇ ସମସ୍ୟା ଗୁଡ଼ିକର ଶୀଘ୍ର ଓ ସ୍ଥାୟୀ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

# ଓଡିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ସେକ୍ ଆସିଫଉଦ୍ଦିନ୍ ପୁରସ୍କୃତ

କେନ୍ଦ୍ରାପଡ଼ା, ୦୨/୧୨ (ନି.ପ୍ର): କେନ୍ଦ୍ରାପଡାର ପୁଅ ସେକ୍ ଆସିଫଉଦ୍ଦିନ ସମଗ୍ର ଜିଲ୍ଲାରେ ଉର୍ଦ୍ଦୁ ଭାଷାରେ ସର୍ବାଧିକ ନମ୍ବର ହାସଲ କରିଥିବାରୁ ତାଙ୍କୁ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ସମେତ ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ମାନପତ୍ର, ଉପଢୌକନ ସହ ନଗଦ ଅର୍ଥ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି ।ଓଡିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପଠାରେ ସେକ୍ ଆସିଫଉଦ୍ଦିନଙ୍କୁ ଗୁରୁବାର ସମ୍ମାନିତ କରାଯାଇଛି । ଦୀର୍ଘବର୍ଷ ପରେ ରାଜ୍ୟସ୍ତରୀୟ ଉର୍ଦ୍ଦୁ ଏକାଡେମୀ ପାଇଁ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉର୍ଦ୍ଦୁ ଭାଷାର ପ୍ରସାର କ୍ଷେତ୍ରରେ ବିଶେଷ ଅବଦାନ ଥିବା ଖ୍ୟାତନାମା ଲେଖକ, କବି ଓ ସାହିତ୍ୟିକଙ୍କୁ ପ୍ରୋତ୍ସାହନ ଉଦ୍ୟମ ଆରମ୍ଭ ହୋଇଛି । ଏ ନେଇ ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପଠାରେ ଏଭଳି ବ୍ୟକ୍ତି ବିଶେଷଙ୍କୁ ଚୟନ କରାଯାଇ ସମ୍ମାନିତ କରାଯାଇଛି । ସେକ୍ ଆସିଫଉଦ୍ଦିନ କେନ୍ଦ୍ରାପଡା ଟାଉନ ଅଧିନସ୍ଥ ଜୟପୁରା ନିବାସୀ ସେକ୍ ଆସିରଦ୍ଦିନ ଓ ମାତା ଆରଜୁ ବେଗମଙ୍କ ପୁତ୍ର ଅଟନ୍ତି । କେନ୍ଦ୍ରାପଡା ରେସିଡେନ୍‌ସିଆଲ ଗ୍ଲୋବାଲ କଲେଜରେ +୨ ବିଜ୍ଞାନର ଛାତ୍ର ଭାବେ ଆସିଫଉଦ୍ଦିନ କେନ୍ଦ୍ରାପଡା ପାଇଁ ଗୌରବ ଆଣିଥିବାରୁ ସମସ୍ତ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅ ଳରେ ଖୁସି ପ୍ରକାଶ ପାଇଛି ।

## କାର ମାଡ଼ି ଯାଇ ଟ୍ରକ ଡ୍ରାଇଭରର ମୃତ୍ୟୁ

ବସ୍ତା, ୦୩/୧୨ (ନି.ପ୍ର): କାର ଧକ୍କାରେ ୬୦ ନଂ ଜାତୀୟ ରାଜପଥର ନଗ୍ରମ ନିକଟରେ ଜନୈକ କାର ଡ୍ରାଇଭର ର ମର୍ମନ୍ତୁଦ ମୃତ୍ୟୁ ଘଟିଛି । ସୂଚନାରୁ ପ୍ରକାଶ ଯେ ରବିବାର ଭୋର ସମୟରେ ଟ୍ରକ ଛିଡା କରାଇ ଏହାର ଡ୍ରାଇଭର ବାଲେଶ୍ୱରର ରେମୁଣା ଗୋଳେଇରେ ରହୁଥିବା ବିହାର ର ମୁଜାଫରପୁରର ଯୋଗେନ୍ଦ୍ର ରାୟ ଙ୍କ ପୁତ୍ର ସିକନ୍ଦର(ବୟସ ୩୦ ବର୍ଷ) ଓହ୍ଲାଇ ପରିସ୍ରା ଯାଇଥିଲେ ।ପରିସ୍ରା ସାରି ନିଜ ଟ୍ରକ ପାଖକୁ ଆସିବା ବେଳେ ଏକ କାର ତାଙ୍କୁ ଧକ୍କା ଦେଇଥିଲା । ସେଥିରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି । ହଳଦିପଦା ଫାଣ୍ଡି ଅଧିକାରୀ କାର ଟିକୁ ଅଟକ ରଖିବା ସହିତ କେଶ ନଂ ୩୫୫/ ୨୦୨୩ ରେ ଏକ ମାମଲା ରୁଜୁ ତଦନ୍ତ ଜାରି ରଖିଛି । କାର ଚାଳକ ଓ ଖଲାସୀ ଫେରାର ହୋଇଯାଇଛନ୍ତି ।

## ଅଗଣି ନରେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏଡସ ଦିବସ

ଖଇରା, ୦୩/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅନ୍ତରା ଅଗଣି ନରେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସ ଆନୁକୂଲ୍ୟରେ ଶୁକ୍ରବାର ଦିନ ବିଶ୍ୱ ଏଡସ ଦିବସ ପାଳିତ ହୋଇ ଯାଇଛି । ପ୍ରଥମେ ଏକ ସଚେତନତା ରାଲି ଗ୍ରାମ ପରିକ୍ରମା କରିଥିଲା । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ ମହାପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଅଧ୍ୟାପକ ବନମାଳି ଉପାଧ୍ୟାୟ, ଶରତ ଚନ୍ଦ୍ର ମହାରଣା, ଗୋପିନାଥ ପୃଷ୍ଟି ଓ ଦେବାଶିଷ ଧଳ ପ୍ରମୁଖ ନିଜ ବକ୍ତବ୍ୟରେ ଏଡ୍ସ ରୋଗୀକୁ ନୁହେଁ, ରୋଗକୁ ଘୃଣା କରିବାକୁ ପରାମର୍ଶ ଦେଇଥିଲେ । ୟୁଥ ରେଡକ୍ରସ କାଉନସିଲର ଅଧ୍ୟାପକ ଦେବେନ୍ଦ୍ର କୁମାର ପଲେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସ୍ୱେଚ୍ଛାସେବୀ ଓମପ୍ରକାଶ ଦିକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ

ଭଦ୍ରକ, ୦୩/୧୨ (ନି.ପ୍ର): ସାଧାରଣ ପିଲାମାନଙ୍କ ପରି ଦିବ୍ୟାଙ୍ଗ ପିଲାମାନେ ବି ଦେଶର ଭବିଷ୍ୟତ । ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଓ ଦକ୍ଷତା ପ୍ରଦାନ କରିବା ଦିଗରେ ଆମେ ସମସ୍ତ ମିଳିମିଶି କାମ କରିବା ଆବଶ୍ୟକ । ସମସ୍ତ ଦିବ୍ୟାଙ୍ଗ ମାନଙ୍କର ଜୀବନକୁ ସହଜ ଓ ପ୍ରଭାବୀ କରିବା ପାଇଁ ଆମକୁ ଆହୁରି ଆଗକୁ ଯିବାର ଅଛି । ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି ଜିଲ୍ଲା, ରାଜ୍ୟ, ଜାତୀୟ କି ଆନ୍ତର୍ଜାତୀୟ କ୍ଷେତ୍ରରେ ସୁନାମ ଅର୍ଜନ କରୁଥିବା ଦବ୍ୟାଙ୍ଗମାନଙ୍କୁ ଆବଶ୍ୟକ ସହଯୋଗ ପ୍ରଦାନ କ୍ଷେତ୍ରରେ ଜିଲ୍ଲା ପ୍ରଶାସନର ଅକୁଣ୍ଠ ସମର୍ଥନ ରହିଛି । ଦିବ୍ୟାଙ୍ଗ ମାନଙ୍କ ଉନ୍ନତି ପାଇଁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗ ନେଇ ପ୍ରତ୍ୟେକ ଦିବ୍ୟାଙ୍ଗ ନିଜକୁ ସ୍ୱାବଲମ୍ବୀ କରନ୍ତୁ । ଆଜିର ପ୍ରଯୁକ୍ତି ବିଦ୍ୟାରେ ପାରଙ୍ଗମ ହୋଇ ଆଗକୁ ବଢ଼ନ୍ତୁ । ଭଦ୍ରକ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ନିଜର ବକ୍ତବ୍ୟ ପ୍ରସଙ୍ଗରେ ଏହା ପ୍ରକାଶ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଜିଲ୍ଲା ସମଗ୍ର ଶିକ୍ଷା ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ ସଂଯୋଜନା କରି ଦିବ୍ୟାଙ୍ଗମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ଓ ସେମାନଙ୍କ ପାଇଁ ଥିବା ଭତ୍ତା, ବିଭିନ୍ନ ଉପକରଣ ଓ ଅନ୍ୟାନ୍ୟ ସୁବିଧା ବିଷୟରେ ସୂଚନା ପ୍ରଦାନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ବାରିକ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରେମଶ ଚନ୍ଦ୍ର ନାୟକ, ଶିଶୁ ବିଶେଷଜ୍ଞ ଡ଼ା ସନ୍ତୋଷ କୁମାର ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଦବ୍ୟାଙ୍ଗମାନେ ଆତ୍ମନିର୍ଭରଶୀଳ ଓ ସଶକ୍ତ ହେବା ଦିଗରେ ଉତ୍ସାହପ୍ରଦ ବକ୍ତବ୍ୟ ରଖିଥିଲେ । ଶିକ୍ଷକ ଗୌତମ ମହାରଣା ମଞ୍ଚ ପରିଚାଳନା କରିଥିଲେ । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଓ ସମଗ୍ର ଶିକ୍ଷାର ଜିଲ୍ଲା ସଂଯୋଜକ ଜଳଧର ମଣ୍ଡଳ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ କାର୍ଯ୍ୟ ପରିଚାଳନା କରିଥିଲେ । ଜଣେ ଦିବ୍ୟାଙ୍ଗ ଓ ଜଣେ ସ୍ୱାଭାବିକ ବ୍ୟକ୍ତିଙ୍କ ମଧ୍ୟରେ ହୋଇଥିବା ବିବାହ ପାଇଁ ଉଦ୍ଦିଷ୍ଟ ୨ଲକ୍ଷ ୫୦ ହଜାର ଲେଖାଏଁ ଟଙ୍କାର ପ୍ରୋତ୍ସାହନ ରାଶି ୩ହଳ ଦମ୍ପତିଙ୍କୁ ଜିଲ୍ଲାପାଳ ଚେକ୍ ଆକାରରେ ପ୍ରଦାନ କରିଥିଲେ । ଭଦ୍ରକ ବ୍ଲକ୍ ତରଫରୁ ୨ଟି ହ୍ୱିଲ୍ ଚେୟାର ୧ଟି ତିନିଚକିଆ ସାଇକେଲ, ସି.ଆର.ଏସ୍.ଆର୍, ତରଫରୁ ୨ଟି କୃତ୍ରିମ ଅବୟବ, ୪ଟି ଶ୍ରବଣ ଯନ୍ତ୍ର ବଣ୍ଟନ କରାଯାଇଥିଲା । ରାଜ୍ୟ ଓ ଜାତୀୟ ସ୍ତରରେ ଖେଳିଥିବା ହ୍ୱିଲ୍‌ଚେୟାର ଫେନସିଂ ଖେଳାଳୀ ମଧୁସ୍ମିତା ସାହୁ, ସ୍ୱର୍ଣ୍ଣ ପଦକ ବିଜେତା ଆର୍ନ୍ତଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ୍ ଖେଳାଳୀ ଝିଲ୍ଲୀ ବିରୁଆ, ଫ୍ଲୋର ବଲ୍ ଚାମ୍ପିୟନସିପ୍‌ରେ ଜାତୀୟ ପୁରସ୍କାର ପାଇଥିବା ଅଜୟ ସିଂଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଦିବସ ପାଳନ ଉପଲକ୍ଷେ ମ୍ୟୁଜିକ୍ ଚେୟାର, ଆଳୁ ଦୌଡ଼, ପ୍ରବନ୍ଧ, ବକ୍ତୃତା, ଡ୍ରମ୍ ବାଦନ ଓ ବିଭିନ୍ନ କ୍ରୀଡ଼ାରେ ଆୟୋଜିତ ପ୍ରତିଯୋଗିତାର ୧୦୦ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଦିବସ ପାଳନ ଉପଲକ୍ଷେ ସକାଳେ ଜିଲ୍ଲା କାର୍ଯ୍ୟାଳୟ ଠାରୁ ଟାଉନ୍ ହଲ ପର୍ଯ୍ୟନ୍ତ ଅନୁଷ୍ଠିତ ଶୋଭାଯାତ୍ରାକୁ ଉପଜିଲ୍ଲାପାଳ ମନୋଜ ପାତ୍ର ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ । ଏଥିରେ ମୂକ, ବଧିର, ଦୃଷ୍ଟିବାଧିତ ହେଲେନ୍ କେଲେର ବିଦ୍ୟାଳୟ ଲାଙ୍ଗୁଡ଼ି, ଦୃଷ୍ଟି ବାଧିତ ବିଦ୍ୟାଳୟ ଆର୍.ଏନ୍.ବେତଡ଼ା, ମାନସିକ ଅନଗ୍ରସର ବିଦ୍ୟାଳୟ ସାଇସ୍ୱରୂପା, ଗେଲପୁର, ଗୋପାଳପୁର , ବନ୍ତର ମୂକ ବଧିର ବିଦ୍ୟାଳୟ ରଙ୍କନିଧି, ମାନସିକ ଅନଗ୍ରସର ବିଦ୍ୟାଳୟ ଚରମ୍ପାର ସି.ଆର.ଏସ୍.ଆର୍, ପ୍ରମୁଖ ୫ଟି ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ର,ଛାତ୍ରୀ ଶିକ୍ଷାକର୍ମୀମାନେ ଏହି ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିଲେ । ଉକ୍ତ ୫ଟି ସ୍କୁଲକୁ କ୍ରୀଡ଼ା ଉପକରଣ ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟକି ସରକାରୀ ବିଦ୍ୟାଳୟରେ ସମୁଦାୟ ୪,୬୧୬ଜଣ ଏବଂ ସେବରକାରୀ ୫ ବିଦ୍ୟାଳୟରେ ସମୁଦାୟ ୩୧୭ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଅଧ୍ୟୟନ ରତ ଅଛନ୍ତି । ସାଇନୃତ୍ୟ ଆକାଡ଼େମୀର ସଂସ୍କୃତିକ ଦଳ ଓ ବିଭିନ୍ନ ବିଦ୍ୟାଳୟର ଦିବ୍ୟାଙ୍ଗ ପିଲାମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରବେଷଣ କରାଯାଇଥିଲା । ବ୍ଲକ ସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ ଭଦ୍ରକର ଯଶୋଦା ସାହୁ, ବନ୍ତର ପ୍ରକାଶ ସାହୁ, ବାସୁଦେବପୁରର ଅଭରାଞ୍ଜିତା ପୁହାଣ ଏବଂ ବିଭାଗୀୟ କର୍ମଚାରୀ ବିଦୁ ଶଙ୍କର ନାୟକ, ଓମ ଶକ୍ତି ଦାସ, ଚିତ ରଞ୍ଜନ ସିଂ, ଜ୍ଞାନଞ୍ଜୟ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ଆନୁସାଙ୍ଗିକ ସହଯୋଗ କରିଥିଲେ ।

# ବାଲେଶ୍ୱର ଜିଲ୍ଲା ବାରିକ ସମିତିର ଦକ୍ଷତାର ପ୍ରମାଣପତ୍ର ବଣ୍ଟନ ଉତ୍ସବ



ଚାନ୍ଦିପୁର , ୦୩/୧୨ (ନି.ପ୍ର): ଚାନ୍ଦିପୁର ଓ ବଳରାମ ଗଡ଼ି ବାରିକ ଭାଇ ସେବକ ସଙ୍ଘର ସମ୍ପୂର୍ଣ୍ଣ ସହଯୋଗରେ,ଚାନ୍ଦିପୁର ବେଳାଭୂମି ପରିସରରେ, ବାଲେଶ୍ୱର ଜିଲ୍ଲା ବାରିକ ସମିତିର ସ୍ଥାୟୀ ଅଧ୍ୟକ୍ଷ ବିଦ୍ୱାନ୍ ବରିଷ୍ଠ ଆଇନ୍ ଜିବୀ ଶ୍ରୀଯୁକ୍ତ ତମଅରବିନ୍ଦ ବାରିକ ଙ୍କ ସଭାପତିତ୍ୱରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଶାଖାରୁ ଆସିଥିବା ବାରିକ ଜାତିଭାଇ ମାନଙ୍କୁ ନେଇ ଏକ ଉତ୍ସବବନ୍ଧୁମିଳନ ସହିତ କ୍ଷୌରକର୍ମର ଦକ୍ଷତାର ପ୍ରମାଣପତ୍ର ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି ।ମଞ୍ଚାସୀନ ଥିଲେ ଜିଲ୍ଲା ଉପ ସଭାପତି ବରିଷ୍ଠ ସମାଜ ସଂସ୍କାରକ ଆତ୍ମଜ୍ଞାନୀ ଶ୍ରୀଯୁକ୍ତ ପରମାନନ୍ଦ ବାରିକ ମହୋଦୟ, ସମ୍ପାଦକ ଦକ୍ଷ ସଙ୍ଗଠକ ଶ୍ରୀଯୁକ୍ତ ଶୁଭ୍ର ଲୋଚନ ବାରିକ ମହୋଦୟ,ସତ୍ୟନିଷ୍ଠ ଆଦର୍ଶ ସେବକ କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ହରେକୃଷ୍ଣ ବାରିକ ମହୋଦୟ ପ୍ରମୁଖ । ମଞ୍ଚ ପରିଚାଳନା କରିଥିଲେ ମୁଖ୍ୟ ଉପଦେଷ୍ଟା ସତ୍ୟନିଷ୍ଠ ପ୍ରତିଭାବାନ ଆଦର୍ଶ ଶିକ୍ଷକ ଶ୍ରୀଯୁକ୍ତ କୁର୍ତ୍ତିବାସ ଚନ୍ଦ୍ର ବେଜ ମହୋଦୟ । ସର୍ବ ପ୍ରଥମେ ଜାତିଭାଇ ଦିବଙ୍ଗତ ପରେଶ୍ ଚନ୍ଦ୍ର ବାରିକ ଙ୍କ ଅମର ଆତ୍ମାର ବିଶ୍ରାନ୍ତି ପାଇଁ ବିଶ୍ୱ ଆତ୍ମା ଙ୍କ ନିକଟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ବୟୋଜ୍ୟେଷ୍ଠ ଜାତିଭାଇ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ଦୀର୍ଘ ଦିନର ଅଭିଜ୍ଞ କ୍ଷୌରକାର ୩୫ ଜଣଙ୍କୁ ଅଭିଜ୍ଞତାର ପ୍ରମାଣ ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା । ସେବକ ସଙ୍ଘର ସଭାପତି ଶ୍ରୀଯୁକ୍ତ ରବିନ୍ଦ୍ର ବାରିକ,ସମ୍ପାଦକ ଶ୍ରୀଯୁକ୍ତ ଗଣେଷ ବାରିକ,କାର୍ଯ୍ୟକାରୀ ହମ୍ପାଦକ ଶ୍ରୀଯୁକ୍ତ ଅଭିରାମ ବାରିକ,ଶ୍ରୀଯୁକ୍ତ ପ୍ରଶାନ୍ତ ବାରିକ,ଶ୍ରୀଯୁକ୍ତ ସୁଶାନ୍ତ ବାରିକ,ଶ୍ରୀଯୁକ୍ତ ଅକ୍ଷୟ ବାରିକ,ଶ୍ରୀଯୁକ୍ତ ଗଙ୍ଗାଧର ବାରିକ,ଶ୍ରୀଯୁକ୍ତ ନାନ୍ ଟୁ ବାରିକ,ଶ୍ରୀଯୁକ୍ତ ଘନଶ୍ୟାମ ବାରିକ,ଶ୍ରୀଯୁକ୍ତ ଶଙ୍କର ବାରିକ ପ୍ରମୁଖଙ୍କ ସହଯୋଗରେ ସଭାକାର୍ଯ୍ୟ ଟି ସାଫଲ୍ୟ ମଣ୍ଡିତ ହୋଇଥିଲା । ବହୁ ସଂଖ୍ୟା ରେ ଜାତି ଭାଇମାନେ ଯୋଗଦାନ କରିଥିଲେ । ସମାଜର କଲ୍ୟାଣ ପାଇଁ ସଙ୍ଘ ମାଧମରେ ଜାତିଭାଇମାନେ ସେବକ ହିସାବରେ କିପରି ସହଯୋଗ କରି ଆଗେଇ ଚାଲିବେ,ଏହା ଉପରେ ବକ୍ତାମାନେ ନାତିଦୀର୍ଘ ବକ୍ତବ୍ୟ ମାନ ପ୍ରଦାନ କରିଥିଲେ । ଶେଷରେ ସଭାର ଆୟୋଜକ ସଭାପତି ଶ୍ରୀଯୁକ୍ତ ରବିନ୍ଦ୍ର ବାରିକ, ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ପାରାଦୀପ ବନ୍ଦର ପକ୍ଷରୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

ପାରାଦୀପ, ୦୩/୧୨ (ନି.ପ୍ର): ପାରାଦୀପ ବନ୍ଦର ପକ୍ଷରୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପିପିଏ ଆଡମିନିଷ୍ଟ୍ରେଟିଭ୍ ବିଲଡିଂରେ ଆୟୋଜିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବନ୍ଦରର ଅଧକ୍ଷ ଶ୍ରୀ ପିଏଲ ହାରନାଦ ଯୋଗ ଦେଇ ବିଦ୍ୟାଳୟ ପିଲାମାନଙ୍କ ନିଷ୍ପାର ଆତ୍ମାକୁ ଅଭିବାଦନ ଜଣାଇବା ସହ ବିଦ୍ୟାଳୟର ସର୍ବଦଳୀୟ ବିକାଶ ପାଇଁ ପିପିଏ ଏହାର ଆଭିମୁଖ୍ୟ ମଧ୍ୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ ବୋଲି ସୂଚନା ଦେଇଥିଲେ ।ବନ୍ଦର ର ସଚିବ ଡକ୍ଟର ପି ଏନ ବାହେକର, କ୍ୟାପଟ୍ଟେନ ଅଲେଖ ସାହୁ, ଡିସି, ପିପିଏ ର ମଧ ଉପସ୍ଥିତ ଥିଲେ ।ଅଧକ୍ଷ ଶ୍ରୀ ହାରନାଦ ଅମୃତସର ଠାରେ ଅନୁଷ୍ଠିତ ଭାରତୀୟ ଅନ୍ଧ ଏବଂ ପାରା ଜୁଡୋ ଚାମ୍ପିୟନଶିପ୍ ରେ ଅଂଶଗ୍ରହଣ କରିଥିବା ଜାଗ୍ରତ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ଲକ୍ଷ୍ମୀ ସିଂଙ୍କୁ ୨୫,୦୦୦ / - ଆର୍ଥିକ ସହାୟତା ଘୋଷଣା କରିଥିଲେ । ଏହି ଅବସରରେ ଅଧକ୍ଷ ପାରାଦୀପ ବନ୍ଦର ପ୍ରାଧିକରଣର ଭିନ୍ନକ୍ଷମ କର୍ମଚାରୀମାନଙ୍କୁ ମଧ ଉପହାର ବଣ୍ଟନ କରିଥିଲେ ।ଶ୍ରୀମତି ପି ଗିରିଜା ସୁନ୍ଦର, ସଭାପତି, ପାରାଦୀପ ଲେଡିଜ୍ କ୍ଲବ ଜାଗ୍ରୁଟିର ପିଲାମାନଙ୍କୁ ସ୍କୁଲ କିଟ୍ ପ୍ରଦାନ କରିଥିଲେ । ପାରାଦୀପ ଲେଡିଜ୍ କ୍ଲବ ବିଦ୍ୟାଳୟକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲା ।




# ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ବିକାଶ ତୀର୍ଥ ସଂକଳ୍ପ ଯାତ୍ରା ପାଇଁ ରେମୁଣା ବିଜେପିର ପ୍ରସ୍ତୁତି ବୈଠକ




ବାଲେଶ୍ୱର, ୦୩/୧୨ (ନି.ପ୍ର): ରବିବାର ଦିବା ୧୧ଘ ସମୟରେ ରେମୁଣା ନିର୍ବାଚନ ମଣ୍ଡଳୀ ରେ ରୟାଲକୁଇନ କଲ୍ୟାଣ ମଣ୍ଡପ ଠାରେ ମୋଦି ଜୀଙ୍କ ଗ୍ୟାରେଣ୍ଟି ଆମର ସଂକଳ୍ପ ବିକଶିତ ରାଷ୍ଟ୍ର ଭାରତ, ବିକାଶ ତୀର୍ଥ ସଂକଳ୍ପ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ରେମୁଣା ର ନେତା, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଙ୍କ ନେତୃତ୍ୱରେ ହୋଇଯାଇଛି । ଉକ୍ତ ବୈଠକ ରେ ନିର୍ବାଚନ ମଣ୍ଡଳୀର ସମସ୍ତ ମଣ୍ଡଳ ସଭାପତି, ରେମୁଣା ର କୋର କମିଟି ର ସଦସ୍ୟ ଗଣ, ପ୍ରତ୍ୟେକ ପଞ୍ଚାୟତ ର ପ୍ରମୁଖ /ସହ ପ୍ରମୁଖ, ପ୍ରଭାରୀ, ମଣ୍ଡଳ ର ୧୬ ଜଣିଆ କମିଟି ସଦସ୍ୟ/ ସଦସ୍ୟା, ସମସ୍ତ ମୋର୍ଚ୍ଚା ସଭାପତି, ଜିଲ୍ଲା ଓ ରାଜ୍ୟ ର ପଦାଧିକାରୀ ଇତ୍ୟାଦି ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମ କୁ ବାଘାଯତିନ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସାହା ମଞ୍ଚଆହ୍ୱାନ, ଅତିଥି ପରିଚୟ ଓ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଉମାକାନ୍ତ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ପର୍ଶୁରାମ ପରିଡ଼ା, ନିର୍ବାଚନ ମଣ୍ଡଳୀ ନେତା ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶ୍ରୀମେତୀ ଶୋଭନା ମାହାନ୍ତି ଇତ୍ୟାଦି ଅବିଭାଷଣ ରଖିଥିଲେ । ମୋଦି ଜୀଙ୍କ ବିକାଶତୀର୍ଥ ରଥ ୧.୧୨.୨୦୨୩ ରିଖରେ ବାଲେଶ୍ୱର ଜିଲ୍ଲାପାଳ ଓ ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆନୁଷ୍ଠନିକ ଭାବେ ଉଦଘାଟନ କରିଥିଲେ । ଏହାପରେ ଉକ୍ତ ରଥ ପ୍ରତ୍ୟେକ ପଞ୍ଚାୟତ ରେ ପହଂଚିବ । ଏବଂ ସଂଚାଳନ କମିଟି ମାଧମ ରେ ଘରକୁ ଘର କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଭାର୍ଥୀ ମାନଙ୍କର ସୁଚି କରିବା ଓ ବଞ୍ଚିତ ମାନଂକୁ ଚିନ୍ହଟ କରି ରାଜ୍ୟ ଓ ଜିଲ୍ଲା କୁ ପଠାଇବା ଇତ୍ୟାଦି କାର୍ଯ୍ୟ କୁ ତ୍ୱରାଣୀତ୍ୱ କରିବା କୁ ଉପସ୍ଥିତ କାର୍ଯ୍ୟକର୍ତ୍ତା ଙ୍କୁ ବୁଝାଇଥିଲେ । ଶେଷରେ ବରିଷ୍ଟ କାର୍ଯ୍ୟକର୍ତ୍ତା ଶ୍ରୀ ଯୁକ୍ତ କାର୍ତ୍ତିକ ଚନ୍ଦ୍ର ଗିରି ସମସ୍ତ ଙ୍କୁ ଧନ୍ୟବାଦ ଦେଇ ସଭାକାର୍ଯ୍ୟ ସାଙ୍ଗ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ କୁ ନିତୁନ କୁମାର ସାହା, ସୁବୋଧ ଚନ୍ଦ୍ର ପଣ୍ଡା, ନାରାୟଣ ମହନ୍ତ, ଉମାକାନ୍ତ ଜେନା ଇତ୍ୟାଦି ପରିଚାଳନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଜାରି ରହିବ ଆଦର୍ଶଗତ...

ଗରିଷ୍ଠତା ହାସଲ ପାଇଁ ସେ ତେଲେଙ୍ଗାନାବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି । ପରାଜୟ ସ୍ୱୀକାର କରିଥିବା ରାଜ୍ୟଗୁଡିକରେ କଂଗ୍ରେସକୁ ଭୋଟ ଦେଇଥିବା ଜନତାଙ୍କୁ ମଧ ଧନ୍ୟବାଦ ଦେଇଛନ୍ତି ଖଡ଼ଗେ । ଖଡ଼ଗେ ଏକ୍ସରେ ଲେଖିଛନ୍ତି "ଭାରତୀୟ ଜାତୀୟ କଂଗ୍ରେସ ଉପରେ ବିଶ୍ୱାସ ଓ ଭରସା ଦେଖାଇଥିବାରୁ ମୁଁ ତେଲେଙ୍ଗାନାର ଭୋଟରଙ୍କୁ ଧନ୍ୟବାଦ ଜଣାଉଛି । ଛତିଶଗଡ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ଯେଉଁମାନେ ଆମକୁ ଭୋଟ୍ ଦେଇଛନ୍ତି ମୁଁ ସେମାନଙ୍କୁ ମଧ ଧନ୍ୟବାଦ ଦେଉଛି । ଏହି ନିର୍ବାଚନ ଫଳାଫଳ ଆମର ଆଶା ଅନୁଯାୟୀ ହୋଇନାହିଁ, କିନ୍ତୁ ଆମେ ନିଶ୍ଚିତ ଯେ କଠିନ ପରିଶ୍ରମ ଏବଂ ନିଷ୍ଠା ସହ ଆମେ ଅଧିକ ଶକ୍ତିଶାଳୀ ହୋଇ ଫେରିବୁ ।" କଂଗ୍ରେସ ପାର୍ଟି ଏହି ୪ଟି ରାଜ୍ୟର ନିର୍ବାଚନରେ ସମ୍ପୂର୍ଣ୍ଣ ଶକ୍ତି ସହ ଭାଗ ନେଇଥିଲା । ମୁଁ ଆମର ଅଗଣିତ ଶ୍ରମିକଙ୍କୁ କୃତଜ୍ଞତା ଜଣାଉଛି । ଏହି ପରାଜୟ ଦ୍ୱାରା ନିରାଶ ନହୋଇ, ଆମେ ଓଘଓଓଇ ଦଳଗୁଡ଼ିକ ସହ ମିଶି ଦୁଇଗଣା ଉତ୍ସାହର ସହ ଲୋକସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ ପଡ଼ିବ । ସୂଚନା ଥାଉକି ରବିବାର ୪ ରାଜ୍ୟର ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି । ସେଥିମଧ୍ୟରୁ ହିନ୍ଦୀଭାଷୀ ରାଜ୍ୟ- ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ବିଜେପି ସଂଖ୍ୟାଗରିଷ୍ଠତା ହାସଲ କରିଛି । ଖୁବ୍ ? ଶୀଘ୍ର ଗେରୁଆ ଦଳ ଏହି ରାଜ୍ୟଗୁଡ଼ିକରେ ସରକାର ଗଠନ କରିବ । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ତେବେ ଦକ୍ଷିଣ ରାଜ୍ୟରେ କିନ୍ତୁ କଂଗ୍ରେସ ସଫଳତାକୁ କାଟି ପାରୁ ନାହିଁ ବିଜେପି । ତେଲେଙ୍ଗାନାରେ ବିଜେପିକୁ ମାତ୍ର ୮ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବା ବେଳେ କଂଗ୍ରେସ ଏଠାରେ ମ୍ୟାଜିକ ନମ୍ବର ୬୦ ଅତିକ୍ରମ କରି ୬୪ ଆସନରେ ଆଗୁଆ ରହିଛି ।

## ତିନି ରାଜ୍ୟରେ...

ବିଜେପି ୧୦ରୁ କମ ଆସନ ଜିତିଥିଲେ ମଧ ପ୍ରଧାନମନ୍ତ୍ରୀ ମୋଦି ସେଠାକାର ଲୋକଙ୍କୁ ମଧ ଧନ୍ୟବାଦ ଜଣାଇଛନ୍ତି । ତେଲେଙ୍ଗାନା କଂଗ୍ରେସରେ ଉତ୍ସବ । ବାଜା ବଜାଇ, ବାଣ ଫୁଟାଇ ବିଜୟ ଉତ୍ସବ ମନାଉଛନ୍ତି ତେଲେଙ୍ଗାନା କଂଗ୍ରେସର ଦଳୀୟ ନେତା ଓ କର୍ମୀ । ତେଲେଙ୍ଗାନାର ରାଜଧାନୀ ହାଇଦ୍ରାବାଦଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ରାସ୍ତାକୁ ବାହାରି ଖୁସି ମନାଉଛନ୍ତି କଂଗ୍ରେସ କର୍ମୀ । ହାଇଦ୍ରାବାଦରୁ ଆସୁଥିବା ଦୃଶ୍ୟ କହୁଛି, ଦୀର୍ଘ ୧୦ବର୍ଷ ହେଲାଣି ଏହି ଦିନକୁ ଯେମିତି ଅପେକ୍ଷା କରି ରହିଥିଲେ ତେଲେଙ୍ଗାନାର କଂଗ୍ରେସ ନେତା ଓ କର୍ମୀ । ଆଉ ଯେତେବେଳେ ଜନାଦେଶ କଂଗ୍ରେସ ସପକ୍ଷରେ ଯାଇଛି, ବହୁମତ ପାଇ ସରକାର ଗଢ଼ିବା ଏକ ପ୍ରକାର ସ୍ପଷ୍ଟ ହୋଇଛି, ସେହି ସମୟକୁ କେହି ହାତ ଛଡା କରିନାହାନ୍ତି । ୨୦୧୩ରେ ତେଲେଙ୍ଗାନା ସ୍ୱତନ୍ତ୍ର ରାଜ୍ୟ ଗଠନ ହେବା ପରଠାରୁ ପ୍ରଥମ ଥର ପାଇଁ କଂଗ୍ରେସଦଳ ବିଜୟୀ ହୋଇଥିବାରୁ ସବୁଠି ଜୋଶ୍ । ତେଲେଙ୍ଗାନାରେ ସ୍ପଷ୍ଟ ବହୁମତ ମିଳିବା ପରେ ହାଇଦ୍ରାବାଦରେ ପହଁଚିଛନ୍ତି କଂଗ୍ରେସରେ ହେଭିୱେଟ୍ । ଆଉ ଆଗାମି ପଦକ୍ଷେପ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ନିର୍ବାଚିତ ବିଧାୟକମାନଙ୍କୁ ଏକାଠି ରଖିବାକୁ ଯୋଜନା କରାଯାଇଥିବା ସୂଚନା ମିଳିଛି । ଗୋଟିଏ ପଟେ କଂଗ୍ରେସ କାର୍ଯ୍ୟାଳୟରେ ଉତ୍ସବ ଲାଗି ରହିଥିବାବେଳେ ଆଉ ଗୋଟିଏ ପଟେ ଖାଁ ଖାଁ ହୋଇଯାଇଛି ବିଆରଏସ କାର୍ଯ୍ୟାଳୟ । ସକାଳ ପର୍ଯ୍ୟନ୍ତ ଯେଉଁ କାର୍ଯ୍ୟାଳୟରେ ନେତା ଓ କର୍ମୀଙ୍କ ଭିଡ ଲାଗିଥିଲା, ଏବେ ସେଠି କାହାର ଦେଖା ନାହିଁ । ସବୁବେଳେ ଗହଳି ରହୁଥିବା ବିଆରଏସ କାର୍ଯ୍ୟାଳୟର ଏହି ଦୃଶ୍ୟ କହୁଛି, କେସିଆରଙ୍କ ଦଳ, ଦଳର ନେତା ଓ କର୍ମୀଙ୍କ କେତେ ବଡ ଝଟକା ଲାଗିଛି । ରାଜସ୍ଥାନ ଓ ଛତିଶଗଡ କଂଗ୍ରେସ ହାତରୁ ଖସି ଯାଇଥିଲେ ବି ତେଲେଙ୍ଗାନା କଂଗ୍ରେସ ପାଇଁ ନୂଆ ସମ୍ଭାବନା ଆଣିଛି । ଦଳ ପୁଣି ଥରେ ପ୍ରତ୍ୟାବର୍ତନ କରିପାରିବ ବୋଲି ସଂକେତ ଦେଇଛି । ରାଜସ୍ଥାନରେ ବିଜେପି ସରକାର ଗଠନ କରିବାକୁ ଯାଉଛି । କଂଗ୍ରେସକୁ ଗାଦିଚ୍ୟୁତ କରି ବିଜେପି ଦମଦାର ଢଙ୍ଗରେ କ୍ଷମତା ଦଖଲ କରିଛି । ରାଜସ୍ଥାନର ୧୯୯ ବିଧାନସଭା ଆସନରୁ ବିଜେପି ୧୧୬ଟିରେ ଜିତିଥିବା ବେଳେ କଂଗ୍ରେସ ୬୮ ଓ ଅନ୍ୟାନ୍ୟ ଦଳ ୧୫ଟି ଆସନ କବଜ କରିଛନ୍ତି । କଂଗ୍ରେସ ଶୋଚନୀୟ ଭାବେ ପରାସ୍ତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ନିଜ ପଦରୁ ଇସ୍ତଫା ଦେଇଛନ୍ତି । କଂଗ୍ରେସ ହାରିବା ସୁନିଶ୍ଚି ହୋଇଯିବାରୁ ମୁଖ୍ୟମନ୍ତ୍ରୀ ଗେହଲଟ ଆଜି ସନ୍ଧ୍ୟାରେ ରାଜଭବନରେ ପହଞ୍ଚିଥିଲେ । ଏହାପରେ ସେ ରାଜ୍ୟପାଳ କଲରାଜ ମିଶ୍ରାଙ୍କୁ ସାକ୍ଷାତ କରି ନିଜର ଇସ୍ତଫାପତ୍ର ହସ୍ତାନ୍ତର କରିଛନ୍ତି । ଏହାର ଭିଡିଓ ଓ ଫଟୋ ମଧ ସାମ୍ନାକୁ ଆସିଛି । କଂଗ୍ରେସ ରାଜସ୍ଥାନରେ ହାରିଥିଲେ ମଧ ଗେହଲଟ ତାଙ୍କ ପାରମ୍ପରିକ ଆସନ ସରଦାରପୁରରୁ ଜିତିଛନ୍ତି । ଏହାକୁ ମିଶାଇ ୯ମ ଥର ପାଇଁ ଗେହଲଟ ଉକ୍ତ ଆସନରୁ ଜିତିବାର ରେକର୍ଡ କରିଛନ୍ତି । ଗେହଲଟ ୨୬,୩୯୬ ଭୋଟରେ ବିଜେପିର ପ୍ରଫେସର ମହେନ୍ଦ୍ର ରାଠୋରଙ୍କୁ ପରାସ୍ତ କରିଛନ୍ତି । ମହେନ୍ଦ୍ର ରାଠୋରଙ୍କୁ ୬୮,୫୨୧ ଭୋଟ୍ ମିଳିଥିବା ବେଳେ ଅଶୋକ ଗେହଲଟଙ୍କୁ ୯୫ ହଜାର ୪୦୯ଟି ଭୋଟ ମିଳିଛି । ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ୧୯୯୯, ୨୦୦୩, ୨୦୦୮, ୨୦୧୩, ୨୦୧୮ରେ ଲଗାତର ସରଦାରପୁର ଆସନରେ ନିର୍ବାଚନ ଲଢ଼ି ବିଜୟ ହୋଇଛନ୍ତି । କଂଗ୍ରେସ ତେଲେଙ୍ଗାନାରେ ସରକାର ଗଠନ କରିବାକୁ ଯାଉଥିବାରୁ କେସିଆର ନିଜର ପରାଜୟ ସ୍ୱୀକାର କରିଛନ୍ତି । ଏଥିପାଇଁ ସେ ଜଣେ ଅଧିକାରୀଙ୍କ ଜରିଆରେ ନିଜର ଇସ୍ତଫାପତ୍ର ରାଜଭବନକୁ ପଠାଇ ଦେଇଛନ୍ତି । ତେଲେଙ୍ଗାନାରେ କଂଗ୍ରେସର ବିପୁଳ ବିଜୟ ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି କେ ଚନ୍ଦ୍ରଶେଖର ରାଓ ବା କେସିଆର । ସେ ନିଜର ଇସ୍ତଫାପତ୍ର ରାଜ୍ୟପାଳ ତାମିଲିସାଇ ସୌନ୍ଦରାଜନଙ୍କ ପାଖକୁ ପଠାଇ ଦେଇଛନ୍ତି । ୨୦୧୪ରୁ କେସିଆର ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ଭାବେ କାମ କରି ଆସୁଥିଲେ । ଏଥର ସେ ହ୍ୟାଟ୍ରିକ ବିଜୟର ଲକ୍ଷ୍ୟ ରଖିଥିଲେ । କିନ୍ତୁ କଂଗ୍ରେସ ତାଙ୍କର ସବୁ ଆଶାରେ ପାଣି ପକାଇ ଦେଇଛି । କଂଗ୍ରେସ ତେଲେଙ୍ଗାନାରେ ସରକାର ଗଠନ କରିବାକୁ ଯାଉଥିବାରୁ କେସିଆର ନିଜର ପରାଜୟ ସ୍ୱୀକାର କରିଛନ୍ତି । ଏଥିପାଇଁ ସେ ଜଣେ ଅଧିକାରୀଙ୍କ ଜରିଆରେ ନିଜର ଇସ୍ତଫାପତ୍ର ରାଜଭବନକୁ ପଠାଇ ଦେଇଛନ୍ତି । ଆଜି ସକାଳୁ କେସିଆର ତାଙ୍କ ସରକାରୀ ବାସଭବନ ପ୍ରଗତି ଭବନରେ ରହିଥିଲେ । ଲାଗୁଥିଲା ସେ ଏହି ସ୍ଥାନରୁ ରାଜଭବନ ଯିବେ ଓ ନିଜର ଇସ୍ତଫାପତ୍ର ରାଜ୍ୟପାଳଙ୍କୁ ଦେବେ । ସେ ଗୁପ୍ତ ଭାବେ ନିଜର କିଛି ସମର୍ଥକଙ୍କ ସହ ଦୁଇଟି ଗାଡ଼ିରେ ସରକାରୀ ବାସଭବନରୁ ବାହାରି ଯାଇଥିଲେ । କିନ୍ତୁ ରାଜଭବନରେ ପହଞ୍ଚି ନଥିଲେ । ଏବେ ଜଣାପଡ଼ିଛି ଯେ ସେ ତାଙ୍କ ଇସ୍ତଫାତ୍ର ରାଜ୍ୟପାଳଙ୍କ ନିକଟକୁ ପଠାଇ ଦେଇଛନ୍ତି । ସରକାରୀ ବାସଭବନ ଛାଡ଼ି କେସିଆର ଏବେ ମେଡକ ଜିଲ୍ଲାର ଇରାଭାଲ୍ଲି ଗାଁରେ ନିଜ ଫାର୍ମ ହାଉସକୁ ଚାଲି ଯାଇଛନ୍ତି । ସବୁଠାରୁ ଗୁରୁତ୍ୱପୂଣତର୍ଣ କଥା ହେଲା, କେସିଆର କାହାକୁ କୌଣସି ସୂଚନା ନ ଦେଇ ବିନା ସୁରକ୍ଷା କନଭୟରେ ଫାର୍ମ ହାଉସକୁ ଚାଲିଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ଘନଘନ ପ୍ରଚାର । ମାଳ ମାଳ ରୋଡ୍ ଶୋ' । ମୈଦାନକୁ ଓହ୍ଲାଇଥିଲେ ହେଭିୱେଟ୍ ନେତା । ଏସବୁ ପରେ ବି ଖାତା ଖୋଲିପାରିନି ଆମ୍ ଆଦ୍‌ମୀ ପାର୍ଟି । ୪ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ଭିତରେ ଉଭେଇ ଯାଇଛି ଅରବିନ୍ଦ କେଜ୍ରିୱାଲଙ୍କ ଦଳ । ମଧ୍ୟପ୍ରଦେଶ, ଛତିଶଗଡ଼, ଓ ରାଜସ୍ଥାନରେ ବିଜେପି ଜଲୱା ଦେଖାଉଥିବା ବେଳେ ତେଲେଙ୍ଗାନାକୁ କଂଗ୍ରେସ କବ୍‌ଜା କରିଛି । ଏସବୁ ଭିତରେ ଆମ୍ ଆଦମୀ ପାର୍ଟିକୁ ଲାଗିଛି ବଡ଼ ଝଟ୍‌କା । ଦିଲ୍ଲୀ ଓ ପଞ୍ଜାବରେ ଶାସନ କରୁଥିବା ଆମ୍ ଆଦ୍‌ମୀ ପାର୍ଟି ୪ ରାଜ୍ୟର ଗୋଟିଏ ବି ଆସନରେ ନିଜର ଖାତା ଖୋଲିପାରି ନାହିଁ । ହିନ୍ଦୀ ବେଲ୍ଟରେ ଆପ୍ ନିଜ ସ୍ଥିତିକୁ ଦୃଢ଼ କରିବା ପାଇଁ ୨୦୦ରୁ ବି ଅଧିକ ଆସନରେ ନିଜର ପ୍ରାର୍ଥୀ ଦେଇଥିଲା । ମଧ୍ୟପ୍ରଦେଶରେ ଆପ୍ ୭୦ରୁ ଅଧିକ ଆସନରେ ନିର୍ବାଚନ ଲଢ଼ିଥିଲା । ସେହିପରି ରାଜସ୍ଥାନରେ ୮୮, ଛତିଶଗଡ଼ରେ ୫୭ଟି ଆସନରେ ଆପ୍ ତା'ର ପ୍ରାର୍ଥୀଙ୍କୁ ମୈଦାନକୁ ଓହ୍ଲାଇଥିଲା । ଆପ୍ ସୁପ୍ରିମୋ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ଖୋଦ୍ ଏସବୁ ରାଜ୍ୟରେ ରାଲି କରିଥିଲେ । ମାଗଣା ବିଦ୍ୟୁତ୍, ପାଣି ଓ ଶିକ୍ଷା ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏସବୁ ପରେ ବି ଆପ୍‌କୁ କୌଣସି ଫାଇଦା ମିଳିନାହିଁ । ୨୦୦ ଆସନରୁ ଗୋଟିଏ ବି ଆସନରେ କେହି ବି ଆପ୍ ପ୍ରାର୍ଥୀ ବିଜୟୀ ହୋଇପାରି ନାହାଁନ୍ତି । ଅନେକ ପ୍ରାର୍ଥୀଙ୍କ ଜାମିନ ମଧ ରଦ୍ଦ ହେଇଯାଇଛି । ସିଙ୍ଗରୋଲିର ମେୟର ଓ ଆପ୍ ପ୍ରାର୍ଥୀ ରାଣୀ ଅଗ୍ରୱାଲ ମଧ ନିର୍ବାଚନ ହାରିଥିବା ଜଣାପଡିଛି । ଏପରିକି ମଧ୍ୟପ୍ରଦେଶରେ ଟିଭି ଅଭିନେତ୍ରୀ ଚାହତ ପାଣ୍ଡେଙ୍କ ଜାଦୁ ମଧ ଫେଲ୍ ମାରିଛି । ତାଙ୍କୁ କେବଳ ୪୬୨୯ଟି ଭୋଟ୍ ମିଳିଛି । ଚାହତ ପାଣ୍ଡେ ଚଳିତ ବର୍ଷ ଜୁନ ମାସରେ ରାଜନୀତିରେ ପ୍ରବେଶ କରିଥିଲେ । ନିର୍ବାଚନ ଆୟୋଗଙ୍କ ସୂଚନା ମୁତାବକ, ଆମ୍ ଆଦମୀ ପାର୍ଟିକୁ ଛତିଶଗଡରେ କେବଳ ୦.୯୭ ପ୍ରତିଶତ, ମଧ୍ୟପ୍ରଦେଶରେ ୦.୪୨ ପ୍ରତିଶତ ଏବଂ ରାଜସ୍ଥାନରେ ୦.୩୭ ପ୍ରତିଶତ ଭୋଟ୍ ମିଳିଛି । ତେବେ ତେଲେଙ୍ଗାନାରେ ଆମ୍ ଆଦମୀର ପାର୍ଟି କୌଣସି ପ୍ରାର୍ଥୀ ନିର୍ବାଚନ ଲଢ଼ି ନାହାନ୍ତି ।

## ସୃଷ୍ଟି ହେଲା ବାତ୍ୟା...

ମଧ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ଶନିବାର ରାତି ପାଇଁ ତାମିଲନାଡୁ ଓ ପୁଡୁଚେରୀକୁ ସତର୍କ ସୂଚନା ଜାରି କରାଯାଇଛି । ବର୍ଷା ସ ଘଡ଼ଘଡ଼ି ହୋଇପାରେ । ବାତ୍ୟା ପ୍ରଭାବରେ ଉପକୂଳ ଆନ୍ଧ୍ର ପ୍ରଦେଶରେ ଆଜି ଦକ୍ଷିଣ ଉପକୂଳ ଆନ୍ଧ୍ର ପ୍ରଦେଶରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ସୋମବାର ଓ ମଙ୍ଗଳବାର ମଧ ଉପକୂଳ ଆନ୍ଧ୍ର ପ୍ରଦେଶର କିଛି ସ୍ଥାନ ଏବଂ ୟାନାମ ଠାରେ ଅତିରୁ ଅତି ପ୍ରବଳ ବର୍ଷାର ଆଶଙ୍କା ରହିଛି । ଡିସେମ୍ବର ୬ରେ ମଧ ରାଜ୍ୟର କିଛି ସ୍ଥାନରେ ବର୍ଷା ହୋଇପାରେ । ରୟାଲସୀମା ରିଜନରେ ରବିବାର ଓ ସୋମବାର ସ୍ୱଳ୍ପରୁ ମଧମ ଧରଣର ବର୍ଷାର ସମ୍ଭାବନା ରହିଛି । ବାତ୍ୟା ପ୍ରଭାବରେ ତାମିଲନାଡୁରେ ହାଇଆଲର୍ଟରେ ଜାରି କରାଯାଇଛି । ବାତ୍ୟା ମାଇଚୌଙ୍ଗ ଉପକୂଳବର୍ତ୍ତୀ ଜିଲ୍ଲାରେ ଲ୍ୟାଣ୍ଡଫଲ କରିପାରେ । ଏଥିପାଇଁ ସମସ୍ତ ସରକାରୀ ଅଧିକାରୀ ଓ ପୁଲିସ୍ କର୍ମଚାରୀଙ୍କୁ ହାଇଆଲର୍ଟରେ ରଖାଯାଇଛି । ତାମିଲନାଡୁ, ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଓ ପୁଡୁଚେରୀ ପାଇଁ ଏନଡିଆରଏଫର ୧୮ଟି ଷ୍ଟାଣ୍ଡବାଇରେ ରହିଛନ୍ତି । ସେହିପରି ଆଉ ୧୦ଟି ଟିମ ମଧ ବ୍ୟାକଅପରେ ଅଛନ୍ତି । ସୋମବାର ବର୍ଷା ଓ ପବନକୁ ଦୃଷ୍ଟିରେ ରଖି ଚେନ୍ନାଇ, କାଞ୍ଚିପୁରମ, ଚେଙ୍ଗାଲପେଟ ଓ ଥିରୁଭାଲ୍ଲୁର ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ଛୁଟି ଘୋଷଣା କରାଯାଇଛି । ସୋମବାର ମାଡ୍ରାସ ଓ ଆନ୍ନା ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ହୋଇଛି ।

## ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷା...

ଏହା ପରେ ଛାତ୍ରଛାତ୍ରୀମାନେ ଅପେକ୍ଷା କରିଥିଲେ । ପରୀକ୍ଷାର ଦୁଇଟି ସିଫ୍ଟରେ ସମାନ ପ୍ରଶ୍ନ ପଡ଼ିଥିବା ଖବର ପ୍ରଘଟ ହେବା ପରେ ଗେଟ୍ ବାହାରେ ଥିବା ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଅଭିଭାବକମାନେ ହୋହଲ୍ଲା କରିଥିଲେ । ପରିସ୍ଥିତି ଅଣାୟତ୍ତ ହେବାରୁ ସ୍କୁଲରେ କୋରେଇ ବିଡିଓ ଓ ପାଣିକୋଇଲି ଥାନା ପୁଲିସ ପହଞ୍ଚି ଅଭିଭାବକଙ୍କୁ ବୁଝାସୁଝା କରିଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଖଇରାରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଦିବସ ଅନୁଷ୍ଠିତ

ଖଇରା, ୦୩/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇ ଯାଇଛି । ବିଆର୍‌ଟି ମନୋଜ କୁମାର ମହାପାତ୍ର ଓ ଭାଗିରଥି ନାୟକ ଏବଂ ଏବିଓ ପାର୍ବତୀ ପଣ୍ଡା ପ୍ରଦୀପ ପ୍ରଜ୍ୱଳନ ପୁର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପ୍ରଥମେ ବିଭିନ୍ନ ସ୍କୁଲର ଶିକ୍ଷୟତ୍ରୀ ଶିକ୍ଷକ,ସିଆରସିସିଙ୍କ ସହଯୋଗରେ ଛାତ୍ରୀଛାତ୍ରଙ୍କର ଏକ ଶୋଭାଯାତ୍ରା ଖଇରା ବଜାର ପରିକ୍ରମା କରିଥିଲା । ପରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମ୍ୟୁଜିକ ଚେୟାର,ଆଳୁଚାମଚ ଦୌଡ,ଚିତ୍ରାଙ୍କନ,ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପୁରଷ୍କାର ବିତରଣୀ ସଭାରେ ପ୍ରାକ୍ତନ ବିଇଓ ସୁଦର୍ଶନ ରାଉତ ମୁଖ୍ୟ ଅତିଥି,ପ୍ରାକ୍ତନ ଏବିଇଓ ଶ୍ରୀଧର ବେହେରା,ବର୍ତ୍ତମାନର ଏବିଇଓ ହେମନ୍ତ କୁମାର ମିଶ୍ର,ଶିକ୍ଷକ ନେତା ବିଷ୍ଣୁ ପ୍ରସାଦ ମିଶ୍ର,ବିଜୟ ଦ୍ୱିବେଦୀ,ଲମ୍ବୋଦର ଦାସ,ଶଙ୍କର୍ଷଣ ଜେନା,ତପନ ତ୍ରିପାଠୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ବିଇଓ କାର୍ଯ୍ୟାଳୟର କର୍ମଚାରୀ ଖୁକନ ସେଠୀ,ବିଦ୍ୟାଧର ଦାସ,ସୁଶାନ୍ତ ନାୟକ,ଦେବାଶିଷ ରାଉତ,ଅଶୋକ ମହାନ୍ତି,କମଳାକାନ୍ତ ଶିଅଳ,ସମ୍ଭୁନାଥ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ ।



## ଲୋକଙ୍କ ମନରେ କେବଳ ମୋଦି: ଅମିତ ଶାହ

ନୂଆଦିଲ୍ଲୀ, ୦୩/୧୨ (ନି.ପ୍ର): ତିନୋଟି ରାଜ୍ୟ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡରେ ବିଜେପିର ବିପୁଳ ବିଜୟ ପରେ ଖୁସି ବ୍ୟକ୍ତ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ରବିବାର ସୋସିଆଲ ମିଡିଆ ଏକ୍ସରେ ଅମିତ ଶାହ କହିଛନ୍ତି ଯେ, ନିର୍ବାଚନର ରେଜଲ୍ଟ ଏହା ସାବ୍ୟସ୍ତ କରିଛି ଯେ, ତୁଷ୍ଟିକରଣ ଓ ଜାତି ବଣ୍ଟନ ରାଜନୀତିର ଦିନ ଶେଷ ହୋଇସାରିଛି । ନୂଆ ଭାରତ ପଲିଟିକ୍ସ ଅଫ ପରଫରମାନ୍ସ ଉପରେ ଭୋଟ ଦେଇଥାଏ । ଏହି ବିପୁଳ ସମର୍ଥନ ପାଇଁ ମଧ୍ୟପ୍ରଦେଶ, ଛତିଶଗଡ ଓ ରାଜସ୍ଥାନବାସୀଙ୍କୁ ପ୍ରଣାମ ଜଣାଉଛି । ବିଜେପିର ଏହି ବିପୁଳ ବିଜୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁଭେଚ୍ଛା ଜଣାଉଛି । ମଧ୍ୟପ୍ରଦେଶରେ ଏହି ବିପୁଳ ବିଜୟ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାରଙ୍କ ଜନକଲ୍ୟାଣକାରୀ ନୀତି ଓ ସୁଶାସନ ଉପରେ ଲୋକଙ୍କ ମୋହର ଅଟେ । ଛତିଶଗଡର ଜନଜାତି, ଗରିବ ଓ ଚାଷୀ ଭାଇ ଭଉଣୀମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ ବିଶ୍ୱାସ ରଖି ବିଜେପିକୁ ବହୁମତର ଆଶୀର୍ବାଦ ପ୍ରଦାନ କରିଛନ୍ତି । ଏହି ବିଶାଳ ବିଜୟ ପାଇଁ ଛତିଶଗଡବାସୀଙ୍କ ନିକଟରେ ଆମେ କୃତଜ୍ଞତା ଜ୍ଞାପନ କରୁଛୁ । ବୀରଭୂମି ରାଜସ୍ଥାନବାସୀଙ୍କୁ ମଧ ଆମେ ହୃଦୟରୁ କୃତଜ୍ଞତା ଜ୍ଞାପନ କରୁଛୁ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱାଧୀନ ବିଜେପିକୁ ବିଜୟ ଆଶୀର୍ବାଦ ଦେଇଥିବାରୁ ରାଜସ୍ଥାନବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଶାହ ।

## ଓଡିଶା ଅକ୍ଷମ କଲ୍ୟାଣ ସମାଜର ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ

ଜଳେଶ୍ୱର , ୦୩/୧୨ (ନି.ପ୍ର): ଜଳେଶ୍ୱରର ସମାଜସେବୀ ତଥା ଓଡିଶା ଅକ୍ଷମ କଲ୍ୟାଣ ସମାଜର ସଭାପତି ବିଷ୍ଣୁପଦ ମହାନ୍ତି ବିଶ୍ୱ ଭିନ୍ନକ୍ଷମ ଦିବସରେ ସ୍ୱାଗତ ଅଭିଭାଷଣ ରଖିଥିଲେ । କାର୍ଯ୍ୟକ୍ରମକୁ ଜଳେଶ୍ୱର ତାଲୁକ ଆଇନ୍‌ସେବା ସମିତିର ଅଧ୍ୟକ୍ଷା ନିଶା ସାମଲ ଓ ଜେଏମ୍‌ଏଫସି ସ୍ୱର୍ଣ୍ଣପ୍ରଭା ସ୍ୱାଇଁ ମିଳିତଭାବେ ଉଦ୍‌ଘାଟନ କରିଥିଲେ । ତାଲୁକ ଆଇନ୍‌ସେବା ସମିତି ପକ୍ଷରୁ ବିଦ୍ୟାଳୟର ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ ସଚେତନତା ବାର୍ତ୍ତା ଦେବା ସହିତ ଫଳ ବଣ୍ଟନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ତହସିଲଦାର ସଂଜୟ କୁମାର ପଣ୍ଡା ବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ଅଧିକ ସହଯୋଗ ପାଇଲେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ଓ ନିଜେ କାର୍ଯ୍ୟକ୍ଷମ ହୋଇ ପାରିବେ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ଚରଣ ପାତ୍ର ଯୋଗ ଦେଇ ଜଳେଶ୍ୱରର ଭିନ୍ନକ୍ଷମ ବିଦ୍ୟାଳୟ ଦ୍ୱାରା ଉତ୍ତର ବାଲେଶ୍ୱରର ଭିନ୍ନକ୍ଷମ ପୁଅଝିଅମାନେ କିପରି ମୂଖ୍ୟସ୍ରୋତରେ ସାମିଲ ହୋଇପାରିଛନ୍ତି ସେ ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ମାନସ ଜେନା, ପୌରାଧକ୍ଷ୍ୟ ପ୍ରତୀପ ପ୍ରଧାନ, ଭରତଚନ୍ଦ୍ର ସିଅଳ, ଲକ୍ଷ୍ମଣକୁମାର ରାଉଳ ବିଶ୍ୱ ଭିନ୍‌କ୍ଷମ ଦିବସ ପାଳନର ଆବଶ୍ୟକତା ସଂପର୍କରେ କହିଥିଲେ । କମିଟିର କାର୍ଯ୍ୟକାରୀ ସଦସ୍ୟ କମଳ ଚକ୍ରବର୍ତ୍ତୀ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଅନୁଷ୍ଠାନର ସାଧାରଣ ସଂପାଦକ ତଥା ନିର୍ଦ୍ଦେଶକ (ଆଜୀବନ ଅନ୍ଧ) ପ୍ରାଧ୍ୟାପକ ଯୁଗଳକିଶୋର ପ୍ରଧାନ ବାର୍ଷିକ ବିବରଣୀ ପାଠ ଓ ଏହି ଅନୁଷ୍ଠାନର ଅତୀତ ବିବରଣୀ ପ୍ରଦାନ କରିଥିଲେ । ଜାତୀୟ ରାଜପଥ ପ୍ରାଧିକରଣ ବିଭାଗର ସଂଜୟ ସୁନ୍ଦର ଘଟକ, ହେମନ୍ତ କୁମାର, ଦିଲ୍ଲିପ କୁମାର ଗିରି, ଶରତଚନ୍ଦ୍ର ପରିଡା, ଜିତାରାମ ଦେ, ସମରେଶ ଦିନ୍ଦା, ତାରାପଦ କର, ଶିରିସ ଚୌହନ, ରାଜେଶ ଠକର, ଅରୁଣ ରାଣୀ, ଡ. ରମାକାନ୍ତ ଭଂଜ, କେଦାରନାଥ ମହାନ୍ତି, ସୁବ୍ରତ ରଣା ପ୍ରମୁଖ ଏଥିରେ ସହଯୋଗ ଓ ପରିଚାଳନା କରିଥିଲେ । ଅନୁଷ୍ଠାନର ପୂର୍ବତନ ପ୍ରତିଷ୍ଠାତା ସଭାପତି ଲକ୍ଷ୍ମଣ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସହଦେବ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଲାୟନ୍ସ କ୍ଲବ ପକ୍ଷରୁ ସେଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ- ୨୦୨୩ ପାଳିତ




ବାଲେଶ୍ୱର, ୦୩/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଆଜି ସ୍ଥାନୀୟ ପରମିଟ୍ ପଡ଼ିଆଠାରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ- ୨୦୨୩ ପାଳିତ ହୋଇଯାଇଛି । ଭିନ୍ନକ୍ଷମଙ୍କ ଅନ୍ତର୍ଭୁକ୍ତି, ଅଭିଗମ୍ୟତା ଏବଂ ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ପାଇଁ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନା ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଭିନ୍ନକ୍ଷମଙ୍କ ଅଧିକାର ତଥା କଲ୍ୟାଣକୁ ଆଗକୁ ବଢ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶୃତିବଦ୍ଧ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ନିମନ୍ତେ ସମସ୍ତ ଅଂଶଗ୍ରହଣକାରୀ ଏବଂ ସମର୍ଥକମାନଙ୍କୁ ଅଧିକ ଅନ୍ତର୍ଭୂକ୍ତ କରିବା ତଥା ସୁବିଧାଜନକ ପରିବେଶ ସୃଷ୍ଟି ପାଇଁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି ବୋଲି କହିଥିଲେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଓ ଭିନ୍ନକ୍ଷମଙ୍କୁ ସଶକ୍ତ କରିବାରେ ସଭିଙ୍କର ମିଳିତ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଭିନ୍ନକ୍ଷମଙ୍କୁ ସମାଜର ସବୁ ସ୍ତରରେ ସାମାଜିକ ସୁରକ୍ଷା ଯୋଗାଇ ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ବର୍ତ୍ତମାନର ସବୁଠାରୁ ବଡ ଆବଶ୍ୟକତା ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ନିଜର ବାର୍ତ୍ତା ରଖିଥିଲେ ଓ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ କୃଷ୍ଣ ଚନ୍ଦ୍ର ବେହେରା ଭିନ୍ନକ୍ଷମଙ୍କ କଲ୍ୟାଣ ନିମନ୍ତେ ଜିଲ୍ଲାରେ ଚାଲିଥିବା ଯୋଜନା ଯଥା ପେନ୍ସନ ଯୋଜନା, ବନିଶ୍ରୀ ଛାତ୍ରବୃତ୍ତି, ଛାତ୍ରଛାତ୍ରୀଙ୍କ ପାଇଁ ଲାପଟପ୍ ଆଦି ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଏଠାରେ ସୂଚନା ଥାଉ କି, ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ- ୨୦୨୩ ପାଳନ ଅବସରରେ ସକାଳ ଘ. ୮.୩୦ ସମୟରେ ଏକ ସଚେତନତା ରାଲିର (ୱାକାଥନ୍) ଆୟୋଜନ କରାଯାଇଥିଲା ଓ ଉଭୟ ସକ୍ଷମ ଓ ଭିନ୍ନକ୍ଷମ ଲୋକଙ୍କୁ ଅନ୍ତର୍ଭୁକ୍ତ କରି ଏହି ରାଲି କଲେକ୍ଟୋରେଟ୍ ପରିସରରୁ ଆରମ୍ଭ ହୋଇ ପରମିଟ୍ ପଡ଼ିଆ ଠାରେ ସମାପ୍ତ ହୋଇଥିଲା ଓ ସେହି ଭଳି ପରମିଟ୍ ପଡ଼ିଆ ଠାରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ନିମନ୍ତେ ଅନେକ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ଓ ବରିଷ୍ଠ ସାମ୍ବାଦିକ ଶ୍ରୀ ସର୍ବେଶ୍ୱର ଦାସ ଓ ମଦର ଟେରେସା ସେବା ସଂଘଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା ଓ ପରିଶେଷରେ ବିଭିନ୍ନ କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ଆଶା ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ



ବସ୍ତା , ୦୩/୧୨ (ନି.ପ୍ର): ବାଲେଶ୍ୱରଜିଲ୍ଲା ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ସାନଖୁଡି ସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ 'ଆଶା'ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୂକ ଓ ବଧିର ଆବାସିକ ବିଦ୍ୟାଳୟ, ଫିଜିଓଥେରାପି କେନ୍ଦ୍ର ଓଏଲିନା ଏଲିଶା ମାନସିକ ଅନଗ୍ରସର ବିଦ୍ୟାଳୟରେ ରବିବାର ସକାଳେ ଆନ୍ତର୍ଜାତୀକ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଆଶା ର ପ୍ରତିଷ୍ଠାତା, ସମ୍ପାଦକ, ଯୁବ ସମାଜ ସେବୀ ଏବଂ ବିଦ୍ୟାଳୟ ର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅମର କୁମାର ପାଲଙ୍କ ପୌରହିତ୍ୟ ରେ ଏହି ମଞ୍ଚରେ ଆଶା ର ପୂର୍ବତନ ସମ୍ପାଦିକା ମଞ୍ଜୁବତି ବିଶ୍ୱାଳ ଓ ବସ୍ତା ପ୍ରେସକ୍ଲବର ସଭାପତି ତଥା ବରିଷ୍ଠ ସାମ୍ବାଦିକ ବିଜୟ କୁମାର ଭୂୟାଁ ଦିବ୍ୟଙ୍ଗ ଦିବସ କାହିଁକି ପାଳନ କରୁଛୁ ଏବଂ ଆମ ସମାଜ ରେ ଥିବା ଦିବ୍ୟାଙ୍ଗ ମାନଙ୍କ ପ୍ରତି ଲୋକ ମାନେ କିପରି ସେମାନଙ୍କର ଚିନ୍ତା ଧାରାରେ ଓ ମନ ବୃତ୍ତି ରେ ପରିବର୍ତନ ଆଣିବା ଦରକାର ସେ ବାବଦରେ ଅନେକ ସାରଗର୍ଭକ କଥାମାନ କହିବା ସହିତ ଶ୍ରୀଯୁକ୍ତ ପାଲ ଏହି ଦିନଟିର ଗୁରୁତ୍ୱ ବାବଦରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମାନ ଉପସ୍ଥାପନ କରିଥିଲେ। ଅନୁଷ୍ଠାନର ଶିକ୍ଷକ ଚନ୍ଦନ କୁମାର ବିଶ୍ୱାଳ, ନିର୍ମଳା ବାସିନୀ ସେନାପତି, ସ୍ମିତାରାଣୀ ମହାପାତ୍ର, ପ୍ରଦୀପ କୁମାର ସାହୁ, ଜୟଶ୍ରୀ ସ୍ୱାଇଁ, ଅରୁଣ କୁମାର ଦାସ, ଅଶୋକ ବିଶ୍ୱାଳ, ଭକ୍ତ ରଞ୍ଜନ ସାହୁ, ସଂଧ୍ୟାରାନି ବିଶ୍ୱାଳ, ପ୍ରଜ୍ଞା ପ୍ରକାଶ ପାଲ, ସୁମନା ପରିଡ଼ା, ଗୋପାଳ ଆଇଚ, ଅପର୍ଣ୍ଣ । ରାଉତ, ନରୋତ୍ତମ ବିଶ୍ୱାଳ, ଅଜୟ କୁମାର ଦଲେଇ, ହେମାଙ୍ଗିନି ମହାରର୍ଣ୍ଣ। , ଅଞ୍ଜୁରାନି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପାଧକ୍ଷା ଶ୍ରୀମତୀ ଅପରାଜିତା ସେନାପତି ଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇଥିଲା।


## ବ୍ଲକସ୍ତରୀୟ ବିଶ୍ୱଭିନ୍ନକ୍ଷମ ଦିବସ ପାଳିତ

ଜଳେଶ୍ୱର , ୦୩/୧୨ (ନି.ପ୍ର): ଶାନ୍ତିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ନେଇ ବ୍ଲକ ସ୍ତରୀୟ ଭିନ୍ନକ୍ଷମ ସଚେତନତା ରାଲି ଅନୁଷ୍ଠିତ ହୋଇଛି । ବିଆର୍‌ସିସି ସୁଶାନ୍ତ ଜେନା ଏହାକୁ ଉଦ୍‌ଘାଟନ କରିଥିବା ବେଳେ ମଚଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ମାନସ ଜେନା, ସମ୍ମାନୀତ ଅତିଥିଭାବେ ବିଆରପି ସୁବ୍ରତ ସୁତାର, ରଂଜିତା ମହାନ୍ତି, ପ୍ରଧାନେ ଶିକ୍ଷୟତ୍ରୀ ଜୟନ୍ତୀ କରଣ, ସିଆର୍‌ସି ଅଜିତ୍ କୁମାର ପାତ୍ର ଯୋଗ ଦେଇଥିଲେ । ସୁଶାନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଗତ ମ୍ୟାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ପ୍ରଣିତା ପ୍ରଧାନ, ମିର୍ଜା କିସ୍କୁ, ଦେବାଶିଷ ସାହୁ, ଆଇ ସ୍ୱେଚ୍ଛାସେବୀ ମାନଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଦିଲ୍ଲିପ କୁମାର ସେଠୀ ମଂଚ ଆହ୍ୱାନ କରିଥିବା ବେଳେ ଶ୍ୟାମସୁନ୍ଦର ଦେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ: ଦିବ୍ୟାଙ୍ଗ ଛାତ୍ର ଛାତ୍ରୀମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାର ପ୍ରୟାସ

ଖୋର୍ଦ୍ଧା, ୦୩/୧୨ (ନି.ପ୍ର): ଗୋଷ୍ଠୀ ଶିକ୍ଷାକାର୍ଯ୍ୟାଳୟ ଖୋର୍ଦ୍ଧା ଆନୁକୁଲ୍ୟରେ ଆର୍ନ୍ତଜାତୀୟ ଦିବ୍ୟାଙ୍ଗ ଦିବସ ପ୍ରାଟିସିଂ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଯୋଗ ଦେଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ସକ୍ରିୟ ଅଂଶଗ୍ରହଣ, ସମାନ ଅଧିକାର, ଅଧିକାରର ସୁରକ୍ଷା, ଦେଶ ବିକାଶରେ ସେମାନଙ୍କର ପୂର୍ଣ୍ଣ ସହଯୋଗ ଉପରେ ଆଲୋକପାତ କରିବା ସହିତ ସମସ୍ତଙ୍କୁ ସାଥୀରେ ନେଇ ଦେଶର ପୁନଃ ଗଠନ କରିବାରେ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ତଥା ବ୍ୟକ୍ତିମାନଙ୍କର ସକ୍ରିୟ ଅଂଶଗ୍ରହଣ ନିତ୍ୟାନ୍ତ ଆବଶ୍ୟକ ବୋଲି ମତ ବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରାଟିସିଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନବ କିଶୋର ମହାପାତ୍ର ଦିବ୍ୟାଙ୍ଗ ଛାତ୍ର ଛାତ୍ରୀମାନେ ମୁଖ୍ୟ ସ୍ରୋତରେ କିପରି ସମ୍ପୂର୍ଣ୍ଣ ଭାବେ ସାମିଲ ହେବେ ଓ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ଦେଶ ବିକାଶରେ ସହଯୋଗ କରିବେ । ଆଗ୍ରହ, ସ୍ନେହ, ସଦିଚ୍ଛା, ଭାବପୂର୍ଣ୍ଣ ଏବଂ ଆନନ୍ଦମୟ ଶିକ୍ଷା କିପରି ଦିବ୍ୟାଙ୍ଗ ଛାତ୍ର ଛାତ୍ରୀମାନେ ସମ୍ପୂର୍ଣ୍ଣ ସହଯୋଗ ସହ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଶେଷ ଧ୍ୟାନ ଦେବା ପାଇଁ ଆଜିର ଦିବସରେ ସଂକଳ୍ପ ବଦ୍ଧ ହେବା ଉଚିତ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଦିବ୍ୟାଙ୍ଗ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସମ୍ବଳ ଶିକ୍ଷୟିତ୍ରୀ ସସ୍ମିତା ବଳିୟାରସିଂହ, ତୃପ୍ତିଲତା ଦାସ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧରେ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୁଧିଷ୍ଠିର ସାହୁ, ରବିନ୍ଦ୍ର ପ୍ରଧାନ, ଅମିୟ ପରିଡ଼ା, ରବିନାରାୟଣ ପଣ୍ଡା, ରବିନାରାୟଣ ସାହୁ, ବିକାଶ ମୁଦୁଲି, ଭାଗ୍ୟଶ୍ରୀ ମହାପାତ୍ର, ପୂର୍ଣ୍ଣଲକ୍ଷ୍ମୀ ମହାରଣା, ଧୃବଚରଣ ରଣା, ଅମୟ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପରିଶେଷରେ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜିକା ନରଣଗଡ଼ ରେବତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଦଳାରେ ଆବାସ ଯୋଜନାର ସମୀକ୍ଷା ବୈଠକ



ଉଦଳା , ୦୩/୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟକାରିତାକୁ ନେଇ ସମିକ୍ଷା ବୈଠକ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ନଗରପାଳ ପ୍ରମିଳା ପଣ୍ଡା ଉକ୍ତ ବୈଠକରେ ଅଧକ୍ଷତା କରିଥିବା ବେଳେ ଓଡ଼ିଶା ଅର୍ବାନ ହାଉସିଂ ମିଶନର ଟିମ ଲିଡ଼ର ପାର୍ଥ ସାରଥୀ ସାହୁ, ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରାଙ୍କ ସମେତ ବିଭିନ୍ନ ୱାର୍ଡ଼ର କାଉନସିଲର ମାନେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ବେହେରା ଓଦଳା ବିଜ୍ଞାପିତ ଅଂଚଳ ଦରିଷଦର ୧୨ ଗୋଟି ୱାର୍ଡ଼ ରହିଛି ଓ ବର୍ତମାନ ସୁଦ୍ଧା ୧୦୫୦ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦିଆଯାଇଛି, ସେଥିମଧରୁ ୮୦୭ ଜଣ ହିତାଧିକାରୀ ଘରକାମ ସାରି ଫାଇନାଲ ବିଲ ଉଠାଇ ସାରିଛନ୍ତି । ଅବଶିଷ୍ଟ ୨୪୩ ଜଣ ହିତାଧିକାରୀଙ୍କର କାମ ଚାଲିଛି ବୋଲି ସୂଚନା ପ୍ରଦାନ କରିଥିଲେ। କେତେକ ହିତାଧିକାରୀ ଦିର୍ଘ ଦିନ ଧରି ୱାର୍କ ଅର୍ଡ଼ର ନେଇଥିଲେ ମଧ ଘର କାମ ଅଧା କରି ପକାଇ ରଖିଥିବାରୁ ନଗରପାଳ ଓ ନିର୍ବାହୀ ଅଧିକାରୀ ଉଭୟେ ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ । ଏହାପରେ ଓଡ଼ିଶା ଅର୍ବାନ ହାଉସିଂ ମିଶନର ଟିମ ଲିଡ଼ର ଶ୍ରୀଯୁକ୍ତ ସାହୁ ଆବାସ ଯୋଜନାର ନିୟମାବଳୀ, ହିତାଧିକାରୀ ଚୟନ ଠାରୁ ଆରମ୍ଭ କରି ପ୍ରାପ୍ୟ ପ୍ରଦାନ ପର୍ଯ୍ୟନ୍ତ ସମସ୍ତ ଦିଗ ଉପରେ ଆଲୋକପାତ କରିବା ସହ ଆବାସ ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ । ଏହା ପୁର୍ବରୁ ଟିମ ଲିଡ଼ର ନିଜେ ବିଭିନ୍ନ ୱାର୍ଡ଼ରେ ସରଜମିନ ତଦନ୍ତ କରି ଯାହା ଅନୁଭବ କରିଥିଲେ ତାହା ବୈଠକରେ ପ୍ରକାଶ କରିଥିଲେ । ନିର୍ଦ୍ଧାରିତ ସମୟସୀମା ମଧରେ ଗୃହ ନିର୍ମାଣ କାମ ନସାରିଲେ ଏବଂ ବିନିଯୋଗ ପ୍ରମାଣପତ୍ର ଦିଆନଗଲେ ଆଗାମି ଦିନରେ ଏହି ପରିଷଦକୁ ଆବାସ ଯୋଜନାର ଅନୁଦାନ ମିଳିନପାରେ ବୋଲି ସତର୍କ କରାଇଦେଇଥିଲେ ।

## ବାରିପଦା ପୌରପାଳିକାରେ ମୁକ୍ତା ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ




ବାରିପଦା : ବାରିପଦା ପୌରପାଳିକା ପକ୍ଷରୁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ( ମୁକ୍ତା ) ଯୋଜନାରେ ୧୨୨ ଗୋଟି ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ବସ୍ତି ବାସିନ୍ଦା ସଂଘ ମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସ୍ଥାନୀୟ ଶହୀଦ ସ୍ମୃତି ଭବନଠାରେ ଏହି ଉପଲକ୍ଷେ ଅନୁଷ୍ଠିତ ଏକ ସଭାରେ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଓ ରାଜ୍ୟ ସହରାଞ୍ଚଳ ନଗର ଉନ୍ନୟନ ପ୍ରକଳ୍ପର ନିର୍ଦ୍ଦେଶକ ତଥା ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗର ଯୁଗ୍ମ ସଚିବ ସାରଦା ପଣ୍ଡା ଯୋଗଦେଇ କରୋନା ସମୟରେ ସାରା ରାଜ୍ୟରେ ସହରାଞ୍ଚଳର ଲୋକମାନଙ୍କୁ ରୋଜଗାର ଯୋଗାଇ ଦେବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିନ ଆରମ୍ଭ କରାଯାଇଥିବା ବେଳେ ଆଜିର ଦିନରେ ଏହା ଏକ ଆନ୍ଦୋଳନରେ ପରିଣତ ହୋଇଅଛି ବୋଲି କହିଥିଲେ। ବାରିପଦା ପୌରାଞ୍ଚଳର ୨୮ ଗୋଟି ୱାର୍ଡର ସୟଂ ସହାୟିକା ଗୋଷ୍ଠୀ ଏବଂ ବସ୍ତି ବାସିନ୍ଦା ସଂଘ ମାନଙ୍କୁ ପେଭର ରୋଡ ନିର୍ମାଣ, ଓପନ ଜିମ, ଶିଶୁ କ୍ରୀଡା ଉପକରଣ ସ୍ଥାପନ, ଖୋଲାସ୍ଥାନର ଉନ୍ନତିକରଣ, ପରିଚୟ ଗୃହ ଇତ୍ୟାଦି କାର୍ଯ୍ୟ କରିବା ପାଇଁ ପ୍ରାୟ ୧୨ କୋଟି ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଅନ୍ୟମାନଙ୍କ ମଧରେ ଉପ-ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧୁକାରୀ ବସନ୍ତ ସେଠୀ, ସମସ୍ତ କାଉନସିଲରଗଣ, ସିଟି ମିଶନ ମ୍ୟାନେଜର ଅଜିତ କୁମାର ମହାନ୍ତି, ଗୋଷ୍ଠୀ ସଂଗଠିକା ଦିପ୍ତି ମହାନ୍ତ, କୁନିଆ ସାହୁ, ନମିତା ସାମଲ, ମୁକ୍ତା ଯୋଜନା କାର୍ଯ୍ୟକାରୀ ବିଶେଷଜ୍ଞ ଲୋମାଜିନ ସାମଲ, ମୁକ୍ତା ଯୋଜନା ସଂଯୋଜକ ମନୋରଂଜନ ବେହେରା, ମୁକ୍ତା ଆକାଉଣ୍ଟାଟ ରାଜେଶ ବେହେରା, ତପନ ବେହେରା, ବନୀତା ରଣା, ପୁଷ୍ପଲତା ନାୟକ, ଏକତା ବାରିକ ପ୍ରମୁଖ ଯୋଗ ଦେଇଥିଲେ।

## ୩ଟି ରାଜ୍ୟର ବିଜେପିର ବିଜୟ ପରେ ନୀଳଗିରି ବିଜେପି କାର୍ଯ୍ୟାଳୟରେ ଖୁସିର ମାହୋଲ



ନୀଳଗିରି , ୦୩/୧୨ (ନି.ପ୍ର): ରବିବାର ଦିନ ୪ଟି ରାଜ୍ୟରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିବା ବେଳେ ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡରେ ବିଜେପି ବାଜିମାତ କରିଥିବା ବେଳେ ତେଲେଙ୍ଗାନା ରେ ଜାତୀୟ କଂଗ୍ରେସ ବିଜୟ ଲାଭ କରିଛି। ୩ଟି ରାଜ୍ୟରେ ବିଜେପିର ବିଜୟ ପରେ ନିଳଗିରି ବିଜେପି କାର୍ଯ୍ୟାଳୟରେ ଆନନ୍ଦଉତ୍ସବ ପାଳନ କରାଯାଇଛି। ନରେନ୍ଦ୍ର ମୋଦୀ ଜିନ୍ଦାବାଦ ବିଜେପି ଜିନ୍ଦାବାଦ, ନାରା ଦେବା ସହ ବାଣ ଫୁଟାଇ, ପରସ୍ପରକୁ ମିଠାଇ ଖୁଆଇଥିଲେ। ଏହି ଅବସରରେ ନିଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ଗଙ୍ଗାଧର ମିଶ୍ର, କରୁଣାକର ପଣ୍ଡା, ଚନ୍ଦ୍ରବିନ୍ଦୁ ଦାସ, ଦେବାଶିଷ ଆଚାର୍ଯ୍ୟ, ପ୍ରଫୁଲ୍ଲ ଦଳାଇ, ମନୋରଞ୍ଜନ ବେହେରା, ସୁବାଶିଷ ଆଚାର୍ଯ୍ୟ, ଅଚ୍ୟୁତ ପ୍ରଧାନ, ସଞ୍ଜୟ ନାୟକ, ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo